

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୨ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 JANUARY 2022
Vol.No. 33 ■ No. 21 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସ୍ଥାନାନ୍ତର ହେଲା 'ଅମର ଯବାନ ଜ୍ୟୋତି'

ନୂଆଦିଲ୍ଲୀ,୨୧/୦୧: ବଦଳିଲା 'ଅମର ଯବାନ ଜ୍ୟୋତି'ର ଠିକଣା। ଇଣ୍ଡିଆ ଗେଟ୍‌ରୁ ଜାତୀୟ ଯୁଦ୍ଧ ସ୍ମାରକୀକୁ ହେଲା ସ୍ଥାନାନ୍ତର। ଜାତୀୟ ଯୁଦ୍ଧ ସ୍ମାରକୀରେ ବିଲୟ ଘଟିଲା ଗତ ୫୦ ବର୍ଷ ଧରି ଜଳୁଥିବା ଅମର ଯବାନ ଜ୍ୟୋତି। ଜଣେ ମଶାଲ ବାହକଙ୍କ ଦ୍ୱାରା ଏହି ଜ୍ୟୋତିକୁ ଜାତୀୟ ସ୍ମାରକୀ ନିଆଯାଇଛି। ଏହାପରେ ସେଠାରେ ସହିଦ ଯବନାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯିବା ସହ ଶ୍ରଦ୍ଧାଞ୍ଜଳି ଦେଇଛି ଭାରତୀୟ ସେନା। ତେବେ ଅମର ଯବାନ ଜ୍ୟୋତିକୁ ସ୍ଥାନାନ୍ତରକୁ ନେଇ ପ୍ରଥମେ ଅନେକ ବିବାଦ ଉପୁଜିଥିଲା। ବିରୋଧୀ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହା ପରେ ଅମର ଯବାନ ଜ୍ୟୋତି ଲିଭିବନି ବରଂ ଏହା ବିଲୟ ହୋଇ ଦେଶ ସ୍ୱାଧୀନ ପରର ସମସ୍ତ ସହିଦଙ୍କୁ ସମ୍ମାନ ଜଣାଇବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଯେଉଁ




ଯବାନମାନେ ସହିଦ ହୋଇଥିଲେ, ସେମାନଙ୍କ ସ୍ମୃତିରେ ଏହି ଜ୍ୟୋତିକୁ ଜଳାଯାଇଥିଲା । ଏହି ଯୁଦ୍ଧରେ ଭାରତର ବିଜୟ ହୋଇଥିଲା ଏବଂ ବାଙ୍ଗଲାଦେଶର ଗଠନ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଜାନୁଆରୀ ୨୬, ୧୯୭୨ରେ ଅମର ଜ୍ୟୋତିର ଉଦ୍‌ଘାଟନ କରିଥିଲେ । ଜାତୀୟ ଯୁଦ୍ଧ ସ୍ମାରକୀ ୨୦୧୯ରେ ସ୍ଥାପନ ହୋଇଥିଲା। ପ୍ରାୟ ୧୭୬ କୋଟି ଟଙ୍କାରେ ଏହି ସ୍ମାରକୀକୁ ତିଆରି କରାଯାଇଥିଲା। ଏଠାରେ ପ୍ରାୟ ୨୬,୦୦୦ ସହିଦ ଯବାନଙ୍କ ନାଁ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଜାତୀୟ ଯୁଦ୍ଧ ସ୍ମାରକୀ ଭବନ (National War Memorial) ଉଦ୍‌ଘାଟନ ହେବା ପରେ ସମସ୍ତ ସାମରିକ ସମାରୋହ କାର୍ଯ୍ୟକ୍ରମକୁ ଇଣ୍ଡିଆ ଗେଟ୍ ମେମୋରିଆଲରୁ ସେଠାକୁ ସ୍ଥାନାନ୍ତର କରାଯାଇଛି। ଏହା ସ୍ୱତନ୍ତ୍ର ଭାବେ ଦେଶର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବାରୁ ଅମର ଯବାନ ଜ୍ୟୋତିକୁ ମଧ୍ୟ ଏହା ସହ ବିଲୟ କରାଯିବ ବୋଲି ସ୍ପଷ୍ଟ କରାଯାଇ କୁହାଯାଇଛି।

## ଡେପୁଟେସନକୁ ନେଇ ମୁହାଁମୁହିଁ କେନ୍ଦ୍ର-ରାଜ୍ୟ

ନୂଆଦିଲ୍ଲୀ,୨୧/୦୧: ପ୍ରଶାସନିକ ଅଧିକାରୀ ଡେପୁଟେସନରେ ଯିବାକୁ ହେଲେ ରାଜ୍ୟର ଅନୁମତି ଆଉ ଆବଶ୍ୟକ ପଡିବନି । ଏଥିପାଇଁ ଉଦ୍ଦିଷ୍ଟ ନିୟମରେ ପରିବର୍ତନ ଆଣିବାକୁ କେନ୍ଦ୍ର ଆଗଭର ହୋଇଛି । ହେଲେ ଏହି ପଦକ୍ଷେପ ସଂଘୀୟ ଗଣତନ୍ତ୍ର ପାଇଁ ବିପଦ ଆଣିବ ବୋଲି ଯୁକ୍ତି ବାଢି ଏକାଧିକ ରାଜ୍ୟ ଏହାକୁ ବିରୋଧ କରିବା ଆରମ୍ଭ କରିଛନ୍ତି । ଭାରତୀୟ ପ୍ରଶାସନିକ ସେବା କ୍ୟାଡର୍ ନିୟମ ୧୯୫୪ର ଧାରା ୬ରେ ପରିବର୍ତ୍ତନ ଆଣିବାକୁ କେନ୍ଦ୍ର ପଦକ୍ଷେପ ନେବା ଆରମ୍ଭ କରିଛି । ଏହାଦ୍ୱାରା କେନ୍ଦ୍ର ସରକାର ଯେଉଁ ଅଧିକାରୀଙ୍କୁ ଚାହିଁବେ, ରାଜ୍ୟର ବିନା ଅନୁମତିରେ




ଡେପୁଟେସନରେ ନେଇପାରିବେ । କେନ୍ଦ୍ରରେ ଅଧିକାରୀଙ୍କ ଅଭାବ ଦର୍ଶାଇ, ଏଭଳି ନିଷ୍ପତି ନିଆଯାଉଥିବା ଯଦିଓ ଯୁକ୍ତି ଦର୍ଶାଯାଉଛି, ହେଲେ ପଶ୍ଚିମବଙ୍ଗ, ତାମିଲନାଡୁ, ବିହାର, ମହାରାଷ୍ଟ୍ର, କେରଳ, ତେଲେଙ୍ଗାନା ଭଳି ରାଜ୍ୟ ଏହାକୁ ଖୋଲାଖୋଲି ବିରୋଧ କରୁଛନ୍ତି । ଦେଶର ପ୍ରଶାସନିକ ବ୍ୟବସ୍ଥା କେନ୍ଦ୍ର-ରାଜ୍ୟ ସମ୍ପର୍କର ପରିଧିରେ ପରିଚାଳିତ । ଉଭୟଙ୍କୁ ସମ୍ବିଧାନ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି । କିଏ କେଉଁଠି ନିଯୁକ୍ତି ପାଇବେ, ରାଜ୍ୟ ସରକାର ପ୍ରଶାସନିକ ସୁବିଧା ଅନୁଯାୟୀ ନିଷ୍ପତି ନେବେ । ଏହା ଉପରେ କୁଠାରାଘାତ କରାଯାଉଥିବା, ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି । ଡେପୁଟେସନର ଧାରା-୬ରେ ଆସିବାକୁ ଯାଉଥିବା ପରିବର୍ତନ ଅନୁଯାୟୀ କେନ୍ଦ୍ର କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦେଲେ, ରାଜ୍ୟ ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିବ । ରାଜ୍ୟ କ୍ୟାଡରରେ ଥିବା ଅଧିକାରୀଙ୍କ ମଧ୍ୟରୁ ୪୦% ଡେପୁଟେସନରେ ରହିବେ । ରାଜ୍ୟ ଏନେଇ ନିୟମିତ ତାଲିକା ପ୍ରସ୍ତୁତ କରିବ । କେନ୍ଦ୍ର-ରାଜ୍ୟ ମଧ୍ୟରେ ନିଯୁକ୍ତି ନେଇ ବିବାଦ ଉପୁଜିଲେ, କେନ୍ଦ୍ର ନିଷ୍ପତି ଚୂଡାନ୍ତ । ରାଜ୍ୟ କେନ୍ଦ୍ରର ନିଷ୍ପତିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବ । ଜାନୁଆରୀ ୧୨ରେ ଓଡିଶା ସମେତ ସବୁ ରାଜ୍ୟକୁ ଏହି ମର୍ମରେ ଚିଠି ଆସିଛି । ୨୫ ତାରିଖ ସୁଦ୍ଧା ଏହା ଉପରେ ଆଭିମୁଖ୍ୟ ଜଣାଇବାକୁ କୁହାଯାଇଛି । ରାଜ୍ୟ ଗୁଡିକରୁ ମତାମତ ଆସିବା ପରେ ସଂଶୋଧିତ ନିୟମ ପ୍ରକାଶ ପାଇବ । ▶▶ପୃଷ୍ଠା ୭

## ଯୁପି ଭୋଟ୍ ପାଇଁ କଂଗ୍ରେସର ମାଷ୍ଟର କାର୍ଡ

- ୨୦ ଲକ୍ଷ ସରକାରୀ ଚାକିରୀ
- ୮ ଲକ୍ଷ ସରକାରୀ ପଦବୀ କେବଳ ମହିଳାଙ୍କ ପାଇଁ
- ପରୀକ୍ଷାର୍ଥୀଙ୍କ ପାଇଁ ବସ୍ ଓ ଟ୍ରେନ ଯାତ୍ରା ମାଗଣା
- ସମସ୍ତ ପ୍ରତିଯୋଗୀତା ମୂଳକ ପରୀକ୍ଷା ଶୁଳ୍କ ମାଗଣା
- ଖାଲି ଥିବା ୧ ଲକ୍ଷ ୫୦ ହଜାର ଶିକ୍ଷକ ପଦବୀ ପୂରଣ
- ୩୦ ବର୍ଷରୁ ଅଧିକ ବୟସ୍କଙ୍କୁ ଚାକିରୀରେ ଦିଆଯିବ ପ୍ରାଥମିକତା

ନୂଆଦିଲ୍ଲୀ,୨୧/୦୧: ଉତରପ୍ରଦେଶ ପାଇଁ କଂଗ୍ରେସ ଜାରି କରିଛି ଯୁଥ୍ ମାନିଫେଷ୍ଟୋ । ଉତରପ୍ରଦେଶ ନିର୍ବାଚନ ପାଇଁ ଯୁବବର୍ଗଙ୍କ ପାଇଁ ନିର୍ବାଚନୀ ଇସ୍ତାହାର ଘୋଷଣା କରିଛି କଂଗ୍ରେସ । ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି । ୨୦ ଲକ୍ଷ ସରକାରୀ ଚାକିରି ସହିତ ଏହି ଯୁଥ୍ ମାନିଫେଷ୍ଟୋରେ ୮ ଟି ପ୍ରତିଶ୍ରୁତି ଦେଇଛି କଂଗ୍ରେସ । ଘୋଷଣାପତ୍ରରେ କୁହାଯାଇଛି, ଦଳ କ୍ଷମତାକୁ ଆସିଲେ ୨୦ ଲକ୍ଷ ସରକାରୀ ଚାକିରି ଦେବ । ହାତରେ ଉତରପ୍ରଦେଶ ନିର୍ବାଚନ ପାଇଁ ରହିଥିବା ଏ ଇସ୍ତାହାର ବହିକୁ ଦେଖନ୍ତୁ । ଯୁପି ନିର୍ବାଚନ ପାର ହେବାକୁ କଂଗ୍ରେସ ଏଥର ଫୋକସ କରିଛି ଯୁବବର୍ଗଙ୍କ ଉପରେ । ଯୁବ ବର୍ଗଙ୍କୁ ମନେଇବାକୁ ରାହୁଲ ଓ ପ୍ରିୟଙ୍କା ଜାରି କରିଛନ୍ତି ଯୁବବର୍ଗଙ୍କ



ପାଇଁ ବିଶେଷ ନିର୍ବାଚନୀ ଇସ୍ତାହାର । ଲଖନୌରେ ଏହି ଯୁଥ୍ ମାନିଫେଷ୍ଟୋକୁ ଘୋଷଣା କରିବା ସମୟରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଅନେକ ଲୋଭନୀୟ ପ୍ରତିଶ୍ରୁତି ରଖିଛନ୍ତି । କ୍ଷମତାକୁ ଆସିଲେ ଏଥର କଂଗ୍ରେସ ଯୁପିରେ ୨୦ ଲକ୍ଷ ଯୁବକ ଯୁବତୀଙ୍କୁ ଚାକିରୀ ପ୍ରଦାନ କରିବାକୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଛି । ଏହି ଯୁଥ୍ ମାନିଫେଷ୍ଟୋ ଘୋଷଣା ଅବସରରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ବିଜେପିକୁ ଟାର୍ଗେଟ୍ କରିବାକୁ ପଛେଇ ନଥିଲେ । ରାହୁଲ ଗାନ୍ଧୀ କହିଥିଲେ, ସରକାର କେବଳ ଉଦ୍ୟୋଗପତିଙ୍କ ହାତକୁ ମଜବୁତ କରୁଛି । ପ୍ରତି ୨୪ ଘଂଟାରେ ପାଖାପାଖି ୮୮୦ ଜଣ ଯୁବକ ଯୁପିରେ ▶▶ପୃଷ୍ଠା ୭

## ସୁପ୍ରିମ କୋର୍ଟ ବାହାରେ ଯୁବକ ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଲେ

ନୂଆଦିଲ୍ଲୀ, ୨୧/୦୧ (ନି.ପ୍ର): ସୁପ୍ରିମ କୋର୍ଟ ପାଖକୁ ଶୁକ୍ରବାର ଦ୍ୱିପ୍ରହର ଜଣେ ବ୍ୟକ୍ତି ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଛି। ଆଖପାଖରେ ଉପସ୍ଥିତ ଲୋକ ଏବଂ ପୋଲିସ୍ ନିଆଁକୁ ଆୟତ କରିଛନ୍ତି। ଘଟଣାରେ ଆହତ ବ୍ୟକ୍ତିକୁ ଚିକିତ୍ସା ପାଇଁ ନିକଟବର୍ତୀ ହସ୍ପିଟାଲରେ ଭର୍ତି କରାଯାଇଛି। ବର୍ତମାନ ଯୁବକ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ନେଇ ସ୍ପଷ୍ଟ ସୂଚନା ପୋଲିସ୍‌କୁ ମିଳିନାହିଁ। ସୂଚନା ଅନୁଯାୟୀ ମଧ୍ୟାହ୍ନ ସମୟରେ ଜଣେ ବ୍ୟକ୍ତି ନିଜକୁ ସୁପ୍ରିମକୋର୍ଟ ଗେଟ୍ ନମ୍ବର - ୧ର କିଛି ଦୂରରେ ନିଆଁ ଲଗାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ସୁରକ୍ଷାକର୍ମୀମାନେ ତୁରନ୍ତ ନିଆଁକୁ ଆୟତ କରି ତାକୁ ପିସିଆର୍ ସାହାଯ୍ୟରେ ହସ୍ପିଟାଲ ପହଂଚାଇଛନ୍ତି। ତେବେ ପୁରା ମାମଲାର ଯାଂଚ କରାଯାଉଛି।

## କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାଁରେ କର୍ମଚାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ

ବାରିପଦା, ୨୧/୦୧ (ନି.ପ୍ର): କେନ୍ଦ୍ର ଜଳ ଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାଁରେ ଆସିଛି ସାଂଘାତିକ ଅଭିଯୋଗ। ସେ ରିଭ୍ୟୁ ପାଇଁ ଦୁଇ ସରକାରୀ ଅଧିକାରୀଙ୍କୁ ଦଳୀୟ କାର୍ଯ୍ୟାଳୟକୁ ଡାକି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏମିତିକି ସେମାନଙ୍କ ମଧ୍ୟରୁ ଜଣେ ଅଧିକାରୀଙ୍କ ହାତ ଭାଙ୍ଗି ଯାଇଛି। ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ଟୁଡୁ ଏହାକୁ ଖଣ୍ଡନ କରିଛନ୍ତି। ଏହି ଦୁଇ ଅଧିକାରୀ ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ଡେପୁଟି ଡାଇରେକ୍ଟର ଅଶ୍ୱିନୀ ମଲ୍ଲିକ ଓ ଆସିଷ୍ଟାଣ୍ଟ ଡାଇରେକ୍ଟର ଦେବାଶିଷ ମହାପାତ୍ର। ମନ୍ତ୍ରୀଙ୍କ ମାଡ଼ରେ ଦେବାଶିଷ ମହାପାତ୍ରଙ୍କ ହାତ ଭାଙ୍ଗି ଯାଇଛି। ଉଭୟ ବାରିପଦା ମେଡିକାଲ କଲେଜ ଓ

### ଅଭିଯୋଗକୁ ଖଣ୍ଡନ କଲେ କେନ୍ଦ୍ରମନ୍ତ୍ରୀ



ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସମୀକ୍ଷା କରିବା ପାଇଁ ଏହି ଦୁଇ ଅଧିକାରୀଙ୍କୁ ଗତକାଲି ଠାରୁ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କୁ ପ୍ରଥମେ ସର୍କିଟ୍ ହାଉସ୍‌କୁ ଡକା ଯାଇଥିଲା। ପରେ ଦଳୀୟ କାର୍ଯ୍ୟକୁ ଡକାଯାଇଥିଲା। ତେବେ ଏହି ଦୁଇ ଅଧିକାରୀ ଅଫିସ୍‌ରେ ସମୀକ୍ଷା କରାଯାଉ ବୋଲି କହିଥିଲେ। ଏହି କଥାକୁ ନେଇ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସେମାନଙ୍କ ଉପରେ ରାଗି ଯାଇଥିଲେ । ▶▶ପୃଷ୍ଠା ୭

## ଇଣ୍ଡିଆ ଗେଟ୍‌ରେ ନେତାଜୀଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ

### ଭାରତ ମାତାର ବୀର ସନ୍ତାନ ନେତାଜୀଙ୍କୁ ସଠିକ୍ ଶ୍ରଦ୍ଧାଞ୍ଜଳି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧/୦୧ (ନି.ପ୍ର): ଓଡ଼ିଶା ମାଟିର ବରପୁତ୍ର ତଥା ସାହସ ଏବଂ ନିଷ୍ଠାର ମୂର୍ତିମନ୍ତ ସ୍ୱରୂପ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭବ୍ୟ ପ୍ରତିମୂର୍ତି ଇଣ୍ଡିଆ ଗେଟରେ ସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣୟକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଐତିହାସିକ ନିର୍ଣ୍ଣୟ ଏକ କୃତଜ୍ଞ ରାଷ୍ଟ୍ର ତରଫରୁ ଭାରତ ମାତାର ବୀର ସନ୍ତାନକୁ ସଠିକ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଗ୍ରେନାଇଟ୍ ପଥରରେ ନେତାଜୀଙ୍କ ବିଶାଳ ପ୍ରତିମୂର୍ତି ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ଇଣ୍ଡିଆ ଗେଟ୍‌ରେ ତାଙ୍କର ଏକ 'ହଲୋଗ୍ରାମ୍ ଷ୍ଟାଚ୍ୟୁ' ପ୍ରଦର୍ଶନ କରାଯିବ।



୧୨୫ତମ ନେତାଜୀ ଜୟନ୍ତୀ ଅବସରରେ ଏହି 'ହଲୋଗ୍ରାମ୍ ଷ୍ଟାଚ୍ୟୁ'କୁ ପ୍ରଧାନମନ୍ତ୍ରୀ ଅନାବରଣ କରିବେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ସ୍ୱତନ୍ତ୍ରତା ସଂଗ୍ରାମର ମହାନାୟକ ସୁଭାଷ ଚନ୍ଦ୍ର ବୋଷ ଏଭଳି ଜଣେ ବୀର ଥିଲେ, ଯାହାଙ୍କ ଧମନୀରେ ସର୍ବଦା ଦେଶଭକ୍ତିର ରକ୍ତ ପ୍ରବାହିତ ହେଉଥିଲା । ନେତାଜୀ ଦେଶର ଆଗାମୀ ପିଢ଼ିଙ୍କ ପାଇଁ ଯୁଗପୁରୁଷ ହୋଇ ରହିବେ ବୋଲି ସେ କହିଛନ୍ତି ।

## ୨୪ ଘଂଟାରେ ୬ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୧/୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୬ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ଏହି ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଥିବା ବେଳେ ୪ ଜଣ ପୁରୁଷ ଅଛନ୍ତି। କଟକ ଜିଲ୍ଲାରୁ ୨ ଜଣ , ଅନୁଗୁଳ. ଜଗତସିଂହପୁର, ପୁରୀ, ଢେଙ୍କାନାଳ ଜିଲ୍ଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮୫୦୭କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରୁ କଟକ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ ଓ ଜଣେ ୫୦ ବର୍ଷୀୟା ମହିଳା ଅଛନ୍ତି। ପୁରୀ ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷ ଓ ଜଗତସିଂହପୁରର ଜଣେ ୫୦ ବର୍ଷୀୟା ମହିଳା., ସେହିପରି ଢେଙ୍କାନାଳ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ ଓ ଅନୁଗୁଳ ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ୧୧ ଓଏଏସ୍‌ଙ୍କୁ ଆଇଏଏସ୍ ପଦବୀକୁ ପଦୋନ୍ନତି

ଭୁବନେଶ୍ୱର, ୨୧/୦୧ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବାର ୧୧ଜଣ ବରିଷ୍ଠ ଅଧିକାରୀଙ୍କୁ ଆଜି କେନ୍ଦ୍ର ସରକାର ଆଇଏଏସ୍ ପଦବୀକୁ ପଦୋନ୍ନତି ଦେଇଛନ୍ତି। ଏନେଇ ଆଜି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ଏହି ଅଧିକାରୀମାନଙ୍କୁ ୨୦୨୦ ସିଲେକ୍ଟ ଲିଷ୍ଟରେ ସାମିଲ କରାଯାଇଛି। ପରବର୍ତୀ ସମୟରେ ଏହି ଅଧିକାରୀମାନଙ୍କୁ ଓଡ଼ିଶା କ୍ୟାଡ଼ର ଆବଂଟନ କରାଯିବ। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୨୦୨୦ ଜାନୁୟାରୀ ୧ରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ଖାଲିପଡ଼ିଥିବା ପଦବୀରେ ୧୧ଜଣ ବରିଷ୍ଠ ଓଏଏସଙ୍କୁ ଆଇଏଏସ୍ ପଦବୀକୁ ପଦୋନ୍ନତି ଦିଆଯାଇଛି । ଆଇଏଏସ୍ ପଦବୀରେ ୨୦୨୦ ସିଲେକ୍ଟ ଲିଷ୍ଟରେ ସାମିଲ ଥିବା ଏହି ଅଫିସରମାନେ ହେଲେ ସୁଷମାରାଣୀ ଦେବୀ, ଦିଲ୍ଲୀପ ରାଉତରାଏ,ସୁଧାକର ବୁର୍ଗି, ଉଦ୍ଧବ ଚନ୍ଦ୍ର ମାଝୀ, ଜ୍ୟୋତି କୁମାର ଲାକ୍ରା, ଇନ୍ଦ୍ରମଣୀ ତ୍ରିପାଠୀ, ସୁବ୍ରତ ଶତପଥୀ, ତ୍ରିଲୋଚନ ପ୍ରଧାନ, ଆଲୋକ କୁମାର କର, ସୁଶାନ୍ତ କୁମାର ଦାଶ ଓ କମଳ ଲୋଚନ ମିଶ୍ର ଅଛନ୍ତି । ତେବେ ଏହି ଅଫିସରମାନଙ୍କ ଆଇଏଏସ୍ ପଦବୀରେ ନିଯୁକ୍ତି ଓଡ଼ିଶା ହାଇକୋର୍ଟରେ ସଞ୍ଜିତା ଦାସ ମାମଲା ଏବଂ ସୂର୍ଯ୍ୟମାଧବ ପାଣିଗ୍ରାହୀଙ୍କ ଦ୍ୱାରା ସ୍ୟାଟରେ ଚାଲିଥିବା ମାମଲାର ଶୁଣାଣିର ଫଳାଫଳ ଉପରେ ନିର୍ଭର କରୁଛି ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ରାଜନୀତି ମୈଦାନରେ ଉଚ୍ଚଶିକ୍ଷିତ ଯୁବକ ଯୁବତୀ

ନୂଆଦିଲ୍ଲୀ,୨୧/୦୧: ଗାଁ ରାଜନୀତି ପ୍ରତି ଆକୃଷ୍ଟ ହେଉଛନ୍ତି ଯୁବପୀଢି । ବିଶେଷକରି ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବହୁ ସଂଖ୍ୟାରେ ଉଚ୍ଚଶିକ୍ଷିତ ଯୁବକ ଯୁବତୀ ନାମାଙ୍କନ ଦାଖଲ କରିଛନ୍ତି । ଯାହାକି ଗ୍ରାମାଞ୍ଚଳ ରାଜନୀତିକୁ ବେଶ ରୋଚକ କରିଛି । ସିଭିଲ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ ହାସଲ କରିଥିବା ସୁରଭି ନିଜ ଅଞ୍ଚଳର ଉନ୍ନତି ପାଇଁ ଗାଁ ରାଜନୀତିକ ଟାଣି ହୋଇ ଆସିଛନ୍ତି । ଆଉ ମାଲକାନଗିରି ପଡିଆ ଜୋନରୁ ବିଜେଡିରୁ



ଜିଲ୍ଲାପରିଷଦ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ବିବିଏ ଡିଗ୍ରୀଧାରୀ ଆଦିବାସୀ ଝିଅ ବିଜୟୀ ଲକ୍ଷ୍ମୀ ପଡିଆମୀ କୋରୁକୋଣ୍ଡା ୧ ନମ୍ବର ଜୋନରୁ ବିଜେଡି ଟିକେଟରେ ନାମାଙ୍କନ ଦାଖଲ କରିଛନ୍ତି । ଅନ୍ୟପଟେ ରେଲୱେ ଚାକିରିରେ ଯୋଗ ନଦେଇ ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି ମାଲକାନଗିରିର କୋୟା ଆଦିବାସୀ ଝିଅ ରିନା କଓ୍ୱାସୀ । ସେ କାଲିମେଳା ଜୋନ-୨ରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅନ୍ୟପଟେ ବିଟେକ୍ କରିଥିବା ଉଦିତ ମୋଟା ଦରମାର ଚାକିରି ଛାଡି ସୁନ୍ଦରଗଡ ହେମଗିରି କ ଜିଲ୍ଲାପରିଷଦ ଜୋନରୁ ବିଜେଡିରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଲେଫ୍ରିପଡା କ ଜୋନରୁ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ ▶▶ପୃଷ୍ଠା ୭

## ପୁଞ୍ଚର ନିୟନ୍ତ୍ରଣ ରେଖା ପାଖରେ ୩୧ କିଲୋ ହିରୋଇନ୍ ଜବତ

ନୂଆଦିଲ୍ଲୀ, ୨୧/୦୧ (ନି.ପ୍ର): ଗଣତନ୍ତ୍ର ଦିବସ ଦିନକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଭାରତ-ପାକିସ୍ତାନ ସୀମାରେ ସତର୍କତା ଜାରି କରିଛି। ଏହି ସମୟରେ ଜାମ୍ମୁ-କାଶ୍ମୀର ପୋଲିସ୍ ଏବଂ ସେନାର ଏକ ସଂଯୁକ୍ତ ଦଳ ପୁଂଛ ଜିଲ୍ଲାର ନିୟନ୍ତ୍ରଣ ରେଖା ସହିତ ଲାଗିଥିବା ଅଂଚଳରେ ତଲାସୀ ଅଭିଯାନ ସମୟରେ ୩୧ କିଲୋ ହିରୋଇନ୍ ଜବତ କରାଯାଇଛି। ସେନାର ହ୍ୱାଇଟ୍ ନାଇଟ ବାଟାଲିୟନ ଏବଂ ଜାମ୍ମୁ-କାଶ୍ମୀର ପୋଲିସ୍‌ର ଜବାନର ସଂଯୁକ୍ତ ଦଳ ପାଇଥିବା ସୂଚନା ଆଧାରରେ ପୁଂଛ ଜିଲ୍ଲାର ନିୟନ୍ତ୍ରଣ ରେଖା ସହିତ ସଟେ ଅଂଚଳରେ ତଲାଶୀ ଅଭିଯାନ ଆରମ୍ଭ କରାଯାଇଛି। ପାଖାପାଖି ଦୁଇଦିନ ପର୍ଯ୍ୟନ୍ତ ଲଗାତାର ଚାଲିଥିବା ଏହି ତଲାସୀ ଅଭିଯାନ ପରେ ଗୁରୁବାର ଡେରି ରାତିରେ ଜବାନଙ୍କୁ ସୀମା ପାଖରେ ଗୋଟିଏ ବୋରି ମିଳିଥିଲା। ଜବାନଙ୍କୁ ସନ୍ଦେହ ହେଲା ଏବଂ ଯେତେବେଳେ ସେମାନେ ବଡ଼ ସତର୍କତା ସହିତ ବୋରିକୁ ଖୋଲିଥିଲେ ସେଥିରୁ ଛୋଟ ଛୋଟ ପ୍ୟାକେଟ୍ ପଡ଼ିଥିଲା। ଯାଂଚ କରିବା ପରେ ଜଣାପଡ଼ିଛି ଯେ ସେଗୁଡ଼ିକ ହିରୋଇନ୍ ଅଟେ। ଏହାର ଓଜନ ମୋଟ ୩୧ କିଲୋ ଥିଲା।

# ସମିତି ସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ ନଗେନ୍ଦ୍ର ବିଶ୍ୱାଳ



ବାସୁଦେବପୁର,୨୧/୧ (ନି.ପ୍ର): ବାସୁଦେବପୁର ବ୍ଲକ ର ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବରଣ୍ଡୁଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ ଚଳିତ ବର୍ଷ ହେବାକୁ ଯାଉଥିବା ପଂଚାୟତ ନିର୍ବାଚନ ରେ ବରଣ୍ଡୁଆ ପଂଚାୟତରୁ ସମିତି ସଭ୍ୟ ଭାବେ ବାସୁଦେବପୁର ବ୍ଲକର ବିଡ଼ିଓଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସକାଳେ ମନ୍ଦିରରୁ ପୂଜାପାଠ ସାରି ଶ୍ରୀ ବିଶ୍ୱାଳ ନାମାଙ୍କନ ପତ୍ର ଦାଖଲ ନିମନ୍ତେ ବାହାରିଥିଲେ । ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ସୌଭାଗ୍ୟ ବିଶ୍ୱାଳ ବରଣ୍ଡୁଆ ପଂଚାୟତ ର କର୍ମୀ ସନ୍ତୋଷ ମହାନ୍ତି, ସୂର୍ଯ୍ୟକାନ୍ତ ମହାନ୍ତି, ରତିକାନ୍ତ ମହାନ୍ତି, ସୁରେନ୍ଦ୍ର ପ୍ରସାଦ ପାତ୍ର, ଗୌରାଙ୍ଗ ରାଉତ, ଟିକି ପୋଇ, ରଘୁନାଥ ଓଝା, ଶରତ ବେହେରା, ବିବି ପଣ୍ଡା, ସତ୍ୟକାନ୍ତ ମହାନ୍ତି ଓ ଅନ୍ୟ ଜନସାଧାରଣ ଯୋଗ ଦେଇଥିଲେ । ଆଗାମୀ ଦିନରେ ବରଣ୍ଡୁଆ ପଂଚାୟତରେ ରହିଥିବା ଅଧୁରା କାର୍ଯ୍ୟ କୁ ସମ୍ପୂର୍ଣ୍ଣ କରିବା ସହିତ ବିଭିନ୍ନ ସମସ୍ୟା କୁ ସମାଧାନ କରିବି ବୋଲି ନଗେନ୍ଦ୍ର ବିଶ୍ୱାଳ ସାମ୍ବାଦିକଙ୍କଠାରେ ପ୍ରକାଶ କରିଥିଲେ ।

# କାଳିମେଳା ସ୍ମାର୍ଟ ସ୍କୁଲ ପାଲଟିଛି ପର୍ଯ୍ୟଟନସ୍ଥଳୀ

ମାଲକାନଗିରି,୨୧/୧ (ନି.ପ୍ର): ମାଲକାନଗିରି ଜିଲ୍ଲାର ଉପାନ୍ତ କାଳିମେଳା ବ୍ଲକ ସଦର ମହକୁମାରେ ଥିବା ସରକାରୀ ସ୍କୁଲକୁ ରାଜ୍ୟ ସରକାର ୫-ଟି ଯୋଜନାରେ ସାମିଲ୍ କରିବା ପରେ ବଦଳି ଯାଇଛି ଏହାର ରୂପରେଖ । ୪୩ ବର୍ଷର ଏହି ପୁରୁଣା ସରକାରୀ ସ୍କୁଲର ରୂପରେଖ ଏମିତି ବଦଳିଯିବ ବୋଲି କେହି ଭାବି ନଥିଲେ । ରାଜ୍ୟ ସରକାର ମୋ ସ୍କୁଲ ଅଭିଯାନରେ ଏହି ସ୍କୁଲ ପାଇଁ ଖର୍ଚ୍ଚ କରିଛନ୍ତି ପ୍ରାୟ ୨ କୋଟି ଟଙ୍କା । ଯାହାକି ଏହି ସ୍କୁଲଟି ଏକ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରୁଛି । ବିଦ୍ୟାଳୟର ରୂପରେଖ ପରିବର୍ତ୍ତନ ହେବା ପରେ ଏହି ସ୍ମାର୍ଟ ସ୍କୁଲକୁ ଦେଖିବାକୁ ଏବେ ଲାଗିଲାଣି ପର୍ଯ୍ୟଟକଙ୍କ ଭିଡ଼ ।

ମାଲକାନଗିରି ଜିଲ୍ଲାର ଉପାନ୍ତ କାଳିମେଳା ବ୍ଲକର ସଦର ମହକୁମାରେ ରହିଛି କାଳିମେଳା ସରକାରୀ ହାଇସ୍କୁଲ । ୧୯୭୯ ମସିହାରେ ସ୍ଥାପିତ ଏହି ହାଇସ୍କୁଲରେ ଆଖପାଖ ଅଂଚଳର ପ୍ରାୟ ୭ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଅଧିକାଂଶ ଛାତ୍ରଛାତ୍ରୀ ଗରୀବ ଓ ଆଦିବାସୀ ଶ୍ରେଣୀର ହୋଇଥିବାବେଳେ ସେମାନଙ୍କ ପାଇଁ କମ୍ପ୍ୟୁଟର, ସ୍ମାର୍ଟ କ୍ଲାସ ରୁମ୍, ଇ -ଲାଇବ୍ରେରୀ ପରି ଅନେକ ଜିନିଷ ସପ୍ନ ହୋଇ ରହିଯାଇଥିଲା । ହେଲେ ଏହିସବୁ ଜିନିଷ ଆଉ ସପ୍ନ ହୋଇ ରହିନାହିଁ । ତାହା ଏବେ ବାସ୍ତବ ରୂପ ନେଇସାରିଛି । କାଳିମେଳା ହାଇସ୍କୁଲ ଏବେ ସ୍ମାର୍ଟ ସ୍କୁଲ ହୋଇସାରିଛି । ଏଠାରେ ସ୍ମାର୍ଟ ଶ୍ରେଣୀ ଗୃହ ଠାରୁ ଆରମ୍ଭ କରି ଇ-ଲାଇବ୍ରେରୀ ଅତ୍ୟାଧୁନିକ ଲ୍ୟାବ, ଓପନ ଜିମ୍, ସୁନ୍ଦର ବଗିଚା, ବିଭିନ୍ନ ବୈଜ୍ଞାନିକ ଉପକରଣ ସହ ସାଇନ୍ସ ପାର୍କ, ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ଛାତ୍ରଛାତ୍ରୀ ତଥା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିଛି । ଫଳରେ ଏହାକୁ ଦେଖିବାକୁ ଏବେ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି । ସେହିପରି ଛାତ୍ରଛାତ୍ରୀମାନଙ୍କ ପାଇଁ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସହ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ପୁରା ସ୍କୁଲକୁ ସିସିଟିଭି ନଜରରେ ରଖାଯାଇଛି । ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟଗୁଡ଼ିକ ଛୁଟି ହୋଇ ଯାଇଥିବାରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମଧ ଛାତ୍ରଛାତ୍ରୀମାନେ ଏଠାକୁ ଆସି ବିଭିନ୍ନ ଶିକ୍ଷଣୀୟ କଥା ଶିଖିପାରୁଛନ୍ତି । ସେହିପରି ଏଠାରେ ଥିବା ସୁନ୍ଦର ପେଣ୍ଡାଲରେ ସକାଳୁ ସକାଳୁ ବରିଷ୍ଠ ନାଗରିକମାନେ ଆସି ଯୋଗ ଅଭ୍ୟାସ କରୁଛନ୍ତି । କେବଳ ଛାତ୍ରଛାତ୍ରୀ ନୁହେଁ ଏହି ସ୍କୁଲରେ ପାଠ ପଢୁଥିବା ପୁରୁଣା ବ୍ୟାଚର ଛାତ୍ରଛାତ୍ରୀମାନେ ମଧ ବିଭିନ୍ନ ସ୍ଥାନରୁ ଏହି ସ୍ମାର୍ଟ ସ୍କୁଲକୁ ଦେଖିବାକୁ ଆସୁଛନ୍ତି । ଏପରିକି ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏବେ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଲାଣି । ତେଣୁ ଏହି ସ୍ମାର୍ଟ ସ୍କୁଲକୁ ଆସି ଆମେ ବେଶ୍ ଖୁସି ଅନୁଭବ କରିବା ସହିତ ଅନେକ ଜିନିଷ ଶିଖିବାକୁ ପାଇଲୁ ବୋଲି ଅଭିଭାବକ ଓ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି । ଏଥି ସହିତ ଏହି ଉପାନ୍ତ ଅଂଚଳର ଏହି ସ୍ମାର୍ଟ ସ୍କୁଲଟି ଯେ କୌଣସି ଘରୋଇ ସ୍କୁଲ ଠାରୁ କମ୍ ନୁହେଁ ବୋଲି ମଧ ପର୍ଯ୍ୟଟକମାନେ ମତ ପ୍ରକାଶ କରିଛନ୍ତି ।

ସରକାରୀ ସ୍କୁଲ ପ୍ରତି ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରଥମେ ୫-ଟି ଯୋଜନାରେ ଜିଲ୍ଲାର ୬ଟି ହାଇସ୍କୁଲକୁ ରୂପାନ୍ତରକରଣ କରିଥିବାବେଳେ ସେଥି ମଧ୍ୟରୁ ଫୋକସରେ ରହିଛି କାଳିମେଳା ହାଇସ୍କୁଲ । ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ରାଜ୍ୟ ସରକାର ଏହି ସ୍କୁଲକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବାପରେ ଏହା ଏବେ ଜିଲ୍ଲାରେ ଚର୍ଚ୍ଚାରେ ରହିଥିବାର ଜଣାପଡ଼ିଛି । ତେବେ ଯେଉଁ ଆଦିବାସୀ ଅଧୁଷିତ ଅଂଚଳ ଛାତ୍ରଛାତ୍ରୀମାନେ ପୁରୁଣା ବେଂଚ ଡେ଼ସ୍କ ଓ କଳାପଟାରେ ପାଠ ପଢୁଥିଲେ ସେମାନେ ଏବେ ଡିଜିଟାଲ କ୍ଲାସ ରୁମରେ ବସି ପାଠ ପଢ଼ିବାର ସୁଯୋଗ ପାଇପାରିଛନ୍ତି ବୋଲି କହିଛନ୍ତି ସ୍କୁଲର ପ୍ରଧାନଶିକ୍ଷକ । ସେହିପରି ଏହି ସ୍କୁଲକୁ ରାଜ୍ୟ ସରକାର ୫ - ଟି ଯୋଜନାରେ ସାମିଲ କରି ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିଥିବାରୁ ରାଜ୍ୟ ସରକାରଙ୍କୁ ତାରିଫ୍ କରିବାକୁ ପଛାଇନାହାଁନ୍ତି । ସରକାରୀ ଅନୁଦାନ ସାଙ୍ଗକୁ ଜିଲ୍ଲା ପ୍ରଶାସନର ତତ୍ୱାବଧାନରେ କାମ ଚାଲିଥିବା ବେଳେ ବଣ ଜଙ୍ଗଲଘେରା ଗ୍ରାମାଂଚଳରେ ମଡେଲ ସ୍କୁଲ ମୁଣ୍ଡ ଟେକିଲାଣି । ଯାହା ସ୍ଥାନୀୟ ଲୋକଙ୍କୁ ଖୁସି ଦେଉଥିବା ବେଳେ ସହରରୁ ବି ଛାତ୍ରଛାତ୍ରୀ ପାଠ ପଢିବାକୁ ଗାଁ ମୁହାଁ ହେଲେଣି ।

# କାଳିମେଳା ଓ ପଡ଼ିଆ ଜିଲ୍ଲା ପରିଷଦ ଜୋନ୍ ପାଇଁ ବିଜେପି ଓ ବିଜେଡ଼ିର ପ୍ରାର୍ଥୀ ତାଲିକା ଘୋଷଣା

ମାଲକାନଗିରି,୨୧/୧ (ନି.ପ୍ର): ପ୍ରମୁଖ ତିନି ରାଜନୈତିକ ଦଳ କଂଗ୍ରେସ, ବିଜେପି ଓ ବିଜେଡ଼ି ମଧ୍ୟରୁ ଆଜି ଗୋଟିଏ ଦିନରେ ବିଜେପି ଓ ବିଜେଡ଼ି ତାର ପଡିଆ ଓ କାଳିମେଳା ଜୋନ୍ ର ଜିଲ୍ଲା ପରିଷଦ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । ତେବେ କାଳିମେଳା ବ୍ଲକ ବିଜେଡି କମିଟି ପକ୍ଷରୁ ପ୍ରାର୍ଥୀ ଘୋଷଣା ତାଲିକାରେ ରହିଛନ୍ତି କାଳିମେଳା ଜୋନ୍ ନଂ ୧ ପାଇଁ ଅନୁସୂଚୀତ ଜାତି ମହିଳା ସରସ୍ୱତୀ ହାଲଦାର, ସେ ମାଲାଭୋରମ ଗ୍ରାମପଚାଂୟତ ଅଧିନ ଏମଭି-୮୮ ଗ୍ରାମର । କାଳିମେଳା ଜୋନ୍ ୨ ପାଇଁ ଅନୁସୂଚୀତ ଜନଜାତି ମହିଳା ମମତା ପଡିଆମି, ସେ କାଳିମେଳା ଗ୍ରାମପଚାଂୟତ ଅଧିନ ବଡୁଗୁଡା ଗ୍ରାମର ଏବଂ କାଳିମେଳା ଜୋନ୍ ୩ ପାଇଁ ଅନୁସୂଚୀତ ଜାତି ପୁରୁଷ ପତିତପାବନ ବୈଦ, ସେ କାଙ୍ଗୁରକୋଣ୍ଡା ଗ୍ରାମପଚାଂୟତ ଅଧିନ ଏମପିଭି-୧୯ ଗ୍ରାମର । ସେହିପରି କାଳିମେଳା ବ୍ଲକ ବିଜେପି କମିଟି ପକ୍ଷରୁ ପ୍ରାର୍ଥୀ ଘୋଷଣା ତାଲିକାରେ ରହିଛନ୍ତି କାଳିମେଳା ଜୋନ୍ ୧ ପାଇଁ ଅନୁସୂଚୀତ ଜାତି ମହିଳା ବିଭୋ ସରକାର, ସେ ଲୁଗେଲ ଗ୍ରାମପଚାଂୟତ ଅଧିନ ଏମଭି-୮୨ ଗ୍ରାମର । କାଳିମେଳା ଜୋନ୍ ୨ ପାଇଁ ଅନୁସୂଚୀତ ଜନଜାତି ମହିଳା ରୀନା କବାସି, ସେ କାଳିମେଳା ଗ୍ରାମପଚାଂୟତ ଅଧିନ ତୁମ୍ବାଗୁଡା ଗ୍ରାମର ଏବଂ କାଳିମେଳା ଜୋନ୍ ୩ ପାଇଁ ଅନୁସୂଚୀତ ଜାତି ପୁରୁଷ ପ୍ରହଲ୍ଲାଦ ବସୁ, ସେ କାଙ୍ଗୁରକୋଣ୍ଡା ଗ୍ରାମପଚାଂୟତ ଅଧିନ ଏମପିଭି-୧୯ ଗ୍ରାମର । ପଡ଼ିଆ ବ୍ଲକ ବିଜେପି କମିଟି ପକ୍ଷରୁ ପ୍ରାର୍ଥୀ ଘୋଷଣା ତାଲିକାରେ ଅଛନ୍ତି ପଡ଼ିଆ ଜୋନ୍ ପାଇଁ ଅନୁସୂଚୀତ ଜାତି ମହିଳା ଲିପସା ରାୟ, ସେ ବାପନପାଲି ଗ୍ରାମପଚାଂୟତ ଅଧିନ ଏମଭି-୫୮ ଗ୍ରାମର । ମାଲକାନଗିରି ଜିଲ୍ଲାର ପଡ଼ିଆ ବ୍ଲକରେ ତୃତୀୟ ପର୍ଯ୍ୟାୟର ଫେବୃୟାରୀ ୨୦ ଏବଂ କାଳିମେଳା ବ୍ଲକରେ ଚତୁର୍ଥ ପର୍ଯ୍ୟାୟ ଫେବୃୟାରୀ ୨୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରାର୍ଥୀ ପତ୍ର ଦାଖଲ କରିବାକୁ ଆଉ ଗୋଟିଏ ଦିନ ବାକି ରହିଛି ।

# କନ୍ଧମାଳ ଜିଲ୍ଲାକୁ ଛୁଟିଛି ପ୍ରବାସୀମାନଙ୍କ ସୁଅ : ସଂକ୍ରମଣର ଆଶଙ୍କା ବଢୁଛି

କନ୍ଧମାଳ ,୨୧/୧ (ନି.ପ୍ର): ପଂଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗ୍ରାମାଂଚଳରେ ରଜନୈତିକ ଉଷ୍ମତା ବୃଦ୍ଧି ପାଉଛି । ବର୍ତ୍ତମାନ ସମୟରେ କନ୍ଧମାଳ ଜିଲାକୁ କ୍ରମଶଃ ବାହାର ଜିଲା କୁ ଦାଦନ ଖଟିବାକୁ ଯାଇଥିବା ବ୍ୟକ୍ତି ଙ୍କ ସୁଅ ଛୁଟିବା ସହ କରୋନା ସଂକ୍ରମଣ ମଧ ବୃଦ୍ଧି ପାଉଛି । ଗୋଟିଏ ପଟେ ସଂକ୍ରମଣ ବୃଦ୍ଧି ଓାଙ୍ଗ କୁ ଅନ୍ୟପଟେ ନିର୍ବାଚନ ପାଇଁ ପ୍ରବାସି ଙ୍କ ଆଗମନ ପ୍ରଶାସନ ପ୍ରତି ଏକ ଆହ୍ୱାନ ସଦୃଶ ହୋଇଛି । ପୂର୍ବରୁ ପ୍ରବାସୀ ନିଜ ନିଜ ଅଂଚଳକୁ ଆସିବା ବେଳେ କରୋନା ପରୀକ୍ଷା ବାଧ୍ୟତା ମୂଳକ କରାଯାଇଥିବା ବେଳେ ବର୍ତ୍ତମାନ ପରୀପ୍ରେକ୍ଷିରେ ତାହା କିଭଳି କାର୍ଯ୍ୟକାରୀ ହେବ ଅନେକ ଚିନ୍ତା ବଢାଇଛି । ତେଣୁ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ କରୋନା ଟେଷ୍ଟ ସହ ସଙ୍ଗରୋଧ କୁ ବାଧ୍ୟତା ମୂଳକ କରାଯିବାକୁ ସର୍ବସାଧାରଣ ରେ ଦାବି ହେଉଛି । ମୂଳରୁ ଯଦି ପ୍ରଶାସନ ଏଥିପ୍ରତି ସଚେତନ ନହୋଇ ସରକାରୀ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରିବ ତେବେ୨୦୨୦ ର କରେନା ସଂକ୍ରମଣ ଭଳି ଏହା ସମଗ୍ର ଜିଲା ରେ ବ୍ୟାପିଯିବ । ଆଗାମୀ ଫେବୃୟାରୀ ରେ ଜିଲାରେ ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବ । ବହାର ରାଜ୍ୟରେ ଥିବା ପ୍ରବାସୀ ରାଜ୍ୟ ବାହାରେ ରହୁଥିଲେ ମଧ ନିଜ ଅଂଚଳର ପୂର୍ବତନ ନିର୍ବାଚିତ ପ୍ରତିନିଧି ହେଉ କିମ୍ବା ବିଭିନ୍ନ ଦଳୀୟ ନେତା ଙ୍କ ଉଦ୍ୟମ ଓ ସହ ଯୋଗ ଫଳରେ ବିଭିନ୍ନ ସରକାରୀ ଯୋଜନା,ଆବାସ ଯୋଜନା ଓ ଅର୍ଥ ପାଇଛନ୍ତି । ଏବେ ସେମାନେ ଗାଁ କୁ ଆସି ଭେଟ ଦେବା ପାଇଁ ମଧ ସେମାନଙ୍କ ଯାତାୟତ ଖର୍ଚ୍ଚ ବିଭିନ୍ନ ଦଳ ବହନ କରୁଛନ୍ତି । ଏଥି ପାଇଁ ଗାଁ ନେତା ମାନେ ଡାକିବା ଅରମ୍ଭ କଲେଣି । ନିଜ ଗାଁ ନେତେଙ୍କୁ୫ ବର୍ଷ ପାଇଁ ଚୟନ କରିବା ସହ ୮ରୁ ୧୦ ଦିନ କୁକୁଡା ମାଂସ ଓ ନାଲି ପାଣି ନିଶାରେ ମଧ କେତେ ଫଡେରିଲେଣି । ପ୍ରଥମ କରୋନା ସମୟରେ ସରକାରୀ ଭାବେ ୧୧ ହଜାର ପ୍ରବାସୀ ଫେରିଥିବା ବେଳେ ବେସରକାରୀ ଭାବେ୨୦ ହଜାର ରୁଉର୍ଦ୍ଧ୍ୱ ଫେରିଥିଲେ । ଏବେ ଫେରିବା ପାଇଁ ସମସ୍ତ ସୁବିଧା ଅଛି ତେଣୁ ସଂଖ୍ୟା ଅଧିକ ହୋଇପାରେ । ଏଭଳିକି ନାମାଙ୍କନ ପତ୍ର ଦାଖଲ ଦିନ ଠାରୁ ନିଜ ନେତାଙ୍କୁ ସମର୍ଥନ ଦେବା ପାଇଁ ଅନେକ ପ୍ରବାସୀ ପହଂଚିଲେଣି । ମୂଳରୁ ଯଦି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ବିଭିନ୍ନ ଜିଲାର ପ୍ରବାସୀ ଙ୍କ ଆଗମନ ରେ ରୋକ୍ ନଲଗାନ୍ତି ଫେବୃୟାରୀ ରେ ନେଡି ଗୁଡ କହୁଣୀ କୁ ବୋହିଯିବ ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି ।

# ନକଲି ପୋଲିସ ଓ ସହଯୋଗୀ ଗିରଫ

ସମ୍ବଲପୁର,୨୧/୧ (ନି.ପ୍ର): ହୀରାକୁଦ ଥାନା ଖ୍ରୀଷ୍ଟିଆନ ପଡା ଅଂଚଳର ସୁବ୍ରତ ଛତ୍ରିଆ ନାମକ ଜନୈକ ଯୁବକଙ୍କୁ ଫୋନ୍-ପେ ମାଧ୍ୟମରେ ୫ ହଜାର ଟଙ୍କା ଚୁନ ଲଗାଇଥିବା ଜଣେ ଧୂର୍ତ୍ତକୁ ଧରିବାକୁ ଯାଇ ପୋଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନାନଯାୟୀ ସମ୍ବଲପୁର ଶାସନ ଥାନା ଯୋଗୀ ପାଲ୍ଲୀ ଅଂଚଳର କାଂଟେ ଶ୍ରୀନିବାସ (୩୮) ସୁବ୍ରତଙ୍କ ଠାରୁ ଫୋନ୍-ପେରେ ୫ ହଜାର ଟଙ୍କା ଠକେଇ କରିବା ପରେ ଏହି ଘଟଣାକୁ ରଫାଦଫା କରିବା ପାଇଁ ଜଣେ ପୋଲିସର ସହାୟତା ନେଇଥିଲା । ମାତ୍ର ପୋଲିସ ଜଣେ ନକଲି ପୋଲିସ ଜଣାପଡିଛି । ବରଗଡ଼ ଜିଲ୍ଲା ଅତାବିରା ଥାନା ଲହଣ୍ଡା ବଡ଼ମାଲ ଅଂଚଳର ପ୍ରଶାନ୍ତ ମିର୍ଦ୍ଧା (୨୪) ତିନିଷ୍ଟାର ବିଶିଷ୍ଟ ଏକ ପୋଲିସ ୟୁନିଫର୍ମ ପିନ୍ଧି ଏହି ଠକେଇ କାରବାରରେ ସଂପୃକ୍ତ ଥିବା ପୋଲିସ ତଦନ୍ତ ବେଳେ ଜଣାପଡିଥିଲା । ପୋଲିସ ଏ ସମ୍ପର୍କରେ ୧୬/୨୨ରେ ଏକ ମାମଲା ରୁଜୁ କରି କାଂଟେ ଓ ପ୍ରଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ଦୁଇଟି ମୋବାଇଲ, ଦୁଇହଳ ପୋଲିସ ଯୋତା ଓ ପୋଲିସ ୟୁନିଫର୍ମ ଜବତ କରିଥିବା ଜଣାଯାଇଛି ।

# ବଲାଙ୍ଗିର ଲୋଇସିଙ୍ଗା ବିଧାନସଭା ଅଂଚଳରେ ୧୧ ଜିଲ୍ଲା ପରିଷଦରେ କଂଗ୍ରେସର ନାମାଙ୍କନ ପତ୍ର ଦାଖଲ

ବଲାଙ୍ଗିର,୨୧/୧ (ନି.ପ୍ର): ବେରୋଜଗାରି, ଧାନକିଣା ଦୁର୍ନିତି, ମମିତା ହତ୍ୟାକାଣ୍ଡରେ ସରକାରୀ ଦଳର ସମ୍ପୃକ୍ତି ଯୋଗୁଁ ଆଜି ଦିନରେ ସରକାର ଏବଂ ବିଜୁ ଜନତା ଦଳକୁ ଲୋକେ ଘୃଣ୍ୟ ଦୃଷ୍ଟିରେ ଦେଖିଲେଣି । ତା ଉପରକୁ ଆହୁରି ନିର୍ବାଚନୀ ସଂରକ୍ଷଣରେ ପଛୁଆ ବର୍ଗ ଏବଂ ଆଦିବାସୀ ହରିଜନଙ୍କ ପ୍ରତି କରାଯାଇଥିବା ଅବହେଳା ଯୋଗୁଁ ଏ ସରକାରଙ୍କ ଅସଲ ଉଦ୍ଦେଶ୍ୟକୁ ଲୋକ ଜାଣିଗଲେଣି, ତେଣୁ ଏହି ନିର୍ବାଚନରେ ଆମେ ସରକାର ଏବଂ ବିଜୁ ଜନତା ଦଳଙ୍କ ପ୍ରାର୍ଥୀ ଏପରିକି କେନ୍ଦ୍ରରେ ଥିବା ବିଜେପି ସରକାର ଏବଂ ତାଙ୍କ ପ୍ରାର୍ଥୀଙ୍କ ବିରୁଦ୍ଧରେ ଏହାକୁ ମୁଖ୍ୟ ପ୍ରସଙ୍ଗ କରିବୁ ବୋଲି ଆଜି ବଲାଙ୍ଗିର ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ ବଲାଙ୍ଗିର ଏବଂ ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ସମସ୍ତ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ସମୟରେ ଉପସ୍ଥିତ ଥିବା ଏଆଇସିସି ସଦସ୍ୟ ତଥା ପିସିସିର ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ଆଜି ମଧ୍ୟାହ୍ନ ୧୨ ଟା ପରେ ବଲାଙ୍ଗିର ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରାଙ୍କ ନେତୃତ୍ୱରେ କଂଗ୍ରେସ ଦଳର ସମସ୍ତ ୧୧ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ନେଇ ସମ୍ପୂର୍ଣ୍ଣ କୋଭିଡ୍ କଟକଣାରେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା । ବଲାଙ୍ଗିର ବିଧାନସଭା ଅଂଚଳର ଦେଓଗାଁ ବ୍ଲକ ସ୍ଥିତ ଜୋନ୍ ନଂ ୧୩ ରୁ ମୁକ୍ତାଦେଇ ତାଣ୍ଡି, ଜୋନ ନଂ.୧୨ ରୁ କବିତା ଭୋଇ, ବଲାଙ୍ଗିର ସଦର ବ୍ଲକ ୨୨ ନଂ. ଜୋନ୍ ରୁ ଯଶୋବନ୍ତି ବଘାର, ୨୩ ନଂ. ଜୋନରୁ ନିଳେନ୍ଦ୍ରୀ ସେଠ, ପୁଇଁନ୍ତଲା ବ୍ଲକ ଲୋଇସିଂହା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଲୋଇସିଂହା ବ୍ଲକର ଜୋନ୍ ନଂ.୩୩ ରୁ ତନୟା ବେହେରା, ଜୋନ୍ ନଂ.୩୪ ରୁ ସବିତା କାଲସାଏ, ପୁଇଁନ୍ତଲା ବ୍ଲକର ଜୋନ୍ ନଂ.୧୭ ରୁ ଶୁଭ୍ରାଂଶୁ ଶେଖର ପଣ୍ଡା, ଜୋନ୍ ନଂ.୧୮ ରୁ ବିରୋଧ ତାଣ୍ଡି, ଜୋନ୍ ନଂ.୧୯ ରୁ ଉମାକାନ୍ତ ମହାନନ୍ଦ, ଆଗଲପୁର ବ୍ଲକ ଜୋନ୍ ନଂ.୧ ରୁ ଗଣେଶ କୁମାର ସାହୁ, ଜୋନ୍ ନଂ. ୨ ରୁ ଧନଞ୍ଜୟ ବେହେରା ଆଜି ତାଙ୍କର ପ୍ରସ୍ତାବକ ଓ ସମର୍ଥକଙ୍କୁ ନେଇ ଉପଜିଲ୍ଲାପାଳଙ୍କ ସମ୍ମୁଖରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରାର୍ଥିପତ୍ର ଦାଖଲ ସମୟରେ ପ୍ରାର୍ଥିମାନଙ୍କ ପ୍ରସ୍ତାବକ ଓ ସମର୍ଥକଙ୍କ ବ୍ୟତିତ ଜୋନ୍ ପ୍ରଭାରି, ବ୍ଲକ କଂଗ୍ରେସ ସଭାପତି ମାନେ ଉପସ୍ଥିତ ଥିଲେ ।

# ବେଆଇନ ବାଲି ପରିବହନ ହାଇୱା ଜବତ : ୩୨ହଜାର ଜୋରିମାନ ଆଦାୟ

ନିମାପଡ଼ା,୨୧/୧ (ନି.ପ୍ର): ବେଆଇନ ବାଲି ପରିବହନ କରୁଥିବା ଏକ ହାଇୱା ଟ୍ରକକୁ ଆଜି ନିମାପଡା ତହସିଲ ଦାର ଜବତ କରି ବଳଙ୍ଗା ପୁଲିସ ଜିମା ଦେଇଛନ୍ତି । ଜବତ ହାଇୱା ଠାରୁ ବେଆଇନ ଭାବେ ବାଲିପରିବହନ କରୁଥିବା ଯୋଗୁଁ ୩୨ହଜାର ଟଙ୍କା ଜୋରିମାନା କରାଯାଇଥିବା ତହସିଲ ସୁତ୍ରରୁ ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଭାର୍ଗବୀ ନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲିପରିବହନ ହେଉଥିବା ବେଳେ ଆଜି ସକାଳ ସମୟରେ ବଳଙ୍ଗା। ଥାନା ଅନ୍ତର୍ଗତ ହରିପୁର ବଜାର ଠାରେ ଏକ( ଓଡି ୨୯ ଏ ୯୩୪୫)ନଂ ବିଶିଷ୍ଟ ହାଇୱା ଟ୍ରକ ବେଆଇନ ଭାବେ ବାଲିପରିବହନ କରୁଥିବା ସମୟରେ ନିମାପଡା ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ହାବୁଡରେ ପଡିଥିଲା । ଫଳରେ ତହସିଲଦାର ଉକ୍ତ ହାଇୱାକୁ ଅଟକାଇବା ପରେ ତାହା ବେଆଇନ ଭାବେ ବାଲିପରିବହନ କରୁଥିବା ଜଣାପଡିବା ପରେ ଉକ୍ତ ହାଇୱାକୁ ବଳଙ୍ଗା ପୁଲିସ ଜିମା ଦେଇଥିଲେ ।

# ବିଦ୍ୟାଳୟରେ କନିଷ୍ଠ ରେଡ଼କ୍ରସ ଶାଖା ଗଠିତ

ଜୟପୁର,୨୧/୧ (ନି.ପ୍ର): ବିଦ୍ୟାଳୟ ସ୍ତରରୁ ରେଡ଼କ୍ରସ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାମଚନ୍ଦ୍ର ନାହାକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜୁନିୟର ରେଡ଼ କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ନନ୍ଦପୁର ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦପୁର,ଓଡିଶା ଆଦର୍ଶ ବିଦ୍ୟାଳୟ ନନ୍ଦପୁର,ନେତାଜୀ ଉଚ୍ଚ ବିଦ୍ୟାଳୟ ଥୁବା, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଭେଜା, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଖମରା ପରିଦର୍ଶନ କରି ବିଦ୍ୟାଳୟର ଜୁନିୟର ରେଡ଼ କ୍ରସ କାର୍ଯ୍ୟ ତଦାରଖ କରିଥିଲେ। ନନ୍ଦପୁର ବ୍ଲକ ଜୁନିୟର ରେଡ଼କ୍ରସ ସଂଯୋଜକ ଶ୍ରୀ ପ୍ରସନ୍ନ କୁମାର ଦାଶ ମଧ ଉପସ୍ଥିତ ରହି ଶ୍ରୀ ପଣ୍ଡାଙ୍କୁ ସହଯୋଗ କରିଥିଲେ।ଏହି ଅବସରରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଭେଜା ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଖମରାଠାରେ ନୂତନ ଭାବେ ଜୁନିୟର ରେଡ଼ କ୍ରସ ଶାଖା ଗଠନ କରାଯାଇଥିଲା। ବିଦ୍ୟାଳୟମାନଙ୍କରେ କିଭଳି ଜୁନିୟର ରେଡ଼ କ୍ରସ କମିଟି ଗଠନ ହେବ ସେ ବିଷୟରେ ଶ୍ରୀ ପଣ୍ଡା ବିଦ୍ୟାଳୟର ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଇଥିଲେ। ଜୁନିୟର ରେଡ଼ କ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନେ ମଧ ରେଡ଼ କ୍ରସ କାର୍ଯ୍ୟକ୍ରମକୁ ନିଜ ନିଜ ବିଦ୍ୟାଳୟରେ ତ୍ୱରାନ୍ୱିତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଜଗଦୀଶ ଚନ୍ଦ୍ର ପଣ୍ଡା, ବେଣୁଗୋପାଳ ବେହେରା,ସୁରେନ୍ଦ୍ର ବେନିଆ, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡା,ଅଧ୍ୟକ୍ଷା ଦେବୀ ପ୍ରତିମା ଜେନା ଏବଂ ଶିକ୍ଷକ ତଥା ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ହୋଇ ବ୍ଲକରେ ରେଡ଼କ୍ରସ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ମତବ୍ୟକ୍ତ କରିଥିଲେ।

# ସ୍ୱଷ୍ଟ ଦିବାଲୋକରେ ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଲୁଟ୍

ଖୋର୍ଦ୍ଧା,୨୧/୧ (ନି.ପ୍ର): ସ୍ୱଷ୍ଟ ଦିବାଲୋକରେ ଲୁଟେରା ମାନେ ଜଣେ ମହିଳାଙ୍କ ଠାରୁ ଭ୍ୟାନିଟି ବ୍ୟାଗ୍ ଲୁଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି । ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ପାରିନୂଆଗାଁ ଛକରେ । ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ବେଲପଡା ଗ୍ରାମର କବିରାଜ ଲେଙ୍କାଙ୍କ ଝିଅ ସୁନିତା ଲେଙ୍କା ବାଣପୁର ପଲଟନ ପଡିଆରୁ କାମ ସାରି ନିଜ ସାଇକେଲ ଯୋଗେ ଘରକୁ ଫେରୁଥିଲେ । ଠିକ୍ ସେହି ସମୟରେ ପାରିନୂଆଗାଁ କେନାଲ ଛକରେ ଦୁଇ ଜଣ ଯୁବକ ଏକ ବାଇକରେ ଆସି ସୁନିତାଙ୍କ ଭ୍ୟାନିଟି ବ୍ୟାଗ୍ ଛଡାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ତେବେ ଲୁଟେରା ମାନେ ଝାମ୍ପି ନେଇଥିବା ଭ୍ୟାନିଟି ବ୍ୟାଗରେ ଦୁଇଟି ମୋବାଇଲ, ୧ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିବା ସୁନିତା କହିଛନ୍ତି । ଏ ନେଇ ସୁନିତା ବାଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ନୂତନ ପୌର କାଯ୍ୟନିର୍ବାହୀ ଅଧିକାରୀ ନେଲେ ଦାୟିତ୍ୱ

ଜୟପୁର,୨୧/୧ (ନି.ପ୍ର): ଜୟପୁର ପୌରପାଳିକା ରେ ଦୀର୍ଘ ବର୍ଷ ପରେ ସ୍ଥାୟୀ ପୌର କାଯ୍ୟନିର୍ବାହୀ ଅଧିକାରି ଭାବେ ଦାୟିତ୍ୱ ନେଲେ ସିଦ୍ଧାର୍ଥ ପଟ୍ଟନାୟକ । ଏଥିପୁବରୁ ପଟ୍ଟନାୟକ କେସିଙ୍ଗା ଏନଏସିରେ କାଯ୍ୟନିର୍ବାହୀ ଅଧିକାରି ଭାବେ କାଯ୍ୟକରୁଥିଲେ । ଆଜି ସ୍ଥାୟୀ ପୌର କାଯ୍ୟନିର୍ବାହୀ ଅଧିକାରି ଭାବେ ସିଦ୍ଧାର୍ଥ ପଟ୍ଟନାୟକ ଦାୟିତ୍ୱ ନେଇଥିବାରୁ ଜୟପୁର ବାସୀ ଖୁସି ପ୍ରକଟ କରିଛନ୍ତି । ଜୟପୁର ସହରର ବିକାଶ, ସହର କୁ ସ୍ୱଚ୍ଛ ରଖିବା ତାଙ୍କ ପ୍ରାଥମିକତା ବୋଲି କହିଛନ୍ତି ।ଏଠାରେ ଜୟପୁର ଉପ ଜିଲାପାଳ ଥିବା ହେମ କାନ୍ତ ସାୟ ପୌର କାଯ୍ୟନିର୍ବାହୀ ଅଧିକାରି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ । ସାୟ ଙ୍କ ପିଡି ଡିଆରଡିଏ ଭାବେ ପଦୋନ୍ନତି ହେବାରୁ ତାଙ୍କ ବଦଳି ହୋଇଯାଇଥିଲା । ପରବତି ସମୟରେ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଅମ୍ମା ଦାୟିତ୍ୱ ତୁଲାଇଥିଲେ ।

# ପଡୋଶୀଙ୍କ ଆକ୍ରମଣରେ ମା' ଝିଅ ଗୁରୁତର ଅଭିଯୋଗ

କେନ୍ଦ୍ରାପଡ଼ା,୨୧/୧ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧିନ ପକ୍ଷୋଟ ଗ୍ରାମରେ ଜଣେ ମହିଳା ଓ ତାଙ୍କ ନାବାଳିକା ଝିଅକୁ ପଡିଶା ପରିବାରର ଲୋକେ ନିସ୍ତୁକ ମାଡମାରି ଲହୁଲୁହାଣ କରି ଦେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଗ୍ରାମର ପ୍ରଫୁଲ୍ଲ କୁମାର ସ୍ୱାଇଁ କଲିକତାରେ ରହି କାମଧନ୍ଦା କରୁଥିବା ବେଳେ ଗ୍ରାମରେ ତାଙ୍କ ପତ୍ନୀ ସୁବାସିନୀ ଓ ଏକମାତ୍ର ନାବାଳିକା ଝିଅ ରୁହନ୍ତି । ଚଳିତ ମାସ ୧୯ ତାରିଖ ଦିନ ପଡିଶା ଘରର ଗାଈ ତାଙ୍କ ବାଡିରେ ପଶି ଫସଲ ନଷ୍ଟ କରିବାରୁ ସେ ପ୍ରତିବାଦ କରିଥିଲେ । ପଡିଶା ଘର ଲୋକେ ଉତ୍‌କ୍ଷିପ୍ତ ହୋଇ ଉଭୟ ମା' ଝିଅଙ୍କୁ ନିସ୍ତୁକ ମାଡ ମାରିଥିଲେ । ଏଭଳି ଘଟଣା ବାରମ୍ବାର ହେଉଥିବାରୁ ସୁବାସିନୀ ଥାନାରେ ଲିଖିତ ଭାବରେ ଜଣାଇ ସ୍ଥାୟୀ ପ୍ରତିକାର ଲୋଡିଛନ୍ତି ।

# ଆଦର୍ଶ ଆଚରଣ ବିଧି ଓ କରୋନା କଟକଣାକୁ ଉଲଙ୍ଘନ କରି ଚାଲିଛି ପ୍ରାର୍ଥୀପତ୍ର ଦାଖଲ

କେନ୍ଦ୍ରାପଡ଼ା,୨୧/୧ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ କରିବା ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି । ଏହା ସହ ବିଶ୍ୱ ମହାମାରୀ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସରକାରଙ୍କ ପକ୍ଷରୁ କଟକଣା ଲାଗୁ କରାଯାଇଛି । ଆଦର୍ଶ ଆଚରଣ ବିଧି ଅନୁଯାୟୀ ଆଶାୟୀ ପ୍ରାର୍ଥୀ କୌଣସି ର୍‌ୟାଲି କରିବା, ସ୍ଲୋଗାନ ଦେବା, ଦଳବଳ ନେଇ ପ୍ରାର୍ଥୀପତ୍ର ଦାଖଲ ପାଇଁ ପଟୁଆର ରେ ଆସିପାରିବେ ନାହିଁ ବୋଲି କଟକଣା ଲାଗୁ କରାଯାଇଛି । ମାତ୍ର ଏହାକୁ ଖୋଲାଖୋଲି ଉଲଘଂନ କରି କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ହଜାର ହଜାର ଦଳୀୟ ସମର୍ଥକ, ନେତା ଓ କର୍ମୀମାନେ ଗହଳି କରି ଆଦର୍ଶ ଆଚରଣ ବିଧି ଓ କରୋନା କଟକଣାକୁ ଉଲଘଂନ କରୁଥିବା ଦେଖା ଦେଇଛି । ଏହି ନେତା ଓ କର୍ମୀଙ୍କ ମୁହଁରେ ମାସ୍କ ନଥିବା ବେଳେ ସାମାଜିକ ଦୂରତା ଆଦୌ ରକ୍ଷା କାରାଯାଉ ନାହିଁ । ଏହା ସହ କାର୍ଯ୍ୟାଳୟ ପରିସରରେ ଜିନ୍ଦାବାଦ ନାରା ଦେଇ ଆଚରଣ ବିଧିକୁ ଉଲଘଂନ କରାଯାଉଛି । ପ୍ରାର୍ଥୀପତ୍ର ଦାଖଲର ଆସନ୍ତା କାଲି ଅନ୍ତିମ ଦିନ ଥିବାବେଳେ ନେତା ଓ କର୍ମୀଙ୍କ ଗହଳିରେ କରୋନା ସଂକ୍ରମଣର ଭୟ ବହୁଗୁଣରେ ବଢି ଯାଇଛି । ଏହା ସହିତ ଏବେଠାରୁ ଆଦର୍ଶ ଆଚରଣ ବିଧିକୁ ଉଲଘଂନ କରି ପ୍ରାର୍ଥୀପତ୍ର ଦାଖଲ କରାଯାଉ ଥିବାବେଳେ ଆସନ୍ତା ନିର୍ବାଚନ କେତେ ନିରପେକ୍ଷ ହେବ ଏହାକୁ ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ୨୦ ମାସ ହେଲା ମିଳିନି ଦରମା, ଧାରଣା ଦେବେ କରିଲୋପାଟଣା କଲେଜ ଅଧ୍ୟାପକ

କେନ୍ଦ୍ରାପଡ଼ା,୨୧/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନ କରିଲୋପାଟଣା ଡିଗ୍ରୀ କଲେଜ ରେ ପରିଚାଳନା ଗତ ତ୍ରୁଟି ପାଇଁ ଅଧ୍ୟାପକ/ଅଧ୍ୟାପିକା ମାନେ ଦୀର୍ଘ ୨୦ ମାସ ହେଲା ସେମାନଙ୍କ ମାସିକ ଦରମା ପାଇପାରୁ ନାହାଁନ୍ତି । ଏନେଇ ଅଧ୍ୟାପକ/ଅଧ୍ୟାପିକା ମାନେ ଆସନ୍ତା ଜାନୁୟାରୀ ୨୬ ତାରିଖ ଦିନଠାରୁ ଅନିର୍ଦ୍ଦିଷ୍ଟ କାଳପାଇଁ କଲେଜ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅହୋରାତ୍ର ଧାରଣାରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି । ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ଦାବିପତ୍ର ଦେବା ସହ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ଲୋଡିଥିବା ଜଣାପଡିଛି । ସୂଚନା ମୁତାବକ ଏହି କଲେଜରେ ଦୀର୍ଘବର୍ଷ ଧରି ବିଭିନ୍ନ ବିଭାଗରେ ଅଧ୍ୟାପନା କରି ଆସୁଥିବା ଏହି ଅଧ୍ୟାପକ/ ଅଧ୍ୟାପିକା ମାନଙ୍କ ଦାବିପ୍ରତି ଅଣଦେଖା କରାଯାଇ ଦରମା ଦିଆଯାଉ ନାହିଁ ।

## ମଧୁମେହକୁ ଦୂରେଇ ଦିଏ ସାଇକେଲିଂ



ନିକଟରେ କରାଯାଇଥିବା ଏକ ଅଧ୍ୟନରୁ ପାଦରେ ଚାଲୁଥିବା ତଥା ସାଇକେଲ ଚାଳନା କରୁଥିବା ଭାରତୀୟମାନଙ୍କୁ ଉଚ୍ଚ ରକ୍ତଚାପ, ମୁମେହ ଓ ମେଦବୃଦ୍ଧିରେ ଆକ୍ରାନ୍ତ ହେବା ଆଶଙ୍କା ବହୁତ କମ ଥାଏ । ଲର୍ଡନ ଇମ୍ପେରିଆଲ କଲେଜ ଓ ପବ୍ଲିକ୍ ହେଲଥ ଫାଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ଅଧ୍ୟନ କରାଯାଇଥିଲା । ଅଧ୍ୟନକାରୀମାନେ ଶାରୀରିକ ଗତିବିଧିଚାଲୁ ରଖିବା ପାଇଁ ଆବଶ୍ୟକ ବାହନ ବ୍ୟବହାର କରିବା ସହ ଅଧିକରୁ ଅଧିକ ଚାଲିବା ପାଇଁ ପରାମର୍ଶ ଦେଇଛନ୍ତି । ଏଥିରୁ ମଧୁମେହ ସହ ଅନେକ ଗମ୍ଭୀର ରୋଗରୁ ରକ୍ଷା କମିଳିଥା, । ଭାରତ ଓ ଆର୍ଥିକସ୍ତରରେ ଦୁର୍ବଳ ରାଷ୍ଟ୍ରଗୁଡ଼ିକରେ ଆସନ୍ତା ୨୦ବର୍ଷ ମ୍ୟରେ ମଧୁମେହ ଓ ହୃଦରେ ବଢ଼ିବା ଅନୁମାନ କରାଯାଉଛି ।

## ଶାଢ଼ି



ଭାରତୀୟ ମହିଳାମାନଙ୍କ ପାଇଁ ସବୁଠାରୁ ସହଜ ଓ ଆରାମଦାୟକ ପରିଧାନ ହେଲା ଶାଢ଼ି । ଏହାକୁ ସବୁ ଋତୁରେ ଏବଂ ସମସ୍ତ ଅବସରରେ ଆପଣ ପିନ୍ଧି ପାରିବେ । ଦିନ ହେଉ କି ରାତି, ଜନ୍ମଦିନ ହେଉ କି ବାହାଘର । ପର୍ବପର୍ବାଣି ହେଉ କିକଟିପାର୍ଟି, ଶାଢ଼ି ସବୁ ଅକେଜନ ପାଇଁ "ଫିଟ୍" । ଶାଢ଼ି ଦେହକୁ ଆରାମ ଦେବା ସହ ବ୍ୟକ୍ତିତ୍ୱକୁ ବିକଶିତ କରିବାରେ ସହାୟକ ହୁଏ । ଆପଣ ନିଜ ରଙ୍ଗକୁ ଦେଖି ଲାଇମ, ଲେମନ ୟେଲୋ, ହାଲକା ନାରଙ୍ଗି ଫିକା ଆକଶି ବା ଗୋଲାପି ରଙ୍ଗର କଟନ ଶାଢ଼ି ପିନ୍ଧିପାରିବେ । ଏବେ ଗୋଲଡେନ ବଡ଼ର ଓ ମଲ୍ଟିକଲରୀ ବଡ଼ରଥିବା ଶାଢ଼ିକୁ ସମସ୍ତେ ପସନ୍ଦ କରୁଛନ୍ତି । ବର୍ତ୍ତମାନ ଯୁବତୀମାନଙ୍କ ପସନ୍ଦ ଫ୍ଲୋରାଲ ଶାଢ଼ି । ଯେ କୌଣସି ଫିକା ରଙ୍ଗ ଉପରେ ସେଇ ରଙ୍ଗର ଫୁଲ ଏବଂ ସେଇ ଡିଜାଇନର ବ୍ଲାଉଜ ସମସ୍ତଙ୍କୁ ଆକର୍ଷିତ କରୁଛି । ନିକଟରେ ରିଲିଜ ଅପେକ୍ଷାରେ ଥିବା ସଲମନପ ଖାଁ ଅଭିନୀତ 'ଭାରତ' ପାଇଁ ଆୟୋଜିତ ଏକ ପ୍ରମୋସନ କାର୍ଯ୍ୟକ୍ରମରେ କ୍ୟାଟ୍ରିନା କୈଫଙ୍କୁ ଏହିପରି ଲୁକରେ ଦେଖିବାକୁ ମିଳିଥିଲା । ସେଥିରେ ସେ ଖୁବ୍ ସୁନ୍ଦର ଦେଖାଯାଉଥିଲେ ଯଦି ଆପଣ ଗର୍ଜିଅସ ଲୁକ୍ ଚାହୁଁଛନ୍ତି, ତା ହେଲେ ସିଲ୍କ ଶାଢ଼ି ବ୍ୟବହାର କରିପାରିବେ । ବେଶି ଗହଣା ନ ପିନ୍ଧି ଶାଢ଼ିକୁ ମ୍ୟାଚ କରି ଅଳ୍ପ ପିନ୍ଧନ୍ତୁ ଏବଂ ହାଲୁକା ମେକଅପ ନେପଇ ପାର୍ଟିକୁ ଯାଆନ୍ତୁ, ଭିଡ଼ରେ ବି ଆପଣ ବାରି ହୋଇଯିବେ ।

## ତ୍ୱଚାର ଯତ୍ନ...



ଆମେ ସମସ୍ତେ ତ୍ୱଚାକୁ ନେଇ ଖୁବ୍ ଯତ୍ନବାନ ଥିଲେ ମଧ୍ୟ ସମୟର ଅଭାବ ପାଇଁ ଆମେ ତ୍ୱଚାର ଯତ୍ନ ନେଇପାରିନଥାଉ, ଯାହାଫଳରେ ତ୍ୱଚା ଦିନକୁ ଦିନ ଯତ୍ନ ଅଭାବରେ ମଳିନ ପଡ଼ିଯାଏ ଓ ଯାହା ଆଖିକୁ ବହୁତ ଖରାପ ଦେଖା ଯାଇଥାଏ । ତେବେ ଚାଲନ୍ତୁ ଜାଣିବା କିଛି ଘରୋଇ ଉପାୟ ଯାହା ଦ୍ୱାରା ଆମେ ଆମ ତ୍ୱଚାର ଯତ୍ନ ନେଇପାରିବା ଓ ଆମ ସମୟ ମଧ୍ୟ ବଞ୍ଚିଯାଇପାରିବ । ଏକପାତ୍ରରେ ଗରମପାଣି ରଖି ସେଥିରେ ୧/୨ ଚାମଚ ଲେମ୍ବୁ ରସ ମିଶାଇ ସେହି ଗରମ ପାଣିର ବାମ୍ଫ ଆପରଙ୍କ ଚେହେରାକୁ ଦିଅନ୍ତୁ । ପାଖାପାଖି ୫-୬ ମିନିଟ୍ ଚେହେରାକୁ ବାମ୍ଫ ଦିଅନ୍ତୁ, ଏହାପରେ ଟାୱେଲ ସାହାର୍ଯ୍ୟରେ ମୁହଁ ଓ ବେକକୁ ସାମାନ୍ୟ ଘଷି ମୁହଁ ଧୋଇ ଦିଅନ୍ତୁ । ଯାହା ଦ୍ୱାରା ଆପଣ ପାଇପାରିବେ ଏକ ସଚେତ ତ୍ୱଚା । ,କ ବଡ଼ ଚାମଚ ହଳଦୀ, ଏକ ଷଛାଟ ଚାମଚ ଲେମ୍ବୁ ରସ ମିଶାଇ ଏକ ମିଶ୍ର ପ୍ରସ୍ତୁତ କରନ୍ତୁ ଏହି ମିଶ୍ରକୁ ଆପଣ ମୁହଁରେ ଲଗାଇ ୧୦ମିନିଟ୍ ପରେ ମୁହଁକୁ ପାରଇରେ ଧୋଇ ଦେବେ, ଏହାପରେ ଆପଣଙ୍କ ମୁହଁ ପୂର୍ବ ଅପେକ୍ଷା ସତେଜ ଲାଗଇଥାଏ । ମୁହଁ ସାଧା ପାଣିରେ ଧୋଇବା ଅପେକ୍ଷା ଆପଣ ଅଟା ବା ବେସନରେ କ୍ଷୀର ଓ ଲେମ୍ବୁ ରସ ମିଶାଇ ପ୍ରସ୍ତୁତ ମିଶ୍ରଣକୁ ମୁହଁ ଓ ବେକରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ, ଏହାପରେ ମୁହଁ ଓ ବେକକୁ ପାଣିରେ ଧୋଇ ଦେଇ ମୁହଁରେ ଗୋଲାପ ଜଳ ଲଗାଇ ଦିଅନ୍ତୁ । ଯାହା ଫଳରେ ଆପଣଙ୍କ ତ୍ୱଚାର ଚମକ ବଢ଼ିଯିବ ।

## ଭ୍ୟାନିଟି ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ

**ଗରମ ଦିନରେ ଆପଣଙ୍କ ନିଜ ଜିନିଷ ଉପରେ ଧ୍ୟାନ ଦେବାର ଆବଶ୍ୟକତା ବହୁତ ରହିଛି । ହାଇଜିନରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଖାଇବା ପର୍ଯ୍ୟନ୍ତ ସବୁକିଛି ସନ୍ତୁଳିତ ହେବା ଆବଶ୍ୟକ ନହେଲେ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ । ସାଧାରଣତଃ ସମସ୍ତେ ନିଜର ଆବଶ୍ୟକ ଜିନିଷ ପ୍ରତି ଧ୍ୟାନ ରଖିଥାଆନ୍ତି । ତେଣୁ କେତୋଟି ଜିନିଷ ଆପଣ ବାହାରକୁ ବାହାରିବା ସମୟରେ ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ ।**

**ପାଣିବୋଟଲ:** ସବୁ ଆବଶ୍ୟକ ଜିନିଷଠାରୁ ବେଶୀ ଜରୁରୀ ପାଣି । ଆପଣ ପାଣି ବୋତଲକୁ ବିଲକୁଲ ଭୁଲନ୍ତୁ ନାହିଁ । ଗୋଟେ ଛୋଟ ପାଣି ବୋତଲ ବ୍ୟାଗରେ ନିଶ୍ଚିତ ଭାବରେ ରଖନ୍ତୁ ।

**ୱାଇପସ୍:** ଗରମରେ ଝାଳ ବହୁତ ବାହାରେ ଯାହା ଦ୍ୱାରା ସ୍କିନରେ ମଇଳା ଜମିବାର ବିପଦ ରହିଛି । ସେଥିପାଇଁ ଓଦା ୱାଇପସ ଆପରଙ୍କ ସହିତ ରଖନ୍ତୁ । ଯେତେବେଳେ ମୁହଁରୁ ଝାଳ ବାହାରିବ ତେବେ ୱାଇପସର ସାହାଯ୍ୟରେ ପୋଛନ୍ତୁ । ଏଥିରେ ଚେହେରା ସତେଜ ରହିବ ।

**ଗୋଲାପ ଜଳ:** ଗରମ ଦିନରେ ଯାଦୁ ପରି ପ୍ରଭାବ ପକାଏ ଗୋଲାଜଳ । ଗରମ ଦିନରେ ଶରୀର ସହିତ ସ୍କିନକୁ ମଧ୍ୟ ହାଇଡ୍ରେସନର ଆବଶ୍ୟକ ହୁଏ । ଏମିତିରେ ଗୋଲାପ ଜଳକୁ ସ୍କିନରେ ଛିଞ୍ଚି ସ୍କିନକୁ ହାଇଡ୍ରୋଟେଡ୍ ରଖିପାରିବେ ।

**ସନ୍‌ଗ୍ଲାସ୍:** ସ୍କିନ୍ ପାଇଁ ଯେତେ ଜରୁରୀ ସନସ୍କ୍ରିନ୍ ଲୋସନ ଆଖି ପାଇଁ ମଧ୍ୟ ସନ୍‌ଗ୍ଲାସ୍‌ର ସେତିକି ଆବଶ୍ୟକ । ଭଲ କ୍ୱାଲିଟିର ସନଗ୍ଲାସ କିଣନ୍ତୁ ଓ ଖରାରେ ବାହାରିଲେ ଏହାକୁ ବ୍ୟବହାର କରନ୍ତୁ ।

**ପରଫ୍ୟୁମ୍:** ଝାଳଗନ୍ଧରୁ ରକ୍ଷା ପାଇବା ପାଇଁ ଡିୟୋଡ୍ରେଣ୍ଟ ଆପଣଙ୍କ ସହିତ ରଖନ୍ତୁ । ଆପଣ ଯଦି ଚାହିଁବେ ପକେଟ୍ ସାଇଜ ରୋଅନର ବି ବ୍ୟବହାର କରିପାରିବେ ।



## ଆଙ୍ଗୁଠି ଟଣା ଖେଳ



ଗୋଡ ଟଣାଟଣି କରିବା କଥା ଆପଣମାନେ ଜାଣିଥିବେ, କିନ୍ତୁ କେବେ ଆଙ୍ଗୁଠି ଟଣାଟଣି କରିବା କଥା ଶୁଣିଛନ୍ତି କି ? ଯଦି ନାଁ ତାହେଲେ ଆପରାଙ୍କୁ ଜର୍ମାନୀ ଯାଇ ଏହା ଦେଖିବା ନିଶ୍ଚିତ ଦରକାର। ଏଠାରେ ଶାବରୀୟ ରାଜ୍ୟର ବହୁଲୋକଙ୍କୁ ପରସ୍ପରର ଆଙ୍ଗୁଠି ଟାଣିବାର ଦେଖିବାକୁ ମିଳିବ । ସୂଚନାମୂତାବକ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ ଜର୍ମାନୀ, ଫିନଲ୍ୟାର୍ଡ, ଶାବରୀୟା ଆଦି ସ୍ଥାନରେ ବହୁ ବର୍ଷ ପୂର୍ବରୁ ହୋଇଥିଲା । ତେବେ ଆବରୀୟାର ଏକ ଗ୍ରାମରେ ଥିବା ଦୁଇ ପରିବାର ମଧ୍ୟରେ ବହୁ ଦିନ ଧରି ଚାଲିଥିବା ଏକ ବିବାଦକୁ ସମାଧାନ କରିବାକୁ ଯାଇ ଗାଁର ମୁଖିଆମାନେ ଏକ ଭିନ୍ନ ରାସ୍ତା ବାଛିଥିଲେ । ସେମାନେ ଉଭୟ ପରିବାର ର ସଦସ୍ୟଙ୍କ ଭିତରେ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ କରିଦେଲେ । ତେବେ ଯେଉଁ ପକ୍ଷ ଏହି ଖେଳରେ ଜିତିଥିଲା ତାହାତରେ ସମାଧାନର ଭାର ରଖାଯାଇଥିଲା ଏବଂ ଏହା କରିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସମାଧାନର ବାଟ ବାହାରିବା ସହ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ହୋଇଥିଲା । ତେବେ ଧୀରେଧୀରେ ଏହି ଖେଳଟିର ଲୋକପ୍ରିୟତା ବଢ଼ିବାର ଲାଗିଲା ଏବଂ ଏହି ଖେଳକୁ ୟୁରୋପିୟନମାନେ ମଧ୍ୟ ଖେଳିବାକୁ ଲାଗିଲେ । ଏହି ଖେଳର ନାମଥିଲା "ଫିଙ୍ଗରଫାଇଟ୍", "ଫିଙ୍ଗରପୁଲିଙ୍ଗ", ଫିଙ୍ଗର ରେସ୍ଲିଙ୍ଗ" କିମ୍ବା "ଫିଙ୍ଗରହାକଲେନ" । ତେବେ ଏହି "ଫିଙ୍ଗରହାକଲେନ" ଖେଳର ଅଭ୍ୟାସ ସମୟରେ ଦୁଇ ବିପକ୍ଷ ଦଳ ପରସ୍ପରର ବୀପରିତ ଟେବୁଲରେ ବସନ୍ତି ଏବଂ ପ୍ରତିଦ୍ୱନ୍ଦୀ ଦଳ ଟେବୁଏର ବୀପରୀତ କୋଣକୁ ଆଙ୍ଗୁଠିକୁ ଧରି ଟାଣିବାକୁ ଚେଷ୍ଟା କରନ୍ତି । ତେବେ ଏହି ଖେଳଟିକୁ ଖେଳିବା ପାଇଁ ଟ୍ରେନିଙ୍ଗ ମଧ୍ୟ ଦିଆଯାଉଅଛି । ଲୋକମାନେ ଘଣ୍ଟ ଘଣ୍ଟା ଧରି ପରିଶ୍ରମ କରନ୍ତି ପରସ୍ପରକୁ ହରାଇବା ପାଇଁ ଏଥିସହ ନୂଆ ନୂଆ ପ୍ରଣାଳୀ ମଧ୍ୟ ଶିଖନ୍ତି ।

## ହାଇ ହିଲ୍ ବିରୋଧରେ ଜାପାନରେ ଚାଲିଛି କୁ ଠୁ ଅଭିଯାନ



କର୍ମକ୍ଷେତ୍ରରେ ମହିଳାଙ୍କୁ ହାଇ ହିଲ୍ ଚପଲ ପିନ୍ଧିବା ବାଧ୍ୟତାମୂଳକ କରାଯିବ ପରେ ଏବେ ଏହା ବିରୋଧରେ ଆରମ୍ଭ ହୋଇଛି ଅନଲାଇନ ଅଭିଯାନ । ଏହି ଅଭିଯାନର ପ୍ରଭାବ ଏତେ ଜୋର ପଡ଼ିଲାଣି ଯେ, ଶ୍ରମ ମନ୍ତ୍ରାଳୟ ପକ୍ଷରୁ ନିୟମକୁ ସଂଶୋଧନ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଅଭିଯାନକୁ ଆରମ୍ଭ କରିଥିଲେ ଜାପାନର ଅଭିନେତ୍ରୀ ତଥା ବରିଷ୍ଠ ଲେଖିକା ୟୁମି ଇସିକାଭା । ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନରେ ୨୦ ହଜାର ମହିଳା ସାମିଲ ହେଲେଣି । ଏହି ଅଭିଯାନର ନାମ ଦିଆଯାଇଛି କୁଠୁ । ଯାହାର ଜାପାନୀ ଭାଷାରେ ଅର୍ଥ ହେଉଛି ଜୋତା ଏବଂ ଯନ୍ତ୍ରଣା । ହାଇ ହିଲ୍ ଯୋଗୁ ମହିଳା ମାନଙ୍କୁ ଅଯଥାରେ ଯନ୍ତ୍ରଣା ଭୋଗିବାକୁ ବାଧ କରାଯାଉଛି ବୋଲି ଅଭିଯାନରେ ସାମିଲ ଥିବା ମହିଳାମାନେ ଅଭିଯୋଗ ଉଠାଇଛନ୍ତି । ସେମାନେ କହିଛନ୍ତି ଯେ, ଜାପାନରେ ହୋଟେଲ ଠାରୁ ଆରମ୍ଭ କରି ଘରୋଇ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ମହିଳାମାନଙ୍କୁ ଅଘୋଷିତ ଭାବେ ହାଇ ହିଲ୍ ପିନ୍ଧିବାକୁ ବାଧ କରାଯାଉଛି । ୮ରୁ ୧୦ ଘଣ୍ଟା ହାଇହିଲ୍ ପିନ୍ଧିବା ଦ୍ୱାରା ମହିଳାଙ୍କୁ ପାଦରେ ଯନ୍ତ୍ରଣା ଭୋଗିବାକୁ ପଡୁଛି ।

## ଆସାମର ଅଦଳ-ବଦଳ ମେଳା



ପ୍ରତ୍ୟେକ ଜିନିଷର କିଛି ନା କିଛି ମୂଲ୍ୟ ରହିଛି । ଆମେ କୌଣସି ଜିନିଷଟିଏ ଘରକୁ ଆଣିବାକୁ ଇଚ୍ଛା କଲେ ପ୍ରଥମେ ତାର ମୂଲ୍ୟ ପରିଶୋଧ କରି ଜିନିଷଟିକୁ ଦୋକାନୀଠାରୁ କିଣୁ । କିନ୍ତୁ ଆଜିକାଲି ଯୁଗରେ ବିନା ଟଙ୍କାରେ ମଧ୍ୟ ଜିନିଷ ମିଳିପାରୁଛି । ମାଗଣାରେ ଏହି ଜିନିଷ କେବଳ ଆସାମରେ ଆୟୋଜିତ ଏହି ମେଳାରୁ ମିଳିପାରେ । ଆସାମରେ ତିନିଦିନ ଧରି ଚାଲୁ ରହୁଥିବା ଏହି ମେଳାରେ ଆପଣ କୌଣସି ବି ଜିନିଷ ଘରକୁ ଆଣିବାରିବେ । ବିନା ମୂଲ୍ୟରେ । ମେଳାରେ ଆସାମର ଆଦିବାସୀ ସବୁ ପ୍ରକାର ଲୋକ ସାମିଲ ହୁଅନ୍ତି । ମେଳାରେ ପଡ଼ିଥିବା ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରାଯାଇଥିବାବେଳେ ଏହି ଜିନିଷ ଗୁଡ଼ିକୁ ଆଣିବା ପାଇଁ ଗ୍ରାହକମାନଙ୍କୁ ଆଧୁନିକ ମୁଦ୍ରା ଦେବାର ପ୍ରଚଳନ ହୋଇ ନ ଥାଏ । ଏଠାକୁ ଆସୁଥିବା ଲୋକେ ଜିନିଷ ଅଦଳ ବଦଳ କରି ଘରକୁ ନିଜ ଦରକାରୀ ଜିନିଷ ନେଇ ଆସନ୍ତି । ଆଦିବାସୀ ଲୋକେ ଜଙ୍ଗଲରୁ ଯେଉଁ ଦ୍ରବ୍ୟ ସଂଗ୍ରହ କରନ୍ତି ତାକୁ ମେଳା ବଜାରରେ ସେମାନେ ସାମିଲ କରନ୍ତି । ୫ଶହ ବର୍ଷ ଧରି ଚାଲି ଆସୁଥିବା ଏହି ମେଳାରେ ପାହାଡ଼ି ଜନଜାତି ଓ ସାଧାରଣ କୃଷକଙ୍କ ଭିତରେ ଜିନିଷର କିଣା ବିକା ବିଶେଷ ଭାବେ ଦେଖାଯାଏ । ଏହା ବ୍ୟତୀତ ମେଳାରେ ସାମୁଦ୍ରିକ ମାଛ ଧରିବାର ପରମ୍ପରା ରହିଥିବାବେଳେ ମେଳାର ଶେଷ ଦିନ ଐତିହାସିକଗୋଭା ରାଜାଙ୍କର ରାଜଦରବାର ବସାଯାଏ ଯେଉଁଥିରେ ପ୍ରତି ଜନଜାତୀର ଲୋକଭାଗ ନିଅନ୍ତି ।

## କେଶ ଓ ସ୍କିନର ଯତ୍ନ

ଆପଣ ଘର ଭିତରେ ରୁହନ୍ତୁ ବାମ ବାହାରେ ବାୟୁ ପ୍ରଦୂଷଣରେ ରୁହନ୍ତୁ ଆପଣ ସ୍କିନ୍ ଓ କେଶର ବିଶେଷ ଧ୍ୟାନ ରଖିବା ଉଚିତ୍ । ମନେରଖନ୍ତୁ ଏସି, ରେଫ୍ରିଜରେଟର ଓ ମାଇକ୍ରୋୱେଭରୁ ବାହାରୁଥିବା ଗ୍ୟାସ୍ ଆପରଙ୍କ ସ୍କିନ ଓ କେଶ ପାଇଁ କ୍ଷତିକାରକ ହୋଇଥାଏ । ଖରା ହେଉ ବା ବର୍ଷା ଆପଣ ପ୍ରଦୂଷଣରୁ ଆପଣଙ୍କ ସ୍କିନ ଓ କେଶକୁ ରକ୍ଷା କରିବା ପଶଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସ୍କିନ୍‌ଓେ କେଶକୁ କ୍ଲୋଜିଙ୍ଗ, ଟୋନିଙ୍ଗ ଓ ମଇଷ୍ଚରାଇଜିଙ୍ଗ କରନ୍ତୁ । କେଶକୁ ଭରପୂର ମାତ୍ରାରେ ପୋଷଣ ଦିଅନ୍ତୁ ଯାହା ଦ୍ୱାରା



କେଶ ଯେପରି ରୁକ୍ଷ ହୋଇପନଯାଏ । ବାହାରକୁ ଯିବା ସମୟରେ ଆପଣଙ୍କ କେଶକୁ ପ୍ରଦୂଷଣରୁ ରକ୍ଷା କରିବାକୁ ବିଶେଷ ସ୍କୋର ବ୍ୟବହାର କରନ୍ତୁ । ସ୍କିନରେ ସମରସ୍କ୍ରିନ୍ , ଏଲୋଭେରା ଜେଲ ଲଗାନ୍ତୁ । ଏଥିରେ ଆପଣଙ୍କ ସ୍କିନ ୬ରୁ୭ ଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣରୁ ରକ୍ଷା ପାଇ ପାରିବ ।

## ଓଭାରିଆନ୍ କ୍ୟାନସରକୁ ପ୍ରତିରୋଧ କରୁଥିବା ଖାଦ୍ୟ

ଓଭାରିଆନ କ୍ୟାନସର ମହିଳାମାନଙ୍କୁ ହେଉଥିବା ଏକ ଘାତକ ରୋଗ । ଠିକ୍ ସମୟରେ ଏହାର ଚିକିତ୍ସା ନକଲେ ଏହି ରୋଗ ମୃତ୍ୟୁମୁଖରେ ପକାଇଥା, । ଓଭାରିଆନ୍ କ୍ୟାନସର ମୂଳ ରୂପରେ ଅଣ୍ଡାଶୟରେ ହେଉଥିବା ଟ୍ୟୁମର । ଏହାର ଚିକିତ୍ସା ନକଲେ ଏହା ପେଲଭିକ୍ ଓ ପେଟରେ ମାଡ଼ିଯାଏ ଏହି ସ୍ତରରେ ଏହାର ଚିକିତ୍ସା କରିବା କଷ୍ଟକର ହୋଇପଡ଼େ । ଏହି ରୋଗରେ ପେଟ୍ ଫୁଲିଯାଏ । ବାରମ୍ବାର ପରିସ୍ରା ଲାଗେ । ପେଲଭିକ୍ ଏରିଆରେ ସମସ୍ୟା ଦେଖାଦିଏ । ଓଜନ କମ ହୋଇଯାଏ ଏହାର ସଠିକ୍ କାରଣ କେହି କହି ପାରିବେ ନାହିଁ । ଡାକ୍ତରମାନେ କିଛି କାରକଙ୍କୁ ଏହାର କାରଣ ବୋଲି ମାନିଥାନ୍ତି ଯଥା ପାରିବାରିକ ଇତିହାସ, ଅତ୍ୟଧିକ ମୋଟା ହେବା, ଏଣ୍ଡୋମେଟ୍ରିୟେସିସ୍, ହର୍ମୋନ, ଥେରାପୀ ଓ କିଛି ଲୋକଙ୍କ ମଧ୍ୟରେ ଆନୁବଂଶିକ ପରିବର୍ତ୍ତନ । ତେବେ କିଛି ଘରୋଇ ଉପାୟ ଦ୍ୱାରା ଏହି ସ୍ଥିତି ଓ ଲକ୍ଷଣର ପ୍ରବନ୍ଧନ କରିବା ଦ୍ୱାରା ଆପଣଙ୍କୁ ସାହାଯ୍ୟ ମିଳିପାରିବ ।

**ମଶରୁମ୍:-**
ମଶରୁମରେ ଲେଣ୍ଟନେନ୍ ନାମକ ସକ୍ରିୟ ଘଟକ ବା ତତ୍ତ୍ୱ ରହିଛି, ଯାହା କିଛି ପ୍ରକାରର କ୍ୟାନସରର ବିକାଶକୁ ପ୍ରତିରୋ କରିବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ ଡିଓ ମେଗା- ୩ ମିଳିଥାଏ ।



**ସୋୟାରୁ ଉତ୍ପାଦ ଖାଦ୍ୟ:-**
ନ୍ୟୁଟ୍ରିସନ୍ ଜର୍ନାଲ୍ ଏଣ୍ଡ କ୍ୟାନସର ଦ୍ୱାରା ପ୍ରକାଶିତ ଏକ ଅଧ୍ୟନ ଅନୁସାରେ, ସୋୟାରୁ ଉତ୍ପାଦ ଦେଉଥିବା ଖାଦ୍ୟରେ ଆଇସୋଫ୍ଲୋବୋନସ ରହିଛି ଯାହା କ୍ୟାନସର କୋଷିକାର ସଞ୍ଚରଣକୁ ଅବରୋଧ କରାଏ ଓ ଟ୍ୟୁମରର ପ୍ରସାରକୁ କମ କରିଥାଏ । ସେଥିପାଇଁ ଆପଣ ସୋୟାରୁ ତିଆରି ଖାଦ୍ୟ ଯଥା- ପନିର, ଦହି ତେଲ, ସୋୟାବିନ ଦୋୟା ସ୍ପାଉଟସ ଆଦି ଖାଆନ୍ତୁ ।

**ପେପରମିଣ୍ଟ ଚା:-**
ସବୁବେଳେ ଯଦି ଆପଣ ଅଫସେଟ୍ ରହୁଛନ୍ତି, ତେବେ ଏହା ମଧ୍ୟ ଓଭାରିଅନ କ୍ୟାନସରର ସାମାନ୍ୟ ଲକ୍ଷଣ ମଧ୍ୟରୁ ଗୋଟିଏ। ପେପରମିଣ୍ଟ ଚା ବାସ୍ତବରେ ଏହାର ଚିକିତ୍ସା ପାର୍ଇ ସାହାଯ୍ୟ କରେ । ଏହାକୁ ତିଆରି କରିବାକୁ ହେଲେ ପାଣିରେ ପେପରମିଣ୍ଟର ୪ଟି ପତ୍ର ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ, ତାପରେ ଚା ପରି ଏହାକୁ ପିଅନ୍ତୁ।

**ଲାଲ ପିଆଜ:-** ଲାଲ ପିଆଜ କ୍ୱେର ସେଟିନ୍, ଏପିଗେନିନ୍ ଓ ବିଭିନ୍ନ ଏନ୍ଥୋକାୟନିନ୍ ପରି କ୍ୟାନସରରୋଧୀ ଯୌଗିକ ବସ୍ତୁରେ ଭରପୂର ଯାହାକୁ ସେବନ କଲେ ଓଭାରିଆନ୍ କ୍ୟାନସରରେ ଆପଣଙ୍କୁ ସାହାଯ୍ୟ କରିପାରେ ।

**ଅଦା:-** ଅଦାରେ ମଧ୍ୟ କ୍ୟାନସରରୋଗୀ ଗୁଣ ରହିଛି । ଏଥିରେ ଜିଞ୍ଜରୋଲ, ଜିଞ୍ଜରୋନ ଓ ଶୋଗଲ ସହିତ ସକ୍ରିୟ ଯୌଗିକ ବସ୍ତୁ ଥାଏ । ଯେଉଁଥିରେ କ୍ୟାନସରରୋଧୀ ଗୁଣ ରହିଛି ଓ କ୍ୟାନସରର ଉପ୍ରିବର୍ଦ୍ଧନକୁ ଦବାଇଦିଏ ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୨ ଜାନୁଆରୀ ୨୦୨୨, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତକୁ ଦେଖ...

ମହାମାରୀ କରୋନା ସଂକ୍ରମଣରେ ଏବେ ସମଗ୍ର ବିଶ୍ୱ ସନ୍ତ୍ରସ୍ତ । ଗଲା ପ୍ରାୟ ଦୁଇବର୍ଷ ଧରି ଏହି ମହାମାରୀ ସାରା ସଂସାରକୁ ଆତଙ୍କିତ କରି ରଖିଛି । କିନ୍ତୁ ମାନବ ସମାଜ ପ୍ରତି କେବଳ ଯେ ଏହି ଗୋଟିଏ ବିପଦ ଏବେ ଦେଖା ଦେଇଛି ତାହା ନୁହେଁ, ସମସ୍ତଙ୍କ ଅଲକ୍ଷ୍ୟରେ ଆହୁରି ଅନେକ ପ୍ରାକୃତିକ ବିପଦ ଧୀରେ ଧୀରେ ଆଗକୁ ଅଗ୍ରସର ହେବାରେ ଲାଗିଛି । ସେଥିମଧ୍ୟରୁ ସବୁଠାରୁ ବଡ଼ ବିପଦଟି ହେଲା ଜଳବାୟୁ ପରିବର୍ତ୍ତନ ଏବଂ ଏହାର ବିଶ୍ୱ ଉପରେ ଏହାର ପ୍ରତିକୂଳ ପ୍ରଭାବ । ବିଶ୍ୱ ଉତ୍ତାପନ ବୃଦ୍ଧି ମାନବ ସମାଜ ଉପରେ ଖୁବ୍ ଶୀଘ୍ର ବ୍ୟାପକ ପ୍ରତିକୂଳ ପ୍ରଭାବ ପକାଇବାକୁ ଯାଉଛି ବୋଲି ଜଳବାୟୁ ବିଜ୍ଞାନୀ ଏବଂ ପରିବେଶବିଦ୍‌ମାନେ ସତର୍କବାଣୀ ଶୁଣାଇବା ପରଠାରୁ ମିଳିତ ଜାତିସଂଘ ଠାରୁ ଆରମ୍ଭ କରି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସମସ୍ତ ସଂଗଠନ ଓ ସଂସ୍ଥା ଏହାକୁ ରୋକିବା ଦିଗରେ ଅଣ୍ଟା ଭିଡ଼ିବା ଆରମ୍ଭ କରିଛନ୍ତି । ଏପରିକି ଅଧିକାଂଶ ରାଷ୍ଟ୍ର ଏ ଦିଗରେ ଯତ୍‌ପରୋନାସ୍ତି ପ୍ରୟାସ କରିଆସୁଛନ୍ତି । କିନ୍ତୁ ତାହା ଯେ ଏହି ମହାସଂକଟକୁ ରୋକିବା ଲାଗି ପର୍ଯ୍ୟାପ୍ତ ନୁହେଁ ଏହାର ପ୍ରମାଣ ମିଳିବା ଆରମ୍ଭ କରିସାରିଛି । ବିଶ୍ୱ ଉତ୍ତାପନ ଯୋଗୁଁ ମେରୁ ଅଞ୍ଚଳର ତୁଷାର ତରଳି ସମୁଦ୍ରର ଜଳପତ୍ତନ ବୃଦ୍ଧି ବିଶ୍ୱବାସୀଙ୍କ ଲାଗି ଏକ ନିଶ୍ଚିତ ବିପଦର ସୂଚନା ପ୍ରଦାନ କରେ । ମିଳିତ ଜାତିସଂଘ ଆନୁକୂଲ୍ୟରେ ପରିଚାଳିତ ବିଶ୍ୱ ଆର୍ଥିକ ଫୋରମର ମତ ଅନୁସାରେ, ୨୧୦୦ ମସିହା ସୁଦ୍ଧା ବିଶ୍ୱର ବର୍ତ୍ତମାନର ମାନଚିତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିସାରିଥିବ । ବିଶ୍ୱ ଉତ୍ତାପନ ଯୋଗୁଁ ସମୁଦ୍ରର ଜଳସ୍ତର ୧୦୭ଫୁଟରୁ ସ୍ଥଳବିଶେଷରେ ୩.୨ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ୨୦୧୧ ମସିହା ତ ଦୂରର କଥା ୨୦୫୦ ମସିହା ସୁଦ୍ଧା ବାୟୁମଣ୍ଡଳର ଉତ୍ତାପ ୨ଡିଗ୍ରୀ ସେଣ୍ଟିଗ୍ରେଡ ବୃଦ୍ଧି ଯୋଗୁଁ ସମୁଦ୍ରର ଜଳସ୍ତର ଯେତିକି ବୃଦ୍ଧି ପାଇବ ସେଥିରେ ସାରା ବିଶ୍ୱର ପ୍ରାୟ ୫୭୦ଟି ସହର ଓ ନଗର ଜଳମଗ୍ନ ହେବ ଏବଂ ସେଥିରେ ପ୍ରାୟ ୮୦କୋଟିରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିବ । ବିଶ୍ୱ ଉତ୍ତାପନ ନେଇ ଏଭଳି ଆକଳନ ବେଶ୍ କିଛି ବର୍ଷ ଧରି କରାଯାଇ ଆସୁଛି । କିନ୍ତୁ ଏହାକୁ ରୋକିବା ନିମନ୍ତେ ବିଶ୍ୱ ଜନମତ ଏକ ହୋଇପାରିନାହିଁ ଅଥବା ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ସମୁଚିତ ବୋଲି କୁହାଯିବ ନାହିଁ । ଏଭଳି ପୃଷ୍ଠଭୂମିରେ ଏବେ ଉତ୍ତାପନର ପ୍ରଥମ ପ୍ରଭାବ ଦେଖିବାକୁ ମିଳିଛି ଇଣ୍ଡୋନେସିଆରେ । 'ବେଳ ଥାଉ ବନ୍ଧ ବାନ୍ଧରେ କୁମର' ନ୍ୟାୟରେ ଇଣ୍ଡୋସେନିଆର ସରକାର ଦେଶର ଓ ଦେଶବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଏକ ବିରାଟ ପଦକ୍ଷେପ ଗ୍ରହଣ କରିଛନ୍ତି । ତାହା ହେଲା, ରାଜଧାନୀକୁ ଜାକର୍ତ୍ତାରୁ ନୁସାନ୍ତରାକୁ ସ୍ଥାନାନ୍ତର । ଏହି ମର୍ମରେ ସେ ଦେଶ ସରକାର ସଂସଦରେ ଏକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି । ଅନ୍ୟୂନ ୩୨ ବିଲିୟନ ଡଲାର ମୂଲ୍ୟରେ ଜାକର୍ତ୍ତାଠାରୁ ପ୍ରାୟ ୨୦୦ କିଲୋମିଟର ଦୂରରେ ଦେଶର ଏହି ନୂତନ ରାଜଧାନୀ ନିର୍ମାଣ କରାଯିବ । ଅର୍ଥାତ୍, ଜାଭା ଦ୍ୱୀପରୁ ରାଜଧାନୀ ବୋର୍ଣ୍ଣିଓ ଦ୍ୱୀପକୁ ସ୍ଥାନାନ୍ତରିତ ହେବ । ପୂର୍ବ କାଲିମାନ୍ତାରାର ନିଘଞ୍ଚ ଜଙ୍ଗଲରେ ଏହା ମୁଣ୍ଡ ଟେକିବ । ଏଥିପାଇଁ ୨,୫୬୧ ବର୍ଗ କିଲୋମିଟରର ଘଞ୍ଚ ଜଙ୍ଗଲକୁ କଂକ୍ରିଟ୍ ଜଙ୍ଗଲରେ ପରିଣତ କରାଯିବ । କିନ୍ତୁ ଏହାର କୌଣସି ବିକଳ୍ପ ନାହିଁ । ଆକଳନ ଅନୁସାରେ ୨୦୫୦ମସିହା ବେଳକୁ ଜାକର୍ତ୍ତା ସମୁଦ୍ର ତଳେ ବୁଡି ସାରିଥିବ ! ସମୁଦ୍ରର ଜଳସ୍ତର ବୃଦ୍ଧି ଆଶଙ୍କାରେ ଏତେବଡ଼ ପଦକ୍ଷେପ ନେବାରେ ଇଣ୍ଡୋନେସିଆ ବିଶ୍ୱର ପ୍ରଥମ ରାଷ୍ଟ୍ର । କିନ୍ତୁ ଏହା ଏକମାତ୍ର ରାଷ୍ଟ୍ର ନୁହେଁ । ଆଗାମୀ ଦିନରେ ଶତାଧିକ ରାଷ୍ଟ୍ରଙ୍କୁ ଇଣ୍ଡୋନେସିଆର ପଦାଙ୍କ ଅନୁସରଣ କରିବାକୁ ପଡ଼ିପାରେ । ୨୦୫୦ ସୁଦ୍ଧା ଗୁଜରାଟ ଠାରେ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଯେଉଁସବୁ ଉପକୂଳ କ୍ଷେତ୍ର ପ୍ରତି ବିପଦର ଆଶଙ୍କା ରହିଛି ସେଥିମଧ୍ୟରୁ ଚେନ୍ନାଇ ଠାରୁ ଆରମ୍ଭ କରି ଅଝିକୋଡ଼, ମୁନ୍ଦେରୀ, ଉଡୁପି, ଗୋକର୍ଣ୍ଣ, ଚିଦାମ୍ବରମ୍ ମହାବଳୀପୁରମ୍, କଳ୍ପକମ୍, ଚେନ୍ନାଇ (୪୫%ରୁ ଅଧିକ) ପାରାଦ୍ୱୀପ, ବ୍ରହ୍ମପୁର, ଛତ୍ରପୁର ଚିଲିକା ପାର୍ଶ୍ୱବର୍ତ୍ତୀ ସ୍ଥାନ, ଧାମରା, କୋଲକାତା, ବାରାନଗର, ରାଜପୁର, ସୋନାରପୁର, ଦିଘଳ, କଣ୍ଟେଇ ପର୍ଯ୍ୟନ୍ତ ଅନେକ ସହର ଓ ନଗର ଜଳମଗ୍ନ ହେବାର ଆଶଙ୍କା ରହିଛି । ସେହିଭଳି ଆମେରିକା ଠାରୁ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଠାରୁ ଜାପାନ, କୋରିଆ, ଚୀନ ଠାରୁ ଋଷୁଆର ବ୍ୟାପକ ଉପକୂଳବର୍ତ୍ତୀ କ୍ଷେତ୍ରକୁ ସମୁଦ୍ର ତା'ର ଆଁରେ ନେଇଯିବା ପ୍ରାୟ ସୁନିଶ୍ଚିତ । ତେଣୁ ଇଣ୍ଡୋନେସିଆ ତା'ର ରାଜଧାନୀ ପରିବର୍ତ୍ତନ କରି ସମଗ୍ର ବିଶ୍ୱକୁ ଏକ ଚେତାବନୀ ଦେଇଛି ଯେ, ସେମାନେ ବାଧ୍ୟ ଏ ଦିଗରେ ଏବେଠାରୁ ଯୋଜନା ଓ ପଦକ୍ଷେପ ଗ୍ରହଣ କରିବା ସମୀଚୀନ ହେବ ।

# ଗାଁ ବଞ୍ଚିଲେ ଦେଶ ବଞ୍ଚିବ



**ଗୋପାଳ ମହାପାତ୍ର**

ଦେଶ ସ୍ୱାଧୀନ ହେବା ପରେ ଭାରତମାତାର ପୁନଃ ପ୍ରାଣପ୍ରତିଷ୍ଠା କରିବାର ଚିନ୍ତା କରିଥିବା ଗାନ୍ଧୀ ଆଉ ନାହାନ୍ତି । ଦେଶର ଅନେକ ସମାଜସେବୀ କହୁଛନ୍ତି ଯେ ଗାଁ ବା ଗ୍ରାମ ଏବେ ସଙ୍କଟରେ, ଦେଶକୁ ବଞ୍ଚାଇବାକୁ ହେଲେ ଗାଁକୁ ବଞ୍ଚାଇବାକୁ ପଡ଼ିବ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ମଧ୍ୟ ଗାଁର ବୈଭବ କଥା କହୁଛନ୍ତି ଏବଂ ଗାଁକୁ ବଞ୍ଚାଇବା ପାଇଁ ବ୍ୟାପକ ଅଭିଯାନର ଆବଶ୍ୟକତା ରହିଛି ବୋଲି କହୁଛନ୍ତି । ଗାନ୍ଧୀ ଗ୍ରାମ ସ୍ୱରାଜର କଥା କହୁଥିଲେ । ସେ ଠିକ୍ ଜାଣିଥିଲେ ଯେ ଦେଶର ସ୍ୱାଧୀନତା ପରେ ଅର୍ଥବ୍ୟବସ୍ଥାର ପ୍ରହାର ଗାଁ ଉପରେ ପଡ଼ିବ, ସେ କଥା ମଧ୍ୟ ହୋଇଛି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ୟୁରୋପୀୟ ଦର୍ଶନରେ ପ୍ରଭାବିତ ଥିଲେ ଏଣୁ ସହରକୁ ବିକାଶର ମାନକ (ମାପଦଣ୍ଡ) ଭାବେ ଗ୍ରହଣ କରିଥିଲେ । ଶ୍ରମ ଆଧାରିତ କୁଟୀର ଶିଳ୍ପ ସ୍ଥାନରେ ବଡ଼ବଡ଼ ମେସିନର କଥା ଆରମ୍ଭ ହୋଇଗଲା । ଗାଁର ମିଶ୍ରିତ ଅର୍ଥବ୍ୟବସ୍ଥା ଦୁର୍ବଳ ହୋଇଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ୯୦ ଦଶକର ଗ୍ଲୋବାଲାଇଜେସନ ପରେ ଟାଟା, ରିଲାଏନ୍ସ ଭଳି ବଡ଼ ବଡ଼ କମ୍ପାନୀମାନେ ମଧ୍ୟ ଗାଁରେ ପହଞ୍ଚିଗଲେ । ଗାଁର ପରମ୍ପରାଗତ କୌଶଳକୁ ବଡ଼ବଡ଼ କମ୍ପାନୀମାନେ ଗିଳିଦେବା ଆରମ୍ଭ କରିଦେଲେ । ସର୍ବପ୍ରଥମେ ସେଇ ଲୋକମାନଙ୍କ ହାତରୁ କାମ ଛଡ଼ାଇ ନିଆଗଲା ଯେଉଁମାନେ ଗାଁର ସ୍ୱତନ୍ତ୍ର ଅର୍ଥବ୍ୟବସ୍ଥାର କାରକ ଥିଲେ ।

ଗାଁରେ ବିଭିନ୍ନ ଜାତିର ଲୋକମାନେ ବସବାସ କରିଥାନ୍ତି ଓ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ ହୋଇଥାନ୍ତି । ଅନ୍ୟପକ୍ଷରେ କହିବାକୁ ଗଲେ ସମସ୍ତେ ପରସ୍ପରର ପରିପୂରକ । ଦେଶ ସ୍ୱାଧୀନ ହେବାର କିଛିବର୍ଷ ପର୍ଯ୍ୟନ୍ତ ଟଙ୍କାର ବିନିମୟ ଏତେ ନଥିଲା ଯାହା ଏବେ ଅଛି । ପ୍ରାୟତଃ ବସ୍ତୁ ବିନିମୟର ଆଧାରରେ ଅନେକ କାମ ଚାଲୁଥିଲା । କିନ୍ତୁ ବଡ଼ବଡ଼ କମ୍ପାନୀମାନଙ୍କର ଉତ୍ପାଦ ଗାଁରେ ପହଞ୍ଚିବା ପରେ ଗାଁରେ ରହୁଥିବା ଲୋକଙ୍କ ହାତରୁ କାମ ଚାଲିଗଲା ଓ ସେମାନେ ପ୍ରାୟ ବେକାର ହୋଇଗଲେ । ଗାଁରେ ଆଉ କମାରଶାଳ ନାହିଁ । ଦା, କଟୁରୀ, କୁରାଢ଼ି ସବୁ ଟାଟା କମ୍ପାନୀର । ଗାଁରେ ଆଉ ବଣିଆ କାମ ହେଉନାହିଁ । ଏବେ ବ୍ରାଣ୍ଡେଡ୍ କମ୍ପାନୀମାନେ ଅଳଙ୍କାର ବିକୁଛନ୍ତି, ଏଣୁ ପାରମ୍ପରିକ ବୃତ୍ତି ଓ କୌଶଳକୁ ନେଇ ବଞ୍ଚୁଥିବା ଲୋକେ ବେକାର । ଏଣୁ ଲୋକଙ୍କ ମନରେ ଚାକିରୀର ନିଶା ଏବେ ସବାର। ଲୋକେ ଏବେ ଚାକିରୀ ପାଇଁ ସହରମୁହାଁ ହେବାରେ ଲାଗିଛନ୍ତି । ପୁରୁଷ ପୁରୁଷ ଧରି ଲୋକେ ଯେଉଁ ପାରମ୍ପରିକ ବୃତ୍ତି କରୁଥିଲେ ବା କୌଶଳ ସେମାନଙ୍କର ଥିଲା ତାକୁ ଯଦି ଆଧୁନିକା ସହ ଯୋଡ଼ିବାର ବ୍ୟବସ୍ଥା କରାଯାଇଥାନ୍ତା ତେବେ ଟାଟା, ତନିସ୍କ ଏବଂ ରିଲାଏନ୍ସ ଫ୍ରେସ ଭଳି ସଂସ୍ଥା ଗାଁରେ ପଶିପାରିନଥାନ୍ତେ ।

ରାଜନୀତିର ଖେଳ ଏଥିପାଇଁ ଅନେକ ପରିମାଣରେ ଦାୟୀ । ରାଜନୀତି ପାଇଁ ଜାତି ସବୁ ଭୋଟବ୍ୟାଙ୍କରେ ପରିଣତ ହୋଇଗଲ ଏବଂ ସଂରକ୍ଷଣ (କୋଟା)ର ମରିଚିକା ଦେଖାଇ ରାଜନୀତି କର୍ମଜୀବୀ ଲୋକଙ୍କୁ ଚାକିରୀର ଲାଇନରେ ଠିଆ କରାଇଦେଲା । ଏ କଥା ଧ୍ରୁବ ସତ୍ୟ ଯେ ଦେଶ ସମ୍ଭାଳିବାକୁ ବା ଶାସନ କରିବାକୁ ଯଦି ସ୍ୱୟଂ ଭଗବାନ ଆସନ୍ତି ତେବେ ସମସ୍ତଙ୍କୁ ଚାକିରୀ ଦେଇପାରିବେ ନାହିଁ । ଏକ ସୁନିୟୋଜିତ ଚକ୍ରାନ୍ତ କରାଯାଇ ଲୋକଙ୍କଠାରୁ ପରମ୍ପରାଗତ କୌଶଳ ଛଡ଼ାଇ ନିଆଯାଇ ଶିଳ୍ପପତିଙ୍କ ହାତକୁ ଟେକି ଦିଆଗଲା । ଗାନ୍ଧୀ ଯେଉଁ ଗ୍ରାମୋଦ୍ୟୋଗ ଭଳି ସ୍ୱାବଲମ୍ବୀ ବ୍ୟବସ୍ଥା କଥା ଚିନ୍ତା କରିଥିଲେ ତାହା କୁଆଡ଼େ ହଜିଗଲା । ସବୁ ଛୋଟ ବଡ଼ କାମ ଶିଳ୍ପପତିଙ୍କ ହାତକୁ ଚାଲିଗଲା । ଲୋକଙ୍କ ଆର୍ଥିକ ସଶକ୍ତିକରଣ କଥା ଚିନ୍ତା କରାଯିବା ପରିବର୍ତ୍ତେ ସଂରକ୍ଷଣର ଭୂତ ତାଙ୍କ ମୁଣ୍ଡରେ ପୁରାଇ ଦିଆଗଲା । ଯଦି ଦଳିତ ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ହୋଇପାରନ୍ତା ତେବେ ସାମାଜିକ ବୈଷମ୍ୟତା ଆପେ ଆପେ ଦୂର ହୋଇପାରନ୍ତା । ଅଟଳ ବିହାରୀ ବାଜପେୟୀଙ୍କ ସରକାର ଅମଳରେ ଯୋଜନା ଆୟୋଗ ସଦସ୍ୟ ଦଳିତ ନେତା ପ୍ରଫେସର ସୁରଜଭାନ ବାଜପେୟୀ ସରକାରକୁ ପରାମର୍ଶ ଦେଇ କହିଥିଲେ ଯେ ପ୍ରତି ପରିବାରକୁ (ଦଳିତ ପରିବାର) ସର୍ବନିମ୍ନ ୫ ଏକର ଲେଖାଏଁ ଜମି ଦିଆଯାଉ ଏବଂ ସଂରକ୍ଷଣ ସରକାର ନିଜ ପାଖରେ ରଖନ୍ତୁ । କର୍ମଜୀବୀ ବା କର୍ମଠ ଲୋକେ ନିଜର ସ୍ଥିତିକୁ ନିଜେ ସୁଦୃଢ଼ କରିପାରିବେ । ଆଉ ସଂରକ୍ଷଣ ଦେବାର ଆବଶ୍ୟକ ପଡ଼ିବ ନାହିଁ । ପ୍ରଫେସର ସୁରଜଭାନଙ୍କ ପରାମର୍ଶକୁ ସରକାର ଗ୍ରହଣ କରିନଥିଲେ । ଶାସକମାନଙ୍କୁ ପ୍ରଶ୍ନ କରାଯିବା ଉଚିତ ଯେ ସିଲିଙ୍ଗ୍ ଆଇନ କୁଆଡ଼େ ଗଲା ? ସିଲିଙ୍ଗ ଆଇନ ହେଉଛି ଏକ ସାମ୍ବିଧାନିକ ବ୍ୟବସ୍ଥା । ଏହି ବ୍ୟବସ୍ଥା ଅନୁସାରେ ଗୋଟିଏ ପରିବାର ପାଖରେ ନିର୍ଦ୍ଧାରିତ ଜମିରୁ ଅଧିକ ରହିପାରିବ ନାହିଁ। ଅତିରିକ୍ତ ଜମିକୁ ଭୂମିହୀନଙ୍କୁ ବାଣ୍ଟି ଦିଆଯିବ । ୬୦ ବର୍ଷରୁ ଅଧିକ ସମୟ ଦେଶରେ କଂଗ୍ରେସ ଶାସନ କଲା । ହେଲେ ସେଇ ସାମ୍ବିଧାନିକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏବେର ବିଜେପି ସରକାର ଏ ବାବଦରେ ଚିନ୍ତା କରୁନାହିଁ କାହିଁକି ?

ସମ୍ବେଦନଶୀଳ କଥା ହେଉଛି ଶାସନରେ ଏବେ ନୂଆ ସମୟର ଜମିଦାରମାନେ ଅଛନ୍ତି । ଯେଉଁମାନେ ଜମିଦାର ନଥିଲେ ସେମାନେ ଶାସନକୁ ଆସିବା ପରେ ଜମିଦାର ପାଲଟି ଯାଉଛନ୍ତି । ଗାଁ ପାଇଁ ଏବେ ସଙ୍କଟ । ୧୦ ପ୍ରତିଶତ ଲୋକଙ୍କ ପାଖରେ ୭୦ ପ୍ରତିଶତ ଜମି । ଏହି ୧୦ ପ୍ରତିଶତ ଲୋକେ ନିଜକୁ ଚାଷୀ ବୋଲି କୁହନ୍ତି କିନ୍ତୁ ନିଜେ କେବେ ଚାଷ କରିନଥାନ୍ତି । ଅଧିକତର ସହରୀ ସାହେବ ହେଉଛନ୍ତି ଚାଷୀ ବା କୃଷକ । ଗାଁର ଉନ୍ନତି ପାଇଁ ଏମାନଙ୍କର କିଛି ନେଣ ଦେଣ ନାହିଁ । ନିବେଶ ଓ ଉଦ୍ୟୋଗୀକରଣ ନାମରେ ଚାଷ ଜମି ସବୁ ଅଧିଗ୍ରହଣ କରାଯାଉଛି । ଗାଁର ଯେଉଁସବୁ ମଧ୍ୟମ ବର୍ଗୀୟ ଚାଷୀ ରହିଲେ ସେମାନଙ୍କ ମନରେ ଭୟ ପୁରାଇ ଦିଆଯାଉଛି ଯେ ଚାଷରେ ଲାଭ ନାହିଁ ବରଂ କ୍ଷତି । ବଡ଼ ବଡ଼ ବ୍ୟବସାୟୀମାନେ ଏବେ ଗାଁମାନଙ୍କରେ ପଶିଗଲେଣି । ଚାଷୀ ହତାଶ ହୋଇ ଚାଷ ଜମିକୁ ବିକ୍ରି କରିଦେଉଛି । ସରକାର ସବୁବେଳେ କୃକେ ବା ଚାଷୀଙ୍କ ସୁବିଧା କଥା କହୁଛନ୍ତି ହେଲେ ସେମାନଙ୍କ ଭରସାକୁ ଜିଣିପାରୁନାହାନ୍ତି । ଦେଶରେ ଯେଉଁ କୃଷକ ଆନ୍ଦୋଳନ ଚାଲିଥିଲା ତାହା ମଧ୍ୟ କିଛି ଏଭଳି ଭ୍ରମର ପରିଣାମ ।

ଗ୍ରାମାଞ୍ଚଳରେ ଏବେ ଲୋକଙ୍କ ସଂଖ୍ୟା କମୁଛି । ଲୋକେ ସହରକୁ ଆସି ବସ୍ତିବାସିନ୍ଦା ପାଲଟି ଯାଉଛନ୍ତି । ଦେଶ ସ୍ୱାଧୀନ ହେବାବେଳେ ଜନସଂଖ୍ୟାର ୮୫ ପ୍ରତିଶତ ଲୋକେ ଗାଁମାନଙ୍କରେ ରହୁଥିଲେ । ଏବେ ଏହି ସଂଖ୍ୟା ୬୫ ପ୍ରତିଶତ ବା ତା'ଠାରୁ କମ୍ ହୋଇଗଲାଣି । ଇତିମଧ୍ୟରେ ସହରମାନଙ୍କର ସଂଖ୍ୟା ୩ ଗୁଣରୁ ଅଧିକ ବଢ଼ିଗଲାଣି । ଏକ ତଥ୍ୟ ଅନୁସାରେ ଦେଶର ୯୦ ହଜାର ଗାଁର ଚିହ୍ନ ବର୍ଣ୍ଣ ଆଉ ନାହିଁ । ଦେଶ ସ୍ୱାଧୀନ ହେବାବେଳେ କୃଷି କ୍ଷେତ୍ରର ଜିଡିପିରେ ଯୋଗଦାନ ୫୦ ପ୍ରତିଶତ ଥିଲା । ୨୦୧୫ ବେଳକୁ ଏହା ୧୭ ପ୍ରତିଶତରେ ପହଞ୍ଚିଥିଲା, ଏବେ ଆହୁରି କମ୍ ହେବଣି । ଗାନ୍ଧୀ କହୁଥିଲେ ଯଦି ପ୍ରତ୍ୟେକ ଗାଁ ନିଜର ଆବଶ୍ୟକତା ପୂରଣ ପାଇଁ ସ୍ୱାବଲମ୍ବୀ ହୋଇପାରିବେ ତେବେ ପ୍ରକୃତ ଗ୍ରାମ ସ୍ୱରାଜ ଆସିପାରିବ । ଗାନ୍ଧୀଙ୍କ ଏହି ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଯେଉଁ ଅର୍ଥବ୍ୟବସ୍ଥାର ଛାୟାରେ ଆମେ ଆଗକୁ ବଢୁଛେ ତାରି ପାଇଁ ଗାଁର ସ୍ଥିତି ଏବେ ସଙ୍କଟରେ । ଭାରତର ଆତ୍ମା ଗାଁରେ । ଗାଁ ବଞ୍ଚିଲେ ଦେଶ ବଞ୍ଚିବ । ଏ କଥା ସମସ୍ତେ ବୁଝିବା ଆବଶ୍ୟକ ।

ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

# ଧାନମଣ୍ଡି ଅବ୍ୟବସ୍ଥା: ଚାଷୀ ଦୂରାବସ୍ଥା ! ସରକାରୀ ପଦକ୍ଷେପ ଲୋଡା!



**ପ୍ରଦୋଷ କୁମାର ଦାସ**

ଆମ ଦେଶର ପୂର୍ବତନ ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଲାଲବାହାଦୁର ଶାସ୍ତ୍ରୀଜୀ କୃଷକଙ୍କୁ ଦେଶର ଉନ୍ନତିରେ ବିଶେଷ ଗୁରୁତ୍ୱ ଦେଇ ଦେଶର ଅସ୍ତିତ୍ୱର ସୁରକ୍ଷା ପାଇଁ ଯେପରି ଯବାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ସେହିପରି ଦେଶର ଖାଦ୍ୟ ସୁରକ୍ଷା ପାଇଁ କୃଷୀଜୀବୀ ଅର୍ଥାତ କୃଷକ ବା କିଶାନଙ୍କ ଭୂମିକା ସର୍ବାଦୌ ଗୁରତ୍ୱପୂର୍ଣ୍ଣ ବୋଲି କହି ନିଜର ଐତିହାସିକ ସ୍ଲୋଗାନରେ ' ଜୟ ଜବାନ ,ଜୟ କିଶାନ' ବୋଲି ଉଦାତ୍ତ କଣ୍ଠରେ ଘୋଷଣା କରିଥିଲେ। ହେଲେ ଆମ ଦେଶ କଣ ଆମ ରାଜ୍ୟ କଥା ବିଚାର କଲେ ଆମ ରାଜ୍ୟର ଚାଷୀଙ୍କ ପାଇଁ ଏହି ଜୟ କିଷାନ ଉକ୍ତିଟି ଏଯାଏଁ ସତ୍ୟସିଦ୍ଧ ହୋଇପାରୁନଥିବା ଅଭିଯୋଗଟି ରାଜ୍ୟ ଚାଷୀ ମହଲର କ୍ଷୋଭରୁ ପ୍ରକାଶ। ପ୍ରାକୃତିକ ସମସ୍ୟା ବିଜଡିତ ତଥା ଚିର ଅବହେଳିତ ଚାଷୀଟିର ଅମଳ ଫସଲର ଏଯାଏଁ ସରକାରୀ ସହାୟକ ମୂଲ୍ୟ ସନ୍ତୋଷଜନକ ଭାବେ ଧାର୍ଯ୍ୟ ହୋଇପାରିନଥିବା ଅଭିଯୋଗ ହେଉଛି। କେବଳ ସେତିକି ନୁହେଁ, ଚାଷୀଟିକୁ ତାର ଅମଳ ଫସଲକୁ ସମୟୋଚିତ ସରକାରୀ ମଣ୍ଡିରେ ବିକ୍ରୟ ପାଇଁ ଦେବାକୁ ବଡ ଦହଗଂଜ ହେବାକୁ ପଡୁଛି। ରାଜ୍ୟରେ ଏଯାଏଁ ପ୍ରାୟ ସବୁଠାରେ ସମୟୋଚିତ ମଣ୍ଡି ସୁବ୍ୟବସ୍ଥିତ ହୋଇପାରୁନାହିଁ। ତଥାପି

ଅମଳ ଧାନର ମଣ୍ଡିରେ ସୁରୁଖୁରୁରେ ବିକ୍ରୟ ପାଇଁ ସାରା ରାଜ୍ୟର ଚାଷୀ ମହଲରେ ଯତପରୋନାସ୍ତି ଉତ୍ସୁକତା ରହିଛି। ଯାହାବି ହେଉ ପଛେ ସର୍ବନିମ୍ନ ସହାୟକ ମୂଲ୍ୟ( ଏମ ଏସ ପି ) ୧୯୬୦ ରୁ ୧୯୪୦ ଟଙ୍କା। ହେଲେ ମଣ୍ଡିରେ ସମୟୋଚିତ ଧାନ ବିକ୍ରି ହୋଇଗଲେ ଅନ୍ତତଃ ଦଲାଲଙ୍କ ଶିକାର ହେବାକୁ ପଡିବ ନାହିଁ। ଅଭାବୀ ବିକ୍ରିର ଶିକାର ତ ହେବାକୁ ପଡିବ ନାହିଁ। ଏହି ନ୍ୟାୟରେ ଚାଷୀଟି ମଣ୍ଡିରେ ତାର ଅମଳ ଧାନ ଦେଇ ଦୁଇ ପଇସା ଉପାର୍ଜନ ନିମିତ୍ତ ମନ ବଳାଇବା ସ୍ୱାଭାବିକ।

ସୂଚନା ମୁତାବକ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ସମେତ ଓଡିଶାର ଅନେକ ସ୍ଥାନରେ ଏଯାଏଁ ମଣ୍ଡି ଆରମ୍ଭ ହୋଇପାରିନାହିଁ। ଓଡିଶାର ପ୍ରାୟ ସବୁଠାରେ ମଣ୍ଡି ଅବ୍ୟବସ୍ଥା ମଧ୍ୟ ଲାଗିରହିଥିବା ଅଭିଯୋଗ ଉଠୁଛି।

ତେବେ ଯୋଗାଣ ବିଭାଗର ତଥ୍ୟାଭିଜ୍ଞ ମହଲରୁ ପ୍ରାପ୍ତ ସୂଚନା ମୁତାବକ ଚଳିତ ବର୍ଷ ଆମ ରାଜ୍ୟରେ ୧୫ ଲକ୍ଷ ୭୪ ହଜାର ୩୧୭ ପଂଜିକୃତ ଚାଷୀଙ୍କ ଠାରୁ ୬୩ ଲକ୍ଷ ମେଟ୍ରିକ ଟନ ଖରିଫ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ପ୍ରକାଶ। ଏଯାବତ୍ ୪ ଲକ୍ଷ ୨୯ ହଜାର୩୩୩ ଜଣ ଚାଷୀଙ୍କ ଠାରୁ ପ୍ରାୟ ୨୧ ଲକ୍ଷ ୮୨ ହଜାର ୧୭୫ ମେଟ୍ରିକ ଟନ ଖରିଫ ଧାନ ସଂଗ୍ରହ ହୋଇପାରିଛି ବୋଲି କୁହାଯାଉଛି।

ବିଭିନ୍ନ ଅଂଚଳରୁ ଉଠୁଥିବା ଅଭାଯୋଗ ଅନୁଶୀଳନ ଆଧାରରେ ଜଣାପଡିଛିଯେ, ଚାଷୀ ମୋବାଇଲକୁ ଧାର୍ଯ୍ୟ ତାରିଖ ଅବା ମଣ୍ଡି ପାଳିରେ ମଣ୍ଡିରେ ଧାନ ବିକ୍ରୟ ପାଇଁ ନିଜ ନିଜ ସେବା ସମବାୟ ସମିତି କାର୍ଯ୍ୟାଳୟରୁ ଟୋକନ ସଂଗ୍ରହ ନିମନ୍ତେ ସୂଚନା ଆସୁଛି।ସରକାରୀ ସ୍ତରରେ ମୋବାଇଲ ସୂଚନା ପାଇ

ଚାଷୀଟି ଟୋକନ ସଂଗ୍ରହ ପାଇଁ ସମିତି କାର୍ଯ୍ୟାଳୟରେ ଆସି ଯୋଗାଯୋଗ କଲାବେଳକୁ ତାକୁ ଟୋକନ ମିଳିପାରୁନାହିଁ। ଏହାର ଜିଜ୍ଞାସା କଲେ ମଧ୍ୟ ଉପରୁ ନିର୍ଦ୍ଦେଶ ଆସିନାହିଁ ବୋଲି ଉତ୍ତର ମିଳୁଛି। କେବେ ମଣ୍ଡି ହେବ ବୋଲି ମଧ୍ୟ ଦାୟିତ୍ୱରେ ରହିଥିବା ସଂପୃକ୍ତ ସେବାସମବାୟ ସମିତି କର୍ମକର୍ତ୍ତା କେହି କିଛି କହିପାରୁନାହାଁନ୍ତି। କେବଳ ସେତିକି ନୁହେଁ, ସରକାରୀ ମଣ୍ଡି ଯେପରି ମିଲର ମର୍ଜିରେ ଚାଲିଛି, ସେହିଭଳି, ମଣ୍ଡିକୁ ମିଲର ନଆସିଲେ ସ୍ଥିରୀକୃତ ମଣ୍ଡି ପାଳି ମଧ୍ୟ ସ୍ଥଗିତ ରଖିବାକୁ ପଡୁଛି। ମିଲର ମାନଙ୍କ ମୁହଁ ଦେଖା କାରବାର ଓ ମନମାନି ମଣ୍ଡିକୁ ଧାନ ଧରି ଆସିଥିବା ଚାଷୀଟିର ଅସହାୟତାକୁ ବଢାଇଦେଉଛି। ଅନେକ ସ୍ଥାନରେ ମିଲ ମାଲିକ ଓ ଯୋଗାଣ ବିଭାଗର ଅସାଧୁ ମେଣ୍ଟ ମଣ୍ଡି ଅବ୍ୟବସ୍ଥା ଜନୀତ ଚାଷୀ ଅସହାୟତାକୁ ଦ୍ୱିଗୁଣିତ କରୁଛି। ପ୍ରତିବାଦ କଲେ ପ୍ରଭାବଶାଳୀ ମିଲର ଧାନର ମାନକୁ ନେଇ ଅଯଥା ବାକବିତଣ୍ଡା କରି ପ୍ରତି ପ୍ୟାକେଟ ଅବା ବସ୍ତାରେ କଟନିଛଟନି ବାବଦରେ କ୍ୱିଣ୍ଟାଲ ପିଛା ୮ରୁ ୧୦ କିଲୋ ଲେଖାଏଁ କାଟ କରି ରଖୁଛି। ସ୍ପଷ୍ଟ ଦିବା ଲୋକରେ ଚାଷୀ ଆଖିରେ ମିଲର ଆଙ୍ଗୁଠି ଖୁଞ୍ଚି ଲୁଟ୍ କରିବାରେ ସାମାନ୍ୟ ବିଚାର ବୋଧ ମଧ୍ୟ ରଖୁନାହିଁ। କ୍ଷେତରୁ ମଣ୍ଡି ଯାଏଁ ଦହଗଂଜ ହୋଇ ଚାଷୀଟି କିପରି ଫସଲ ଅମଳ କରୁଛି ,ତା ପଛରେ ଚାଷୀଟ କିକି ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇ ଆସୁଛି, ତାହା ଅନୁଭବୀହିଁ ଠିକ୍ ବୁଝିପାରିବ।

ମୁଣ୍ଡ ଝାଳ ତୁଣ୍ଡରେ ମାରି ବହୁ ବାଧାବିଘ୍ନ , ନାନା ପ୍ରାକୃତିକ ତାଡନାରେ ସନ୍ତୁଳିତ ହୋଇ ଆମ ରାଜ୍ୟର ଚାଷୀଭାଇ ଏସନ ଖରିଫ ଫସଲକୁ ଯେନତେନ ପ୍ରକାରେ ଅମଳ କରିଥିଲେ। ହେଲେ ଅମଳ ଧାନର ଧାର୍ଯ୍ୟ ସରକାରୀ ମୂଲ୍ୟରେ ବିକ୍ରୟ ପାଇଁ ଧାନ ମଣ୍ଡିର ଅବ୍ୟବସ୍ଥା ଜନୀତ ସମସ୍ୟାରେ ଯୁଝି ହୋଇ ଚାଷୀଭାଇ ଯେଉଁପ୍ରକାର ଦହଗଞ୍ଜ ହେବାରେ ଲାଗିଛନ୍ତି,ଯେକେହି କହିବ ହାୟରେ ଚାଷୀ ,ହାୟ ତୋର ଲହୁ ଲୁହ ବିନିମୟେ ଅମଳର ଏ କି ଦୂରାବସ୍ଥା ?

ଚାଷୀ ହସିଲେ ସାରା ଦୁନିଆ ହସିବ।ସତରେ କଣ ଆମ ରାଜ୍ୟର ଚାଷୀ ପାଇଁ ଏହି ଉକ୍ତିଟି ସତ୍ୟସିଦ୍ଧ ହୋଇପାରିଛିକି ?

କରୋନାର ପ୍ରଥମ ଲହର ପରେ ୨ୟ ଲହର ମଧ୍ୟରେ ବିଲକୁ ଗୋଡ କାଢି ଚଳିତ ଅମଳକୁ ଉପୁଜାଇବାରେ ପ୍ରଥମେ ମୌସୁମୀ ଧୋକାଦେଲା। ବିଳମ୍ବିତ ଚାଷରେ ଖରିଫ ଧାନ ଫସଲକୁ ଆବଶ୍ୟକ ସାର ସମସ୍ୟା ଓ କଳାବଜାରି ଚାଷୀକୁ ଲହୁଲୁହାଣ କରିଥିଲା। ବହୁ କଷ୍ଟେ ପରିସ୍ଥିତି ସମ୍ଭାଳି ଚାଷୀ କ୍ଷେତରେ ସୁନେଲି ଫସଲ ଅମଳର ସ୍ୱପ୍ନ ଦେଖିବାବେଳକୁ ଜୱାଦ ବାତ୍ୟା ପ୍ରଭାବରେ ଅସମୟ ବର୍ଷା ଓଡିଶା ଚାଷୀଙ୍କ ଅମଳ ଆହାର ମୁହଁରେ ପାହାର ପକାଇବା ଭଳି ଅମଳ ଆସନ୍ନ କ୍ଷେତରେ ପାଣି ଭରିଦେଲା। ବର୍ଷା ପାଣିରେ ଜଡସଡ ପାଚିଲା ଧାନ ଅନେକ ନଷ୍ଟ ହେଲା, ଅନେକ-କ୍ଷେତରେ ଗଜା ହୋଇଗଲା। ପାକଳ ଧାନ ନଷ୍ଟ ହେବାର ଭୟ , ହେଉପଛେ ଦରପାଚିଲା, କ୍ଷେତରେ ଖେଳୁଥିବା ଧାନ ଫସଲ କିପରି ଖଳାକୁ-ଆସିବା ଚିନ୍ତାରେ ଓଡିଶାର ଉପକୂଳ ସମେତ ବିଭିନ୍ନ ଜିଲ୍ଲାର ଚାଷୀ ମହଲ ଉଦବିଗ୍ନ ରହିଥିଲା। ଜୱାଦ ବର୍ଷା ପ୍ରଭାବରେ ପାଣିରୁ ଛାଣି କେତେ ସନ୍ତସନ୍ତରେ ଓଡିଶାର ବିଭିନ୍ନ ସ୍ଥାନରେ ଚାଷୀ ଅନେକାଂଶ ଅମଳ ରକ୍ଷା ରକ୍ଷାକରିଥିଲା । କାରଣ ଜୱାଦ ବର୍ଷା ପ୍ରଭାବରୁ ଅମଳ ଆସନ୍ନ ଧାନ ଫସଲ ବଞ୍ଚାଇବାକୁ ତତ୍କାଳ ମଜୁରିଆ ତଥା ଓ ଅର୍ଥାଭାବ ସମସ୍ୟାରେ ପଡି ଚାଷୀ ପିଲାଝିଲା,ସପରିବାର ଲାଗିପଡି ଯାହାକିଛି ଫସଲ ବଞ୍ଚାଇଥିଲେ,ତାର ବିକ୍ରୟ ଲବ୍ଧ ଉପାର୍ଜନ ପାଇଁ ଏବେ ସମୟ ଆସିଛି। ସରକାରୀ ଧାର୍ଯ୍ୟ ମୂଲ୍ୟରେ ମଣ୍ଡିରେ ଧାନ ବିକି ଚାଷୀଟି କିଛି ଅର୍ଜନ କରି ହୁଏତ ବାକିବୁକର, ଋଣ, ହାତଉଧାରି ଶୁଝିବ।

ଦୁଃଖର ବିଷୟ, ଏବେ କୁଆଡେ ସାରା ଓଡିଶାରେ ମଣ୍ଡି ବ୍ୟବସ୍ଥାରେ ଶତକଡା ୩୫ ଭାଗ ଧାନ ସଂଗ୍ରହ ସରିଛି। ଓଡିଶାର ୧୫ ଟି ବିଭିନ୍ନ ଜିଲ୍ଲାରେ ଏଯାବତ୍ ମଣ୍ଡିର ଶୁଭାରମ୍ଭ ହୋଇପାରିନାହିଁ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ମନେ ରଖ କଥା ତିନୋଟି



**ଅଶୋକ କୁମାର ପ୍ରଧାନ**

ଆକାଶରେ ନାହିଁ ବାଦଲର ଛଇ
ନାହିଁ କାରିତିକ ହବିଷ
ହସ ହସ ମୁଖେ ଆସିଛି ଧରାକୁ
ମାସ ଜାନୁୟାରୀ ଛବିଶ
ଜାଣିପିଲେ ଏହି ଦିନଟି
ପାଳନ କରିବ ଖୁସିରେ ସଭିଏଁ
ଏହି ହିତ କଥା ତିନ'ଟି।

ଏହି ଦିନ ଆମ ସମ୍ବିଧାନ କାର୍ଯ୍ୟ
ପ୍ରଚଳନ ହେଲା ଜାଣରେ
ତାହାରି ନିୟମ ମାନି ଚଳିବାକୁ
ଖାଇଲେ ସଭିଏଁ ରାଣରେ
ସ୍ମରଣୀୟ ଏହି ଦିବସ
ପିଲା ଠାରୁ ବୁଢା ସଭିଏଁ ପାଳିଲେ
ଦେଶ ପ୍ରେମେ ଭାବେ ଅବଶ୍ୟ।

ଜାତୀୟ ପତାକା ଆମରି ସଙ୍କେତ
ସେ ପରା ଦେଶର ଗୌରବ
କୋଟି ଭାରତୀୟ ମନେ ବୁଣିଛି ସେ
ଭକତି ପ୍ରେମର ସୌରଭ
ତାକୁ ସନମାନ କରିବ
ଜୟ ବିଜୟର ବାନା ଉଡାଇଣ
ଦେଶ ପାଇଁ ଯଶ ବରିବ।

ମହାପୁରୁଷଙ୍କ ପାଦ ତଳେ ତୁମେ
ଭକତିର ଫୁଲ ଢାଳିବ
ତାଙ୍କ ବଳିଦାନ ବୀରତ୍ୱ ପଣିଆ
ନିହାତି ହୃଦୟେ ଭାଳିବ
ମନୁ କପଟକୁ ଟାଳିବ
ତାଙ୍କ ହିତ କଥା ବଞ୍ଚିଥିଲା ଯାଏ
ସଭିଏଁ ଜୀବନେ ପାଳିବ।

କୋଟି ଭାରତୀୟ ଶପଥ କରିବ
ଜାତି ଧର୍ମ ପ୍ରଥା ଭୁଲିକି
ସଭିଏଁ ସମାନ ଭାବିବ ମନରେ
ଉଚ୍ଚ ନୀଚ ଯାଉ ଚୁଲିକି
ଏଇ କଥା ହୃଦେ ଟାଣିବ
ଗୋଟିଏ ମାଆର କୋଟି ପୁଅ ଆମେ
ଏଇ ଭାବ ହୃଦେ ଆଣିବ।

♥ ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ତୁମ ରଙ୍ଗ



**ଦୁଷ୍ମନ୍ତ ବେହେରା**

ରଙ୍ଗ ରେ ଆକୃଷ୍ଟ କଲ
ରୂପରେ ମନ ମୋହିଲ
ମୁଁ ତୁମକୁ ପ୍ରେମ କରୁ କରୁ
ମୋ ପାଇଁ ତୁମ ପ୍ରେମ
ରଙ୍ଗ ହୀନ....

ଏ ରଙ୍ଗ ବି ଦିନେ ତୁମର
ଫିକା ପଡିଯିବ
ରୂପ ବି ଦିନେ ପଚାରି ଦେବ
ପ୍ରେମ ରେ ଖେଳିଲୁ ଖେଳ
ଏ ରୂପ ତୋ'ର ରଙ୍ଗ ହୀନ....

ମୁଁ ଜାଣିବା ଆଗରୁ ତୁମ ରଙ୍ଗ
ରେ କେତେ ଚିହ୍ନ
ମୋ ସହ ଖେଳିଲ ପ୍ରେମ ଖେଳ
ତୁମ ସହ ଖେଳି ଦେବ
ତୁମ ରଙ୍ଗ......

♥ ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
(ମୋ)୯୯୩୭୬୫୨୫୦୪

## କିଛି ମୁହୂର୍ତ୍ତ ତୁମ ପାଇଁ

**ବିଭୂତି ଭୂଷଣ ସ୍ୱାଇଁ**

ତୁମେ ସେଇ ନା.....
ତୁମେ ସେଦିନ ଆସିଥିଲ....
ସେଇ ଅମାବାସ୍ୟାର ଅନ୍ଧାରକୁ ଭେଦି...
ମୁଁ ଜାଣିଛି ତୁମ ସେଇ ମୋର ପ୍ରିୟତମ...

ମୁଁ ତୁମକୁ ସେଦିନ ....
ସେଇଠି ମାଗିଥିଲେ କିଛି ମୁହୂର୍ତ୍ତ...
ତୁମେ ଆସିଛ କିଛି ସ୍ମୃତି ଦେବାପାଇଁ...
ସେଇ ମୁହୂର୍ତ୍ତ ଖୁବ୍ ଆନନ୍ଦ ଦେଇଥିଲା....

ପବିତ୍ରମୟ ଶାନ୍ତ ମୁହୂର୍ତ୍ତ...
ସେଦିନର ଜ୍ୟୋତ୍ସ୍ନା ରାତ୍ରୀରେ ...
ସେଇ ଅନ୍ତରଙ୍ଗ ଆଳାପ ଭିତରେ....
ମୁଁ ହଜିଗଲା ସେଦିନ ତୁମ ମିଠା କଥାରେ..

ତୁମ ମିଠା କଥା ...
ସତରେ ଖୁବ୍ ମଧୁର...
ଇଚ୍ଛା ହୁଏ କାନ ଡେ଼ରି ଶୁଣିବାକୁ...
ଅପେକ୍ଷା କରିବି ତୁମପାଇଁ ସେଇ ସମୟକୁ..

ତୁମେ ଆସିବା ତ ...
ସେଇ ସ୍ମୃତି ଦେବାପାଇଁ...
କଥା ମୁଁ ଦେଉଛି ସାଉଁଟି ରଖିବି...
ମୁଁ ତୁମ ସ୍ମୃତି ସବୁକୁ ମୋ ହୃଦ ଅନ୍ତରରେ...

ପୁଣି ଆସିବ ନା ତୁମେ...
ଆସିବା ବୋଲି ଅନେକ ଆଶା....
ମନ ମନୁନି ତୁମକୁ ଛାଡ଼ିଯିବା ପାଇଁ ....
କଥା ଦେଉଛି ଆସିବି ମୁଁ ଅଳ୍ପ ସମୟରେ...

♥ ମାଣିକାଗଡ଼ା, ଖୋର୍ଦ୍ଧା
ମୋ: ୯୦୯୦୬୪୪୦୪୫

## ପ୍ରତାରଣାର ଚିତ୍ର



**ତପନ ସାହୁ**

ଜହ୍ନଟିଏ ଆଙ୍କି ଥିଲି
ବିନା ଦାଗରେ ବୋଲି ତ
ତାକୁ ଢାଙ୍କି ପାରି ନ ଥିଲା ଅମା
ଅନ୍ଧାରର ଓଢ଼ଣୀ
ପୁଣି ଛୁଇଁ ପାରି ନ ଥିଲା ଅମାବାସ୍ୟାର
ରଙ୍ଗ !!

ମୋ ତୂଳୀରେ ଆଙ୍କିଥିଲି ଦିନେ
ଏକ ବିଶ୍ୱାସର ଆକାଶ ବୋଲି ତ
ସେ ଅଣଦେଖା କରୁଥିଲା ମେଘର
ହାତଠାର
ଢେଉ କଥା ଛାଡ଼, ଜୁଆର ଆସିଲେ ବି
ଦୋହଲୁ ନ ଥିଲା ନୌକା ବିଶ୍ୱାସର !!

ମନ୍ଦିରଟିଏ ତ ଗଢି ଥିଲି ପ୍ରେମର
ଛଳନା ମୁକ୍ତ ରୂପ ଦେଇ
ଦିଅଁ ପୂଜିବାର ଏ କି ପ୍ରସାଦ
ଆଶୀର୍ବାଦ ବଦଳରେ ଖାଲି ଅଭିଶାପ !!

ଲଟେଇରୁ ସୂତା ଛିଣ୍ଡିଲା ପରେ
ଗୁଡ଼ି ଆଉ ମୋର କୋଉ ଅକ୍ତିଆରରେ
ଅଛି ଯେ
ମୁଁ ଜାହିର କରିବି
ଏ ଜହ୍ନ ମୋର,
ଏ ଆକାଶ ମୋର,
ଏ ମନ୍ଦିର ମୋର
ଏ ପ୍ରେମର ଦୁନିଆରେ
ତୁମେ ନୁହଁ ତୁମର
ମୁଁ କୋଉ କହି ପାରୁଛି
ତୁମେ ପ୍ରେମିକା ମୋର...

♥ ବେଲଗାଁ, ଏମ୍.ରାମପୁର
କଳାହାଣ୍ଡି
ମୋ.୯୦୧୯୩୧୧୮୬୮









## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୨୬)

# ରାମ ସୀତାଙ୍କ ବିବାହ ଆୟୋଜନ



କାର୍ତ୍ତିକ ସାହୁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜନକ ରାଜାଙ୍କ ସଭାରେ ଉପସ୍ଥିତ ଥିବା ସମସ୍ତ ବୀର ଓ ରାଜା ଶିବଧନୁକୁ ଭାଂଗିବା ଦୂରକଥା, ତାକୁ ଟେକି ପାରିନଥିଲେ। ଯେତେବେଳେ ରାମ ଲକ୍ଷ୍ମଣ ଶିବଧନୁ ଆଡ଼କୁ ଯାଇଥିଲେ, ଅନେକ ରାଜା ଥଟ୍ଟା ପରିହାସ କରିଥିଲେ। ମାତ୍ର ସମସ୍ତଙ୍କୁ ଆଚମ୍ଭିତ କରି ଶ୍ରୀରାମ ଶିବ ଧନୁକୁ ଭଗ୍ନ କରିଥିଲେ।

ଶିବ ଧନୁ ଭଗ୍ନ ହେବା ଦେଖି ରାଜା ଜନକ ବହୁତ ଖୁସି ହୋଇଥିଲେ ଓ ବିଶ୍ୱାମିତ୍ରଙ୍କୁ ତାଙ୍କର କୃତଜ୍ଞତା ଜଣାଇଥିଲେ। ସଖୀ ମେଳରେ ଥାଇ ସୀତା ମଧ୍ୟ ଆନନ୍ଦିତ ହୋଇଥିଲେ ଓ ଶ୍ରୀରାମଙ୍କ ରୂପକାନ୍ତି ଦେଖି ମୁଗ୍ଧ ହୋଇଥିଲେ। ତାଙ୍କ ସଖୀମାନେ ମଧ୍ୟ ଖୁସି ହୋଇଥିଲେ।

ସେଠାରେ ଉପସ୍ଥିତ ଥିବା ରାଜାମାନେ ଲଜ୍ଜିତ ଅନୁଭବ କରି ନିଜ ରାଜ୍ୟକୁ ପ୍ରସ୍ଥାନ କରିଥିଲେ।

ରାଜା ଜନକଙ୍କ ରାଜ ସଭାରେ ସମସ୍ତେ ଖୁସି ଥିଲେ ଓ ସେଠାରେ ଏକ ଉତ୍ସବର ମାହୋଲ ଥିଲା। ଏତେ ଦିନର ଅପେକ୍ଷା ପରେ ସୀତାଙ୍କ ଲାଗି ଉପଯୁକ୍ତ ବରି ଆସି ଶିବଧନୁ ଭଗ୍ନ କରିଛନ୍ତି। ଏକଥା ଧୀରେ ଧୀରେ ସାରା ରାଜ୍ୟରେ ପ୍ରଚାରିତ ହୋଇଗଲା।

ଏବେ ରାମ ସୀତାଙ୍କ ବିବାହ କାର୍ଯ୍ୟ ଆରମ୍ଭ ହେବା କଥା। ରାଜା ଜନକ ବିଶ୍ୱାମିତ୍ରଙ୍କ ପାଖକୁ ଆସିଲେ ଓ କହିଲେ- ହେ ମହର୍ଷି, ରାଜା ଦଶରଥଙ୍କ ପୁତ୍ର ମୋତେ ଭାଗ୍ୟବାନ କରିଛନ୍ତି। ଏ ପର୍ଯ୍ୟନ୍ତ ଶିବଧନୁକୁ କେହି ଭଗ୍ନ କରି ପାରୁନଥିଲେ। ଶ୍ରୀରାମ ଶିବଧନୁ ଭଗ୍ନ କରି ଏ କଥାର ପ୍ରମାଣ ଦେଇଛନ୍ତି ଯେ ସେ ହିଁ ମୋ କନ୍ୟା ସୀତା ଲାଗି ଉପଯୁକ୍ତ ବର। ଏବେ ଆପଣଙ୍କ ଅନୁମତି ପାଇ ମୁଁ ଅଯୋଧ୍ୟ ନରେଶ ମହାରାଜା ଦଶରଥଙ୍କୁ ବାର୍ତ୍ତା ପଠାଇବି। ଶ୍ରୀରାମ- ସୀତାଙ୍କ ବିବାହ ଲାଗି ସେ ମିଥିଳା ଆଗମନ କରନ୍ତୁ।

ରାଜା ଜନକଙ୍କ ବିନମ୍ର ଅଭିଭାଷଣରେ ବିଶ୍ୱାମିତ୍ର ଖୁସି ହେଲେ ଓ ତାଙ୍କୁ ଦଶରଥଙ୍କ ପାଖକୁ ଦୂତ ପଠାଇ ନିମନ୍ତ୍ରଣ ଦେବାକୁ କହିଲେ। ରାଜା ଜନକ ତତ୍‌କ୍ଷଣାତ୍ ତାଙ୍କ ମନ୍ତ୍ରୀଙ୍କୁ ଦୂତ କରି ଦଶରଥଙ୍କ ପାଖକୁ ପଠାଇଲେ।

ତେଣେ ଅଯୋଧ୍ୟାରେ ରାଜା ଦଶରଥ ବଡ଼ ଚିନ୍ତିତ ଥିଲେ। ରାମ ଓ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ର ଋଷି ଦଶ ଦିନରେ ଫେରାଇ ଆଣିବା କଥା। ମାତ୍ର ଦଶଦିନ ପରେ ମଧ୍ୟ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କ ସହିତ ଫେରିନାହାଁନ୍ତି।

କେବଳ ଦଶରଥ ନୁହନ୍ତି, ରାଣୀ କୌଶଲ୍ୟା ଓ ସୁମିତ୍ରା ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ। ପ୍ରାଣପ୍ରିୟ ପୁତ୍ରମାନଙ୍କୁ ନ ଦେଖି କେଉଁ ମା' ବିକଳ ନ ହେବେ।

ବହୁତ ଦୁଃଖୀ ହୋଇ ଦଶରଥ ରାଜସଭାରେ କୁଳଗୁରୁ ବଶିଷ୍ଠଙ୍କୁ ନିଜର କଥା କହିଥିଲେ। ଏହି ସମୟରେ ଦ୍ୱାରପାଳ ଆସି ଖବର ଦେଲା ଯେ ମିଥିଳାରୁ ରାଜଦୂତ ଆସିଛନ୍ତି ଓ ସେ ରାମ ଲକ୍ଷ୍ମଣଙ୍କ ବାର୍ତ୍ତା ଆଣିଛନ୍ତି।

ମହାରାଜା ଦଶରଥଙ୍କ ଦେହରେ ପ୍ରାଣ ପଶିଲା। ସେ ସଂଗେ ସଂଗେ ମିଥିଳାର ଦୂତଙ୍କୁ ରାଜ ଦରବାରକୁ ଆଣିବାକୁ ଆଦେଶ ଦେଲେ।

ଜନକ ରାଜାଙ୍କ ଦୂତ ରାଜସଭାକୁ ଆସି ମହାରାଜା ଦଶରଥ ଓ ବଶିଷ୍ଠଙ୍କୁ ଯଥାମାନ୍ୟ କଲେ। ରାଜାଙ୍କ ଅନୁମତି ନେଇ ଜନକ ରାଜାଙ୍କ ବାର୍ତ୍ତା ଦଶରଥଙ୍କୁ କହିଲେ।

"ହେ ମହାରାଜ, ଜନକ ରାଜା ଆପଣଙ୍କୁ ମଙ୍ଗଳବାର୍ତ୍ତା ପଠାଇଛନ୍ତି। ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ମିଥିଳା ନଗରୀରେ ସକୁଶଳରେ ଅଛନ୍ତି।

ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ଗଲାବେଳେ ବାଟରେ ତାଡ଼କା ଅସୁରୁଣୀକୁ ନିହତ କରିଛନ୍ତି। କେବଳ ସେତିକି ନୁହଁ, ସେମାନେ ବିଶ୍ୱାମିତ୍ରଙ୍କ ଆଶ୍ରମ ସିଦ୍ଧାଶ୍ରମରେ ପହଂଚି ସୁବାହୁ ଅଶୁରକୁ ବଧ କରିଛନ୍ତି ଓ ମାରୀଚ ଅସୁରକୁ ଶରମାରି ବହୁତ ଦୂରକୁ ପଠାଇ ଦେଇଛନ୍ତି।

ବିଶ୍ୱାମିତ୍ର ଋଷିଙ୍କ ସାଂଗରେ ରାମ ଲକ୍ଷ୍ମଣ ମିଥିଳାରେ ପହଂଚି ଥିଲେ। ସେଠାରେ ରାଜା ଜଜନକ ତାଙ୍କର ଆତିଥ୍ୟ ପ୍ରଦାନ କରିଥିଲେ। ସେହି ସମୟରେ ଜନକ ନନ୍ଦିନୀ ସୀତାଙ୍କ ବିବାହ ଲାଗି ବିଭିନ୍ନ ଦେଶରୁ ଅନେକ ରାଜା ଆସିଥିଲେ। ଯିଏ ଜନକଙ୍କ ପାଖରେ ଥିବା ଶିବଧନୁକୁ ଭାଂଗିବ ସେ ସୀତାଙ୍କୁ ପତ୍ନୀରୂପେ ଫାଇଦା ମାତ୍ର କୌଣସି ରାଜା ସେ କାମ କରି ପାରିନଥିଲେ।

ମାତ୍ର ହେ ରାଜନ୍, ଆପଣଙ୍କ ସୁପୁତ୍ର ଶ୍ରୀରାମ ଶିବଧନୁକୁ ଭଗ୍ନ କରିଛନ୍ତି ଓ ସୀତାଙ୍କୁ ବିବାହ କରିବାର ସର୍ତ୍ତ ପୂରଣ କରିଛି। ରାଜା ଜନକ ମୋତେ ଆପଣଙ୍କୁ ନିମନ୍ତ୍ରଣ ଦେବାକୁ ଏଠାକୁ ପଠାଇଛନ୍ତି। ଏବେ ଆପଣ ରାମ-ସୀତାଙ୍କ ବିବାହ ଲାଗି ଅନୁମତି ପ୍ରଦାନ କରନ୍ତୁ ଓ ଦୟାକରି ମିଥିଳା ଯିବାର ଯୋଜନା କରନ୍ତୁ।

ଜନକ ରାଜାଙ୍କ ଦୂତଙ୍କଠାରୁ ରାମ ଲକ୍ଷ୍ମଣଙ୍କ ଖବର ପାଇ ମହାରାଜା ଦଶରଥ ବହୁତ ପ୍ରସନ୍ନ ହେଲେ ଓ ଦୂତଙ୍କୁ ଯଥାବିଧି ସମ୍ମାନ ଦେଲେ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ। (କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## ପତାକା

ସମ୍ବିତ ଦାଶ

କବିତା

ତୁମ ପାଇଁ



ଉଡାଇବା ଉଡାଇବା
ଜାତୀୟ ପତାକା ଉଡାଇବା
ସାଧାରଣତନ୍ତ୍ର ଦିବସ ଆସୁଛି ପରା
ଜମା ହୁଅ ନାହିଁ ଘାବରା ।

କୁନା, ମୁନା ଚାଲ ଯିବା ଚାଲ
ବିଦ୍ୟାଳୟ ଯିବା ଚାଲ
ଜାତୀୟ ପତାକା ନେଇ
ଘରୁ ଯିବା ଚାଲ ପଳାଇ ।

ସକାଳୁ ହୋଇ ସଜବାଜ
ଜମା ପୋଷାକ ପିନ୍ଧି
ହାତେ ପତାକା ଫିତା ବାନ୍ଧି
ବିଦ୍ୟାଳୟ ଗଲେ କୁନା ମୁନା
ଖାଇ କରି ଛତୁଆ ଚୁନା ।

ବିଦ୍ୟାଳୟରେ ଯାଇ ପହଞ୍ଚି
ପଚାରେ ଯାଇ ତା ସାଙ୍ଗଙ୍କୁ
କେତେ ସମୟ ଲାଗିବ ପତାକା ଉଡିବାକୁ
କହିଲା ସାଙ୍ଗ ତାର
କାମ ଯଥା ଶୀଘ୍ର ସାର
ତାପରେ ଉଡିବ ପତାକା
ଲାଗିବ ନାହିଁ ଜମା ଝଟକା ।

ସରିଗଲା କାମ
ଆସିଲେ ପ୍ରଧାନ ଶିକ୍ଷକ
ପତାକା ଉତ୍ତୋଳନ କଲେ
ପିଲାଏ ଜାତୀୟ ସଙ୍ଗୀତ ବୋଲିଲେ
ତାପରେ ସାର ଭାଷଣ ଦେଲେ
କୁନା ମୁନା ସ୍ଲୋଗାନ କହିଲେ
ତା ପରେ ସଭିଙ୍କୁ ପୁଡ଼ିଆ ଦେଲେ
ଶେଷରେ ସଭିଏଁ ଘରକୁ ଫେରିଲେ ।

♥ ପଲ୍ଲିକଣ୍ଢା, ଏରସମା,
ଜଗତସିଂହପୁର
ମୋବାଇଲ ନଂ-୯୧୭୮୮୦୪୬୪୫

## ସପନ ଆମ ହେବରେ ସତ

ନୀଳମଣି ଚାନ୍ଦ

ଶୁଣିଲି ନିତି ଆସନ୍ତି ହାତୀ ଗାଆଁଗଣ୍ଡାକୁ ଧାଇଁ
ଭାବିଲି ତାଙ୍କୁ ବଣଜଙ୍ଗଲ ଭଲ କି ଲାଗୁ ନାଇଁ ?
ଏ କଥା ସତ କଟୁଛି ଗଛ, ବଣ ହେଉଛି ଧ୍ୱଂସ
ଦିନକୁ ଦିନ ଯାଉଛି କମି ଉଦ୍ଭିଦ ପ୍ରାଣୀ ବଂଶ।
ଅଳପ ଅଛି ଗଛବୁରୁଛ, କମି ଯାଉଛି ଫଳ
ଆଗ ପରିକା ଖାଦ୍ୟ ନ ପାଇ କମେ ଦେହର ବଳ।
ଭୋକବିକଳେ ମୁହାଁଉଥାନ୍ତି ସେ କ୍ଷେତ, ଗାଆଁ ଆଡ଼େ
ନ ଜାଣି କହୁ ଦୃଷ୍ଟ ହାତୀ ଏମିତି ଫନ୍ଦି କାଢେ।
ବାଡ଼ିବଗିଚା ଫସଲ ଖାଇ ଦିଅନ୍ତି ସବୁ ଚୂରି
ବିପତ୍ତି ପରା ଆଣନ୍ତି ସିଏ ଗାଆଁସହର ଘୂରି।
ତଡ଼ିଦେଉରେ ବଜେଇ ବାଜା, ଜଳେଇ ନିଆଁହୁଳା
କହନ୍ତି ଲୋକେ ଯା'ରେ ହାତୀ ପଳା ବଣକୁ ପଳା।
ଭଲହୁଅନ୍ତା ସମସ୍ତେ ଯଦି ଚାରା ଲଗାନ୍ତେ ନେଇ
ରହିଛି ଆଜି ଜଙ୍ଗଲ ଯେତେ କାଟନ୍ତେ ନାହିଁ କେହି।
ଜଙ୍ଗଲ ଜାଗା ଉପରେ କେହି କରନ୍ତେ ନାହିଁ ଘର
ଆମ ସ୍ଲୋଗାନ୍ ହୁଅନ୍ତା 'ହାତୀ ଶିକାର ବନ୍ଦ କର।'
ତୃଣଭୋଜି ପ୍ରାଣୀଟି ସିଏ ଗଜରାଜ ଯା ନାଆଁ
ତାଙ୍କରି ଭଲ ଚାହିଁଲେ ଆମେ ଭଲ ରହିବ ଗାଆଁ।
ବଣକୁ ସିଏ ଆଦରି ନେବେ ନିଜର ଘର ବୋଲି
ପେଁକାଳିଟି ମାରିବେ ନିତି ସତରେ ମନଖୋଲି।
ସପନ ଆମ ହେବରେ ସତ ଭାବେ ମୁଁ ବସିବସି
ସେଦିନ ମିଶି ଆମେ ପିଲାଏ ଦେବା ମୁରୁକି ହସି।

♥ ୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭

## ଶୀତ ସାଥେ ଚାଲ ବସିବା ମିତ

ସୁବ୍ରତ ମଲିକ

ଶରତ ହେମନ୍ତ ମେଲାଣି ନେଲାଣି
ଧରାକୁ ଆସିଛି ଶୀତ,
ନିଆଁ ହୁଳା ପାଖେ ଥରିଲା ଓଠରୁ
ପିଲାଏ ଗାଆନ୍ତି ଗୀତ,
ହଳଦିଆ ଦିଶେ କ୍ଷେତ
କୃଷକ ଭାଇର ସୁନେଲି ସପନ
ହୋଇଅଛି ଆଜି ସତ ।

ଦିବସ ଅବଧି ଊଣା ପଡ଼ିଯାଏ
ରାତି କାଳ ବେଶୀ ହୁଏ ,
ସୂରୁଜ ଦେବତା ସଅଳ ବାହୁଡ଼ି
ଅଧିକ ସମୟ ଶୁଏ ,
ସକାଳ ହୁଅଇ ଯେବେ
ଘାସ ଗାଲିଚାରେ ହୀରା ମୋତି ସମ
କାକର ଝଲସେ ତେବେ ।

ଶୀତ ପୋଷାକର ଆଦର ବଢ଼ଇ
ନାଲି ନେଳି ଭଳି ଭଳି,
ଛୁଆଠାରୁ ବୁଢ଼ା ପରିଧାନ କରି
ବୁଲନ୍ତି ବଜାର ଗଳି ,
ବହଇ ଶୀତଳ ବାଆ
ଦେହରେ ବାଜିଲେ ଥଣ୍ଡା କାଶ ହେବ
ବୋଲି ଡାକ ଛାଡ଼େ ମାଆ ।

ବାଡ଼ି ବଗିଚାରେ ମହକ ଖେଳାଇ
ଫୁଲ ଖିଲିଖିଲି ହସେ
ସହରଠୁ ଗାଆଁ ଚାରିଆଡେ
ପନି-ପରିବାର ହାଟ ବସେ,
ବାଟ ଘାଟ ସଫା ଦିଶେ
ପକ୍ଷୀଟିଏ ପରି ଉଡ଼ି ଯାଇ ଗୁଡ଼ି
ଦୂର ଆକାଶରେ ମିଶେ ।

ବଣମୁଳକରେ ଦଳ ଦଳ ହୋଇ
କରନ୍ତି ଅନେକ ଭୋଜି,
ବୁଲି ବାହରନ୍ତି ଆଉ ଯେ କେତେକ
ଦର୍ଶନୀୟ ଜାଗା ଖୋଜି ,
ଦେଶ ବିଦେଶରୁ ପକ୍ଷୀ
ଉଡ଼ିଣ ଆସନ୍ତି ଚିଲିକା କୂଳକୁ
ମନେ କେତେ ଆଶା ରଖି ।

ପଉଷରେ ଆସି ମାଘେ ଯାଏ ଚାଲି
ଆୟୁଷ ଏତିକ ନେଇ,
ଅମଳାଇ ଦିଏ ବରଷକ ଶସ୍ୟ
ଜଗତବାସୀଙ୍କ ପାଇଁ ,
ଭୋକ ହୋଇଯାଏ ଦୂର
ବରଷକ ପରେ ପୁଣି ଲେଉଟିବ
ଆମ ଏ ମରତପୁର ।

♥ ଯୋଡ଼ା, କେନ୍ଦୁଝର,୭୫୮୦୩୫
ମୋ: ୭୦୦୮୩୧୫୯୧୬



# ଭାଇ ଭଉଣୀ



ସୁଧାକର ନନ୍ଦ

ଯେତେବେଳେ ଭିକ ନମିଳେ ସେତେବେଳେ ରାଇଜରେ ଦୁର୍ଭିକ୍ଷ ପଡ଼ିଛି ବୋଲି ଲୋକେ କହନ୍ତି । ସେତେବେଳେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥାଏ । ଶହ ଶହ ଲୋକ ଖାଇବାକୁ ନ ପାଇଁ ପୋକମାଛି ପରି ମରୁଥାନ୍ତି । ପାଣି ଟୋପାଏ ବି ପିଇବାକୁ ମିଳୁନଥାଏ । ଲୋକମାନେ ଅଖାଦ୍ୟ ପଚା ଜିନିଷ ଖାଇ, କାଦୁଅ ମିଶା ପାଣି ପିଇ, ହଇଜାରେ ପଡ଼ି ମରୁଥାଆନ୍ତି ।

ପଦ୍ମପୁର ଗାଁରେ ଲୋକନାଥ ବୋଲି ପିଲାଟିଏ । ବାପା ତା'ର ପରିବାର ପୋଷିବ କ'ଣ ନିଜେ ଖାଇବାକୁ ନପାଇ କୁଆଡ଼େ ଚାଲିଗଲା ଯେ ଆଉ ଫେରିଲା ନାହିଁ । ଘରେ ଲୋକନାଥର ମାଆ ଓ ସାନଭଉଣୀ ପାର୍ବତୀ । ସକାଳୁ ଉଠି ଲୋକନାଥ ଅନ୍ୟ ଗାଁକୁ ଯାଇ ଦୁଆର ଦୁଆର ବୁଲି ଭିକ ମାଗେ । ଯାହା ପାଏ ଘରକୁ ଆଣେ । କେହି ଦୟାକରି ଭାତ ବା ଜଳଖିଆ ଦି'ଟା ଦେଲେ ନିଜେ ନଖାଇ ମାଆ ଓ ଭଉଣୀଙ୍କ ପାଇଁ ଗାମୁଛାରେ ବାନ୍ଧି ନେଇଆସେ । ଚାଉଳ ମିଳିଲେ ଘରକୁ ଆଣେ । ମାଆ ଚୁଲିରେ ବସାଇ ଯାଉ କରିଦିଏ । ମାଆ ଛୁଆ ତିନିହେଁ ସାଙ୍ଗ ହୋଇ ଖାଆନ୍ତି ।

ଦିନେ ଲୋକନାଥ ଦୂର ଗାଁକୁ ଭିକ ମାଗି ଯାଇଥିଲା । ସେତେବେଳକୁ ମାଆ ତା'ର ତିନିଦିନ ହେଲା ଓପାସ । ଲୋକନାଥ ନ ଫେରିବାରୁ ମା' ତା'ର ଭୋକ ସମ୍ଭାଳି ପାରିଲା ନାହିଁ । ସେ ପାଖ ଗାଆଁକୁ ଯାଇ କ'ଣ ଖାଇଲା କେଜାଣି ତାକୁ ଝାଡ଼ାବାନ୍ତି ରୋଗ ଧରିଲା । ସେଇଥିରେ ସେ ମରିଗଲା । ଆଉ କେବଳ ଭାଇ ଭଉଣୀ ଦିହେଁ ରହିଲେ । ଲୋକନାଥ ମାଗିବାକୁ ଯାଏ । ଯାହା ମିଳେ ଭାଇ ଭଉଣୀ ଦିହେଁ ଖାଆନ୍ତି । ଚାରିଦିନ ହେଲା ଆଉ ଭିକ ମିଳୁନାହିଁ । ତେଣୁ ଭାଇ ଭଉଣୀ ଓପାସ । ଭୋକ ବିକଳରେ ଛୁଆ ଭଉଣୀ ପାର୍ବତୀ ସେଦିନ କାନ୍ଦୁଥାଏ । ତାକୁ ବୁଝେଇ ଶୁଝେଇ ତୁନିକଲା ଓ ସକାଳୁ ସେ ଭିକ ମାଗିବାକୁ ବାହାରିଗଲା । ସମସ୍ତଙ୍କ ଅବସ୍ଥା ତ ସମାନ । କାହାଘରେ ଅଛି ଯେ କିଏ ଦେବ । ଚାରିଦିନ ଓପାସରେ ତାକୁ ଭାରି ଦୁର୍ବଳ ଲାଗୁଥାଏ । ତା' ଗାଁଠାରୁ କୋଶେ ବାଟ ଦୂରରେ ରଇପୁର ଗାଁ । ସେଠି ବେଙ୍ଗ ମା' ବୋଲି ବୁଢ଼ୀଟିଏ ଥାଏ । ତା'ର କେହି ନଥାନ୍ତି । ତେଣୁ ତାର ଗୋଟିଏ ପେଟ । ସେଦିନ ସେ ବୁଲିବୁଲି ମୁନ୍ଦେ ତୋରାଣୀ ଓ ଭାତ ଗଣ୍ଡେ ମାଗି ଆଣିଥାଏ । ତୋରାଣି ମୁନ୍ଦାକ ପିଇ ଦେଲା ଆଉ ଭାତ ମୁଠାକରେ ପାଣି ପୂରାଇ କାଲି ପାଇଁ ରଖି ଦେଇଥାଏ ।

ଲୋକନାଥ ସଂଜଆଗରୁ ତା' ଦୁଆରେ ଯାଇ ପହଞ୍ଚିଲା । ପିଲାଟିର ବିକଳ ଦେଖି ବେଙ୍ଗମାଆ ତୋରାଣି ମିଶା ଭାତ କଂସାକ ଯାକ ତା' ଥାଳରେ ଢାଳି ଦେଇ କହିଲା: ବାବୁରେ! ଏତକ କାଲି ସକାଳ ପାଇଁ ରଖିଥିଲି । ତୋର ଏ ଅବସ୍ଥା ଦେଖି ମୁଁ ସହିପାରୁନାହିଁ । ମୋ ଛାତିଟା କଅଣ ହେଇଯାଉଛି । ନେ ଖାଇସାରି ତୋରାଣି ମୁନ୍ଦକ ପିଇଦେ । ମୁଁ ଆଜି ରାତିକ ସେଇମିତି ଶୋଇପଡ଼ିବି । ଲୋକନାଥ ଭାତ ଖାଇ ତୋରଣି ପିଇବ କ'ଣ ତା'ର ତା' ଛୁଆ ଭଉଣୀ କଥା ଖାଲି ମନେ ପଡୁଥାଏ । ଥାଳଟି ଧରି ଉଠି ଠିଆହେଲା । ଗୋଡ଼ହାତ ଥରୁଥାଏ । ତଥାପି ସେ ଭାତ ତୋରାଣି ଥାଳଟି ଧରି ଚାଲିଲା ।

ବେଙ୍ଗମାଆ ଯେତେ ବୁଝାଇଲେ ବି ଶୁଣିଲା ନାହିଁ । ଆସ୍ତେ ଆସ୍ତେ ଚାଲିଲା । ତା' ପାଦ ଠିକ୍ ଭାବରେ ପଡୁନଥାଏ । ଲୋନନାଥର ଅବସ୍ଥା ଦେଖି ବେଙ୍ଗମାଆ ମନ ବୁଝିଲା ନାହିଁ । ସେ ଲୋକନାଥ ସାଙ୍ଗରେ ଚାଲିଲା । ଗୋଡ଼ ଠିକ୍ ନ ପଡ଼ିଲେ ବି ସେ ତରତର ହୋଇ ଚାଲୁଥାଏ । ତା' ସାଙ୍ଗରେ ବୁଢ଼ୀ ବିଚାରୀ ଚାଲି ପାରୁନଥାଏ ।

ସଂଜବେଳକୁ ତା' ଗାଆଁ ପାଖରେ ବେଙ୍ଗ ମା ଓ ଲୋକନାଥ ପହଞ୍ଚି ଯାଇଛନ୍ତି । ଲୋକନାଥର ମୁଣ୍ଡ ବୁଲେଇ ଦେଲା । ସେ ଭାତ ତୋରାଣି ଥାଳକୁ ଧରି ତଳେ ପଡ଼ି ଯାଉଯାଉ ବେଙ୍ଗମାଆ ତାକୁ ଧରି ନେଲା ।

ଦିହେଁ ତଳେ ବସି ପଡ଼ିଲେ । ବେଙ୍ଗମାଆ ଜିଦ୍‌କରି କହିଲା: ବାବୁରେ ଶୋଷରେ ତୋ ତଣ୍ଟି ଶୁଖିଗଲାଣି । ମୁନ୍ଦେ ତୋରାଣି ହେଲେ ପିଇଦେ । ଟିକେ ବଳ ଆସିବ । ତା'ପରେ ତୁ ଠିକ୍ ଚାଲି ପାରିବୁ ।

ଲୋକନାଥ କଇଁକଇଁ ହୋଇ ପିଲାଙ୍କ ପରି କାନ୍ଦି ଉଠିଲା । ତା ତଣ୍ଟି ଶୁଖିଯାଉଥାଏ । ବେଙ୍ଗର ମାଆର ହାତଧରି ଖନଖନ ହୋଇ କହିଲା; ମାଉସୀ । ଛୁଆ ଭଉଣୀଟା ଚାରିଦିନ ହେଲା ଓପାସ । କେମିତି ମୋ ପେଟକୁ ଦାନା ଯିବ କହିଲ ?

ଦିହେଁ ଧରାଧରି ହୋଇ ଉଠିଲେ । ଲୋକନାଥ ଥାଳଟିକୁ ପ୍ରାଣପଣେ ଜାବୁଡ଼ି ଧରିଥାଏ । ଦୁହେଁ ଘରେ ପହଞ୍ଚି ଦେଖିଲେ, ସାନ ଭଉଣୀ ପାର୍ବତୀ ଗୋଟିଏ ପତରରେ ମେଞ୍ଚେ ଡାଲି ଗୋଳା ଭାତ ବାଢ଼ି ରଖିଛି । ପତରକୁ ମୁଣ୍ଡ ପାଖରେ ଥୋଇ ନିଦରେ ଶୋଇ ଯାଇଛି ।



ଲୋକନାଥ ତା ଦେହରେ ହାତ ଦେଲା ମାତ୍ରେ ସେ ଉଠିପଡ଼ି ଆଖି ମଳୁମଳୁ କହିଲା: ଭାଇ! ତୁ ଗଲାପରେ ସିଆଡୁ କୁଆଡୁ କିଛିଲୋକ ଆସି ଚାଟଶାଳୀ ପାଖରେ ଆମ ଗାଁର ସମସ୍ତଙ୍କୁ ରନ୍ଧାଡାଲି ଭାତ ଦେଲେ । ତୁ ନଥିଲୁ ବୋଲି ମୋର ଜଣକର ଭାଗ ଏତକ ପଡ଼ିଛି ।

ଲୋକନାଥ ପଚାରିଲା: ତୁ ଖାଇଚୁ ନା ନାହିଁ ।

ପାର୍ବତୀ କହିଲା: ତୁ ତ ନଥିଲୁ । କେମିତି ଖାଇଥାନ୍ତି କହିଲୁ ଭାଇ ?

ବେଙ୍ଗମାଆ ଭାଇ ଭଉଣୀ ଦିହିଁଙ୍କ ମୁହଁଙ୍କୁ ଚାହିଁଲା । ଆଖିରୁ ତା'ର ଦୁଇଧାର ଲୁହ ବୋହିଗଲା ।

ଏ ଡାଲିମିଶା ଭାତ ସାଙ୍ଗରେ ସେ ତୋରାଣି ଓ ଭାତକୁ ମିଶାଇ ଦେଲେ । ବେଙ୍ଗମାଆ, ଲୋକନାଥ ଓ ତା' ଛୁଆ ଭଉଣୀ ପାର୍ବତୀ ତିନିହେଁ ବସି ସାଂଗରେ ଖାଇଲେ ।

ବେଙ୍ଗ ମା' କହିଲା ଧନ୍ୟ ତୁମେ ଭାଉ ଭଉଣୀ । ତା' ପରଦିନଠାରୁ ପ୍ରତିଦିନ କିନ୍ତୁ ସେ ଗାଆଁରେ ରନ୍ଧାଡାଲି ଭାତ ସରକାର ଯୋଗାଇ ଦେଲେ । ନିଜ ମାଆ ପରି ବେଙ୍ଗମା ତାଙ୍କ ପାଖରେ ରହିଗଲା ।

♥ ସାଇ ସରସ୍ୱତୀ ନିବାସ, ଭଦ୍ରକ

# ନ୍ୟାୟ କଥାରେ ଭୟ କିଆଁ



ବିନୟ କୁମାର ଦାସ

ଭାରତର ପରାଧୀନ ବେଳର କଥା । ଇଂରେଜମାନେ ସିନା ଭାରତକୁ ଶାସନ କରୁଥିଲେ ହେଲେ ମନେ ମନେ ଭୀଷଣ ଭୟ କରୁଥିଲେ ଭାରତୀୟମାନଙ୍କୁ । ସେମାନେ ଭଲ ଭାବରେ ଜାଣିଥିଲେ ଯେ ଭାରତୀୟମାନେ ଯଦି ଉପଯୁକ୍ତ ଦିଗ୍‌ଦର୍ଶନ ପାଇ ଏକ୍‌ଜୁଟ ହୋଇଯିବେ, ତେବେ ସେମାନଙ୍କର ଛୁଟି ହୋଇଯିବ । ସେଥିପାଇଁ ଦିଗ୍‌ଦର୍ଶନ ଦେଇ ପାରୁଥିବା ନେତାମାନଙ୍କ ଉପରେ ସେମାନଙ୍କର ତୀକ୍ଷ୍ଣ ନଜର ରହିଥିଲା । ବିଭିନ୍ନ ଆଳରେ ସେମାନଙ୍କୁ ବନ୍ଦୀ କରି ଆଣି କାରାଗାରରେ ରଖୁଥିଲେ । ଫଳରେ ସାଧାରଣ ଜନତାଙ୍କ ନିକଟରେ ସେମାନେ ଆଉ ପହଁଚିପାରୁ ନଥିଲେ କିମ୍ବା ସେମାନଙ୍କ ମନରେ ବିଦ୍ରୋହର ନିଆଁ ଜଳାଇ ପାରୁନଥିଲେ । କେବଳ ସେତିକି ନୁହେଁ, ଭାରତର ବିଭିନ୍ନ ପର୍ବପର୍ବାଣିକୁ ଇଂରେଜମାନେ ଘୃଣା କରୁଥିଲେ । ଏହି ପର୍ବପର୍ବାଣିରେ ଭାରତୀୟମାନେ ଏକତ୍ର ହୋଇ କିଛି ଗୋଟିଏ ଗୁପ୍ତ ଯୋଜନା କରି ଦେଇ ପାରନ୍ତି ବୋଲି ସେମାନେ ସର୍ବଦା ଆଶଙ୍କା କରୁଥିଲେ । ସେଇଥିପାଇଁ ପର୍ବପର୍ବାଣି ପାଳନ କ୍ଷେତ୍ରରେ ବି ସେମାନେ ନାନା ପ୍ରକାର କଟକଣା ଓ ପ୍ରତିବନ୍ଧକ ସୃଷ୍ଟି କରୁଥିଲେ । ବିଶେଷ କରି ଛାତ୍ର ମହଲରେ ଏମିତି କଟକଣା ମାତ୍ରାଧିକ ହେଉଥିଲା ।

ପାଟନା କଲେଜକୁ ବିଟ୍‌ମୋର ନାମକ ଜଣେ ଇଂରେଜ ଅଧ୍ୟକ୍ଷ ଆସିଥାନ୍ତି । ଭାରତୀୟ ବିଦ୍ୟାର୍ଥୀଙ୍କ ପ୍ରତି ତାଙ୍କ ବ୍ୟବହାର ଖୁବ୍ କଠୋର ଥିଲା । ସେ ଖବର ପାଇଗଲେ ଯେ ଦୀପାବଳୀ ଉତ୍ସବକୁ ଖୁବ୍ ଜାକଜମକରେ ପାଳନ କରିବା ପାଇଁ କଲେଜ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଯୋଜନା କରି ଚାଲିଛନ୍ତି । କଲେଜକୁ ଦୀପାଲୋକରେ ଆଲୋକିତ କରିବାପାଇଁ ବି ମନସ୍ଥ କରୁଛନ୍ତି । ଏଥିପାଇଁ ଅନୁମତି ମାଗିବା ପାଇଁ ଛାତ୍ରଛାତ୍ରୀ ଅଧ୍ୟକ୍ଷ ମହାଶୟଙ୍କୁ ସାକ୍ଷାତ କରିବାରୁ ବିଟ୍‌ମୋର ସାହେବ ଅତି କର୍କଶ ସ୍ୱରରେ କହିଲେ, "ବିଲ୍‌କୁଲ ନୁହେଁ । ଦୀପାବଳୀ ଦିନ କଲେଜରେ ଏକ ବିଶେଷ ପରୀକ୍ଷା ହେବ । ଯେଉଁ ଛାତ୍ର ବା ଛାତ୍ରୀ ଏଥିରେ ଅନୁପସ୍ଥିତ ରହିବ, ତାକୁ କଲେଜରୁ ବାହାର କରି ଦିଆଯିବ ।"



ଏପରି କଥା ଶୁଣି ଛାତ୍ରମାନେ ଭୟଭୀତ ହୋଇପଡ଼ିଲେ । ଦୀପାବଳୀ ପରି ହସଖୁସିର ଉତ୍ସବ ପାଳନ ଅବସରରେ ପରୀକ୍ଷା !! ପୁଣି ବାଧ୍ୟତାମୂଳକ ? କିଏ ବା ଏଥିରେ ରାଜି ହୋଇପାରିବ ? କିନ୍ତୁ ଇଂରେଜ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବ ବା କିଏ ? ଅନୁମତି ଆଣିବାକୁ ଯାଇଥିବା ଛାତ୍ରମାନେ ପରସ୍ପରକୁ ଚାହିଁଲେ ଅସହାୟ ଭାବରେ ।

ଜଣେ ଛାତ୍ର କହିଲା, "ସାର୍, ମୁଁ ଏହି ପରୀକ୍ଷାକୁ ବର୍ଜନ କରିବି । ଦୀପାବଳୀ ପରି ଶୁଭ ଉତ୍ସବରେ ମୁଁ ପରୀକ୍ଷା ଦେଇ ପାରିବି ନାହିଁ ।" ସବୁ ଛାତ୍ର ଚମକି ପଡ଼ିଲେ । କେତେବଡ଼ କଥାଟିଏ ନ କହିଲାରେ !! ସେମାନଙ୍କ ମଧ୍ୟରେ ମୃଦୁ ଗୁଞ୍ଜରଣ ଆରମ୍ଭ ହୋଇଗଲା । ମନରେ ଭୟ ବି ହେଲା, ନିଶ୍ଚିତ ଭାବରେ ସେ ଦଣ୍ଡ ପାଇବ । ସତକୁ ସତ ଗର୍ଜି ଉଠିଲେ ବିଟ୍‌ମୋର ସାହେବ ।

"ତୁମର ଏତେ ସାହସ ? ମୋ କଥା ଉପରେ କଥା ?" ସେହି ଛାତ୍ରକୁ ବେତରେ ଦଶ ପାହାର ପିଟିଲେ । ହେଲେ ଛାତ୍ର ଜଣକ ନିଜର ସିଦ୍ଧାନ୍ତରୁ ଟଳିଲା ନାହିଁ । ବରଂ ଆହୁରି ଦୃଢ଼ କଣ୍ଠରେ କହିଲା, "କୌଣସି ପରିସ୍ଥିତିରେ ମୁଁ ଦୀପାବଳୀ ଦିନ ପରୀକ୍ଷା ଦେବି ନାହିଁ, ଦେବି ନାହିଁ ।" ଗୋରାସାହେବ ଆଶ୍ଚର୍ଯ୍ୟ ହୋଇଗଲେ । ଏତେ ମାଡ଼ ଖାଇବା ପରେ ବି ପିଲାଟି ନିଜ ଜିଦ୍‌ରେ ଅଟଳ । ସେ ଜାଣି ପାରିଲେ ଆଉ କେଇଟା ମାତ୍ର ମୁହୂର୍ତ୍ତ ପରେ ଅନ୍ୟ ଛାତ୍ରମାନେ ବି ଠିକ୍ ଏହି ଜିଦ୍ ଧରି ବସିବେ ଓ ସମସ୍ତେ ସମର୍ଥନ କରିଯିବେ ତାକୁ । ପରସ୍ଥିତି ଭିନ୍ନ ମୋଡ଼ ନେବ । ତେଣୁ ବିଟ୍‌ମୋର ସାହେବ ବାଧହୋଇ କହିଲେ, "ଠିକ୍ ଅଛି । ଦୀପାବଳୀ ପର୍ବ ପାଳନ କରିବା ପାଇଁ ତୁମମାନଙ୍କୁ ଅନୁମତି ପ୍ରଦାନ କରାଗଲା । ସେଦିନ ପରୀକ୍ଷା ହେବନାହିଁ ।" ଛାତ୍ରମାନେ ଖୁସିରେ ନାଚି ଉଠିଲେ ଏବଂ ସେହି ସାହସୀ ବାଳକକୁ ଅଫିସ ବାହାରକୁ ଟେକି ଟେକି ନେଇ ଆସିଲେ ।

ଏହି ବାଳକ ଜଣକ ହେଉଛନ୍ତି ଆମ ଭାରତବର୍ଷର ବିଶିଷ୍ଟ ଲୋକପ୍ରିୟ ନେତା ଲୋକନାୟକ ଜୟପ୍ରକାଶ ନାରାୟଣ ।

♥ ଅନାମିକା
ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

## ଯେତେ ଶୀଘ୍ର ସମ୍ଭବ ଟିକାକରଣ ଶେଷ କରାଯିବ: ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୨୧/୧ (ନି.ପ୍ର): ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି ଯେ ଯେତେ ଶୀଘ୍ର ସମ୍ଭବ ଟିକାକରଣ ଶେଷ କରାଯିବ । ଏଠାରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ସେ ଏହା କହିଛନ୍ତି ।

ସେ ଅନ୍ୟ ଏକ ପ୍ରଶ୍ନର ଉତରରେ କହିଛନ୍ତି ଯେ ସାମ୍ବାଦିକମାନଙ୍କୁ କୋଭିଡ ଯୋଦ୍ଧା ଭାବେ ପରିଗଣିତ କରାଯାଉଛି । ଯେଉଁମାନଙ୍କର ଦ୍ୱିତୀୟ ଡୋଜ ନେବାର ୯ମାସ ହୋଇଯାଇଥିବ ସେମାନେ ପ୍ରିକସନ ଡୋଜ ନେଇ ପାରିବେ । ଆବଶ୍ୟକ ପଡିଲେ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

ସେ ଟୀକାକରଣ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବର୍ତମାନ ସୁଦ୍ଧା ମୋଟ ୫ କୋଟି ୪୯ ଲକ୍ଷ ୮ ହଜାର ୬୧୯ ଡୋଜ ଟିକା ଦିଆଯାଇଛି । ସେଥିରୁ ପ୍ରଥମ ଡୋଜ ୩ କୋଟି ୧୪ ଲକ୍ଷ ୧ ହଜାର ୧୪୧, ଉଭୟ ଡୋଜ ୨ କୋଟି ୩୨ ଲକ୍ଷ ୧୯ ହଜାର ୨୯୭, ୧୫ରୁ ୧୮ ବର୍ଷ ବୟସ୍କଙ୍କୁ ୧୧ ଲକ୍ଷ ୭୯ ହଜାର ୪୫୨ ଡୋଜ ଟିକା ବା ଲକ୍ଷ୍ୟର ୫୦ ପ୍ରତିଶତ ଏବଂ ୨ ଲକ୍ଷ ୮୮ ହଜାର ୧୮୧ ପ୍ରିକସନ ଡୋଜ ଦିଆଯାଇଛି ।

## ଆଜି ଢ଼ିଙ୍କିଆ ଗସ୍ତରେ କଂଗ୍ରେସ ପ୍ରଭାରୀ ଚେଲା କୁମାର

ଭୁବନେଶ୍ୱର,୨୧/୧ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ, ସାଂସଦ ଡ. ଏ ଚେଲା କୁମାର ୨୧ ତାରିଖ ଶୁକ୍ରବାର ଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଡ. ଚେଲା କୁମାର ୨୧ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଠାରେ ପହଂଚି ରାତ୍ରୀଯାପନ କରିବେ । ୨୨ ତାରିଖ ଦିନ ୧୧ ଘଂଟା ସମୟରେ ଡ. ଚେଲା କୁମାର ପ୍ରଦେଶ କଂଗ୍ରେସ ତଥ୍ୟ ଅନୁଧ୍ୟାନ କମିଟି ସଭ୍ୟମାନଙ୍କ ସହିତ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଢ଼ିଙ୍କିଆ ଅଂଚଳ ଗସ୍ତରେ ଯିବେ । ସେଠାରେ ସ୍ଥାନୀୟ ଜନସାଧାରଣଙ୍କ ସହ ସାକ୍ଷାତ ଆଲୋଚନା କରି ଭୁବନେଶ୍ୱର ଫେରିଆସିବାର କାର୍ଯ୍ୟକ୍ରମ ରହିଛି । ସେହିପରି ୨୩ ତାରିଖ ଦିନ ପୂର୍ବାହ୍ନ ଘ. ୮.୩୦ମି. ସମୟରେ ରସୁଲଗଡ଼ ଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ପିସିସି ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଭିଏସଏସ ନଗର ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ, ଘ. ୯.୩୦ ମି. ସମୟରେ କଂଗ୍ରେସ ଭବନ ପରିସରରେ ଥିବା ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବେ । ଦିବା ୧୧ ଘଂଟା ସମୟରେ ପିସିସି ପଂଚାୟତ ନିର୍ବାଚନ କମିଟି ବୈଠକରେ ଡ. ଏ ଚେଲା କୁମାର ଯୋଗଦେଇ ସଂଧ୍ୟାରେ ଚେନ୍ନାଇ ଫେରିଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ଜାତୀୟ ଉଠାଦୋକାନୀ ଦିବସ ପାଳିତ

ଭୁବନେଶ୍ୱର,୨୧/୧ (ନି.ପ୍ର): ଜାତୀୟ ଉଠାଦୋକାନୀ ଦିବସ ଅବସରରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟ ତରଫରୁ ସ୍ଥାନୀୟ ଇଡ଼କଲ ଅଡ଼ିଟୋରିୟମଠାରେ ରାଜ୍ୟ ସରକାରଙ୍କ କୋଭିଡ଼ ନିୟମ ପାଳନ ପୂର୍ବକ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଅମର ପଟ୍ଟନାୟକ କହିଲେ ଯେ, ରାଜ୍ୟ ସରକାର ଓଡ଼ିଶାରେ ଥିବା ଉଠାଦୋକାନୀମାନଙ୍କୁ କୋଭିଡ ସହାୟତା ଦେଇଛନ୍ତି ।

ଭର୍ଚୁଆଲ ମାଧ୍ୟମରେ ସାଂସଦ ତଥା ଟ୍ରଷ୍ଟର ଉପଦେଷ୍ଟା ସୁବାସ ସିଂ କହିଲେ ଯେ, ସରକାର ସଦା ସର୍ବଦା ଉଠାଦୋକାନୀମାନଙ୍କ ସହିତ ଅଛନ୍ତି ଓ ରହିବେ ମଧ୍ୟ । ଯେକୌଣସି ସମୟରେ ଉଠାଦୋକାନୀମାନଙ୍କର ସମସ୍ୟା ଦେଖାଦେବ, ତତ୍‌କ୍ଷଣାତ ସେସବୁ ସମସ୍ୟାର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତୁତ ଅଛନ୍ତି । ଅନ୍ୟତମ ଉପଦେଷ୍ଟା ତଥା ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ ଯେ ଫାଇଲନ ହେଉ ବା ହୁଡ୍‌ହୁଡ୍ ଅବା ମହାମାରୀ କରୋନା, ସବୁ ଦୈବଦୁର୍ବିପାକ ସମୟରେ ଉଠାଦୋକାନୀମାନଙ୍କ ପ୍ରତ୍ୟେକ ସମସ୍ୟାକୁ ନବୀନ ପଟ୍ଟନାୟକ ପୂରଣ କରି ଆସିଛନ୍ତି । ଅନ୍ୟତମ ଅତିଥି ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କହିଲେ ଯେ, ରାଜଧାନୀରେ ଭେଣ୍ଡିଂଜୋନ ପ୍ରତିଷ୍ଠା ହେବା ଦିନଠାରୁ ନବୀନ ବାବୁ ସବୁ ସମୟରେ ଉଠାଦୋକାନୀମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆସିଛନ୍ତି । ଏବେ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ନବୀନ ପଟ୍ଟନାୟକ ୬୦କୋଟି ଟଙ୍କାର ନୂତନ ଭେଣ୍ଡିଂଜୋନ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

ସମ୍ମାନିତ ଅତିଥି ଭାବରେ ଓଡ଼ିଶା ଉଚ୍ଚତମ ନ୍ୟାୟାଳୟର ଆଡ଼ଭୋକେଟ ବିଭୂପ୍ରସାଦ ତ୍ରିପାଠୀ ଯୋଗଦେଇ କହିଲେ ଯେ, ରାଜ୍ୟ ସରକାର ଷ୍ଟ୍ରିଟ ଭେଣ୍ଡର୍ସ ଆଇନ୍ ଅନୁଯାୟୀ ଟାଉନ ଭେଣ୍ଡିଂ କମିଟି ଗଠନ କରିବା କଥା, କିନ୍ତୁ ତାହା ଆଜିପର୍ଯ୍ୟନ୍ତ କରାଗଲା ନାହିଁ । ଅନ୍ୟତମ ଆଡ଼ଭୋକେଟ ଶ୍ରୀନିବାସ ମହାନ୍ତି କହିଲେ ଯେ, ରାଜ୍ୟ ସରକାର ଆଇନ୍‌କୁ ଠିକ୍ ଭାବରେ କାର୍ଯ୍ୟକାରୀ ନକରିବାରୁ ବହୁ ଗରୀବ ଉଠାଦୋକାନୀମାନେ ବାଧ୍ୟ ହୋଇ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । କିନ୍ତୁ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶକୁ ସରକାର ମାନିବାକୁ ପ୍ରସ୍ତୁତ ନୁହଁନ୍ତି ।

ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ପାଣ୍ଡେ, ଧନେଶ୍ୱର ବାରିକ, ଜୟଦେବ ସାହୁ, ଭରତ ସାହୁ, କୈଳାସ ଚନ୍ଦ୍ର ସ୍ୱାଇଁ, ବିପିନ ବିହାରୀ ଜେନା, ମହମ୍ମଦ କଇଁମ୍ ଖାନ, ବିଜୟ ସେନାପତି ପ୍ରମୁଖ ପରିଚାଳନା କରିଥିଲେ । ପରିଶେଷରେ ଉଠାଦୋକାନୀ ମନୋଜ ପ୍ରଧାନଙ୍କୁ ତାଙ୍କର ଉପନ୍ୟାସ ଲେଖା ପାଇଁ 'ଉଠାଦୋକାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।

# ଶିଳ୍ପ ବିକାଶ ନାମରେ ଢିଙ୍କିଆର ସ୍ଥାନୀୟ ଲୋକଙ୍କ ଅଧିକାରକୁ ଭୂଲୁଣ୍ଠିତ କରାନଯାଉ: କିଷାନ କଂଗ୍ରେସ

ଭୁବନେଶ୍ୱର,୨୧/୧ (ନି.ପ୍ର): ଶିଳ୍ପ ବିକାଶ ନାଁରେ ନବୀନ ସରକାର ଚିର ପ୍ରାଚୁର୍ଯ୍ୟଭରା ରତ୍ନଗର୍ଭା ଓଡ଼ିଶାକୁ କ୍ରମାଗତ ଭାବେ ଲୁଟି ଚାଲିଛନ୍ତି । ପ୍ରଥମେ ଜୀବନ ଓ ଜୀବୀକା ପ୍ରତି ଗୁରୁତ୍ୱ ଦିଆଯାଇ ଶିଳ୍ପାୟନର ଚିନ୍ତା କରାଯିବା କଥା । ଢିଙ୍କିଆରେ ଦୀର୍ଘ ୨୦୦ ବର୍ଷ ଧରି ବସବାସ କରୁଥିବା ଅଧିବାସୀଙ୍କୁ ସରକାର ଉଚ୍ଛେଦ କରିବା ବିଜେଡ଼ି ସରକାରର କେବଳ କମ୍ପାନୀ ପ୍ରୀତି ଛଡ଼ା ଆଉ କିଛି ହୋଇ ନ ପାରେ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ।

ଦୁର୍ଭାଗ୍ୟର କଥା ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ୍ ଯେଉଁଭଳି ଢିଙ୍କିଆ ଶାନ୍ତିପ୍ରିୟ ଲୋକମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣ କରିଛନ୍ତି ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଏହି ସରକାରର ସବୁଠାରୁ ହୀନମନ୍ୟତାର ପରିଚୟ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିଳ୍ପ ନୀତି ଓ ସ୍ଥାନୀୟ ଜନସାଧାରଣଙ୍କ ସହିତ ବିନା ଆଲୋଚନାରେ ଯୋର ଜବରଦସ୍ତି ଭାବେ ସ୍ଥାନୀୟ ସମ୍ବଳକୁ ହରିଲୁଟ୍ କରାଯାଉଛି, ଏପରିକି ଦୀର୍ଘବର୍ଷ ଧରି ଧାନ, ପାନ, ମୀନ ଉପରେ ନିର୍ଭରକରି ଚଳି ଆସୁଥିବା ଜନସାଧାରଣଙ୍କୁ ନିର୍ଦ୍ଦୟଭାବେ ରକ୍ତାକ୍ତ କରାଯାଉଛି । ଫଳରେ ଢିଙ୍କିଆର ଲୋକମାନେ ଭୟାତୁର ବାତାବରଣ ମଧ୍ୟରେ ଜୀବନ କଟାଇବା ସହ ପୋଲିସ ଭୟରେ ଗାଁ ଛାଡ଼ି ଜଙ୍ଗଲରେ ଲୁଚିଛନ୍ତି । ସୁସ୍ଥ ଗଣତନ୍ତ୍ରରେ ଏଭଳି ଜଘନ୍ୟ ଘଟଣା ଏହି ସରକାରର ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି । ସର୍ବ ପ୍ରଥମେ ସ୍ଥାନୀୟ ଲୋକଙ୍କ ଅଧିକାରକୁ ଗୁରୁତ୍ୱ ଦିଆଯାଇ ଢିଙ୍କିଆବାସୀଙ୍କ ପ୍ରତି ଆକ୍ରମଣ କରିଥିବା ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି ।

# ଚାଖି ଖୁଂଟିଆଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଅବଦମିତ ଦେଶପ୍ରେମ ଚିରସ୍ମରଣୀୟ

ଭୁବନେଶ୍ୱର,୨୧/୧ (ନି.ପ୍ର): ବହୁ ସ୍ୱାଧୀନତା ସଂଗ୍ରାମୀଙ୍କର ଉତ୍ସର୍ଗୀକୃତ ସେବା ଓ ତ୍ୟାଗପୂର୍ଣ୍ଣ ବଳିଦାନ ଯୋଗୁଁ ଭାରତବର୍ଷ ପରାଧୀନତାର ଶୃଙ୍ଖଳରୁ ମୁକ୍ତିଲାଭ କରିଥିଲା । ସେହିପରି ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଂଟିଆ) । ୧୮୫୭ର ଐତିହାସିକ ସିପାହୀ ବିଦ୍ରୋହରେ ସାମିଲ ହୋଇ ବିପ୍ଳବୀ ଚନ୍ଦନ ହଜୁରୀ ଓଡ଼ିଶାର ଗର୍ବ ଓ ଗୌରବକୁ ଜାତୀୟ ସ୍ତରରେ ଉଚ୍ଚତମ ସୋପାନରେ ପହଂଚାଇ ପାରିଥିଲେ । ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଆହ୍ୱାନରେ ସୁଦୂର ଉତର ଭାରତରେ ଇଂରେଜମାନଙ୍କ ବିରୋଧରେ ତାଙ୍କର ଅସାଧାରଣ ବୀରତ୍ୱପୂର୍ଣ୍ଣ ରଣକୌଶଳ ପ୍ରଦର୍ଶନ ଇତିହାସର ଏକ ଚର୍ଚ୍ଚିତ ଅଧ୍ୟାୟ । ଚାଖି ଖୁଂଟିଆ ଏକାଧାରରେ ଜଣେ କବି, ମହାନ ବିପ୍ଳବୀ, ସମାଜ ସଂସ୍କାରକ ଏବଂ ଶ୍ରୀଜଗନ୍ନାଥଙ୍କର ପରମ ସେବକ ଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱ ଏବଂ ଅବଦମିତ ଦେଶପ୍ରେମ ପାଇଁ ସେ ସର୍ବଦା ଏ ଜାତିର ପ୍ରାତଃସ୍ମରଣୀୟ ।

ଆଜି ଓଡ଼ିଶାର ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଂଟିଆ)ଙ୍କ ୨୦୦ତମ ଜୟନ୍ତୀ ଅବସରରେ ରାଜ୍ୟ ସୂଚାନ ଓ ଲୋକସଂପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କଳ୍ପନାଛକଠାରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ତଥା ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ବିଭାଗ ତରଫରୁ ପ୍ରତିମୂର୍ତି ସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରାଯାଇ କୋଭିଡ୍ ମାର୍ଗଦର୍ଶିକାର ଅନୁପାଳନ ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଓ ମାନସ ରଞ୍ଜନ ଖୁଂଟିଆ, ଉପନିର୍ଦ୍ଦେଶକ ବିଶ୍ୱଜିତ୍ ଦାଶ ଓ ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଓ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ତିରୁପତି ପାଣିଗ୍ରାହୀ ଅଧ୍ୟକ୍ଷତାରେ ଲବଣଗିରି ଉନ୍ନୟନ ପରିଚାଳନା କମିଟି ଗଠିତ

ଭୁବନେଶ୍ୱର,୨୧/୧ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଜାମୁକୋଳି ଠାରେ ପ୍ରସିଦ୍ଧ ହିନ୍ଦୁ ଧର୍ମପୀଠ ଲବଣଗିରିର ଉନ୍ନୟନ ପରିଚାଳନା କମିଟି ଆଜି ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୌରହିତ୍ୟରେ ଗଠିତ ହୋଇଛି । ଏହି କମିଟିର କାର୍ଯ୍ୟକାରୀ ବୈଠକର ନିଷ୍ପତି ଅନୁଯାୟୀ କମିଟିରେ ବିଶିଷ୍ଟ ସମାଜସେବୀ ତଥା ଉଦ୍ୟୋଗ ପତି ତିରୁପତି ପାଣିଗ୍ରାହୀ ଅଧ୍ୟକ୍ଷ, ତିରୁପତି ଚୌଧୁରୀ ଉପାଧ୍ୟକ୍ଷ ଏବଂ ସଭ୍ୟ ଭାବରେ ମଧୁସୂଦନ ପାଣିଗ୍ରାହୀ, ରାକେଶ ପାଣିଗ୍ରାହୀ, ସୁରେଶ ପାଣିଗ୍ରାହୀ, କୈବଲ୍ୟ ସାମନ୍ତରାୟ, ସୁରେଶ ଗଜେନ୍ଦ୍ର, ସଂଗ୍ରାମ ରାଉତରାୟ, ସୁନିଲ ରାଉତରାୟ, ଗଜେନ୍ଦ୍ର ପ୍ରଧାନ, ଦିଲ୍ଲୀପ ବଡ଼ଜେନା, ଅନାମ ଚରଣ ସେନାପତି, ସଂଜୟ ତ୍ରିପାଠୀ, ମନୋରଞ୍ଜନ ମଲ୍ଲିଆ, ସୁକାନ୍ତ ଛୋଟରାୟ, ଜ୍ୟୋର୍ତିମୟୀ ଛୋଟରାୟ, ଶରତ ପାଇକରାୟ, ଦ୍ୱାରିକାନାଥ ପରିଡ଼ା ଓ ଜଗନ୍ନାଥ ବର ପ୍ରମୁଖ ସଭ୍ୟ ରହିଛନ୍ତି । ଏହି କମିଟିରେ ସୁଧାଂଶୁ ମୋହନ ପଟ୍ଟନାୟକ ସଂପାଦକ ରହିଥିବା ସ୍ଥଳେ ତ୍ରିଲୋଚନ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ରଖାଯାଇଛି । ବିଧାୟକ ଶ୍ରୀ ରାଉତରାୟ ଏହି କମିଟିରେ ଉପଦେଷ୍ଟା ରହିଛନ୍ତି ।

ଏହି ଲବଣଗିରି ପର୍ବତରେ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ଓ ବିମଳା ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛି । ପ୍ରତିବର୍ଷ ଏକ ହଜାରରୁ ଉର୍ଦ୍ଧ୍ୱ ଆମ୍ବ ଓ ଅନ୍ୟାନ୍ୟ ମୂଲ୍ୟବାନ ଗଛ ଆନ୍ଧ୍ରରୁ ଅଣାଯାଇ ଏଠାରେ ରୋପଣ କରିବାପାଇଁ ନିଷ୍ପତି ଗ୍ରହଣ ହେଲା । ଏହି ପାହାଡ଼ରେ ଖୁବଶୀଘ୍ର ଏକ ବୃଦ୍ଧାଶ୍ରମ ନିର୍ମାଣ ପାଇଁ ସ୍ଥିରିକୃତ ହେଲା । ମନ୍ଦିର କାର୍ଯ୍ୟ ସମାପନ, ଉଦ୍ୟାନ, ବ୍ୟାପକ ସୌନ୍ଦର୍ଯ୍ୟକରଣ, ରାସ୍ତା, ଆଲୋକିକରଣ କରାଯିବାପାଇଁ ବିଧିବଧ ଭାବରେ ଆଲୋଚନା ହେଲା । ଏହାକୁ ଓଡ଼ିଶାରେ ଏକ ଉନ୍ନତ ପର୍ଯ୍ୟଟନସ୍ଥଳୀ ଭାବରେ ନିର୍ମାଣ କରିବାକୁ ନିଷ୍ପତି ନିଆଗଲା । ଆଜି ଏହି କମିଟିର ସମସ୍ତ ସଭ୍ୟ ଏବଂ ସ୍ଥାନୀୟ ଅଭିଭାବକମାନେ ଉପସ୍ଥିତ ରହିଥିଲେ ।

# ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ତ୍ୱରାନ୍ୱିତ ହେବ: ରାଜସ୍ୱ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର,୨୧/୧ (ନି.ପ୍ର): ରାଜ୍ୟରେ ଚାଲୁ ରହିଥିବା ଜାତୀୟ ରାଜପଥର ସମ୍ପ୍ରସାରଣ କ୍ଷେତ୍ରରେ ଜମି ଅଧିଗ୍ରହଣ ଦିଗରେ ରହିଥିବା ଅସୁବିଧା ଦୂର କରିବା ସହ ନିର୍ଦ୍ଧାରିତ ସମୟରେ ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, କ୍ଷମତାସଂପନ୍ନ ଜମି ଅଧିଗ୍ରହଣ ଅଧିକାରୀ, ଜାତୀୟ ରାଜପଥ କର୍ତୃପକ୍ଷଙ୍କ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବର୍ଷାଦିନ ଆରମ୍ଭ ହେବା ପୂର୍ବରୁ ସମସ୍ତ ରାସ୍ତା କାର୍ଯ୍ୟ ସାରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିଦ୍ଦେଶ ଦେଇଛନ୍ତି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ ତଥା ଉପୁଜୁଥିବା ସମସ୍ୟାର ସମାଧାନ ଦିଗରେ ଅତିରିକ୍ତ ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର, ଜାତୀୟ ରାଜପଥ କର୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ରାସ୍ତା କାର୍ଯ୍ୟ ଅଗ୍ରଗତି ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗମନାଗମନ କ୍ଷେତ୍ରରେ ଭିତିଭୂମିର ଉନ୍ନତି ତଥା ବିକାଶ ଦ୍ୱାରା ପ୍ରଗତି ସମ୍ଭବ ଏହା ଦ୍ୱାରା ଦେଶର ତଥା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ସହାୟକ ହୋଇଥାଏ । ଏହି ସମୀକ୍ଷା ବୈଠକରେ କୋରାପୁଟ , ନବରଙ୍ଗପୁର , ଅନୁଗୁଳ , ଢେଙ୍କାନାଳ, କଟକ, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ, ମୟୂରଭଞ୍ଜ, ଦେଓଗଡ , ଖୋର୍ଦ୍ଧା , ବାଲେଶ୍ୱର, ସମ୍ବଲପୁର, ନୟାଗଡ଼ ଆଦି ଜିଲ୍ଲାର ପ୍ରାୟ ୭୦ରୁ ଅଧିକ କ୍ଷମତାସମ୍ପନ୍ନ ଜମି ଅଧିଗ୍ରହଣ ଅଧିକାରୀଙ୍କ ସହ ଏହି ସମୀକ୍ଷା ବୈଠକରେ ଆଲୋଚନା ହେଇଥିଲା । ଯଥା ଶୀଘ୍ର ଜମି ହରାଉଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ଓ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ନାମରେ ଅଧିଗ୍ରହଣ ହୋଇଥିବା ଜମିକୁ ରେକର୍ଡଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମଙ୍ଗୁଳିଠାରୁ ଅନୁଗୁଳ ପର୍ଯ୍ୟନ୍ତ ଜାତୀୟ ରାଜପଥର ଅବସ୍ଥା ଖୁବ କଦର୍ଯ୍ୟ ହୋଇପଡିଥିବା ବେଳେ ଗମନାଗମନ ଦିଗରେ ବିଭିନ୍ନ ଅସୁବିଧା ସୃଷ୍ଟି ହେଉଛି । ଏ କ୍ଷେତ୍ରରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାସ୍ତା କାର୍ଯ୍ୟ ଶେଷ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚେତାବନୀ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ମାସରେ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟର ନିୟମିତ ସମୀକ୍ଷା କରାଯିବ ।

# ନିର୍ବାଚନ ପ୍ରକ୍ରିୟା ବେଳେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୧/୧ (ନି.ପ୍ର): ନିର୍ବାଚନ ବେଳେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ କରିବାକୁ ଡିଜିପିଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଅଂଶଗ୍ରହଣ ନିମନ୍ତେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାର୍ଥୀ/ ପ୍ରାର୍ଥିନୀମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ ସମୟରେ କୋଭିଡ୍-୧୯ ନିୟମାବଳୀ ଉଲ୍ଲଂଘନ ସହ ପ୍ରବଳ ଜନଗହଳି ହେଉଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ନଜରକୁ ଆସିଛି । ନିର୍ବାଚନ କମିଶନ ଗତ ୧୫ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ-ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ଯେ ଜଣେ ଡି.ଏସ୍.ପି ପାହ୍ୟାର ପୁଲିସ ଅଧିକାରୀଙ୍କୁ କୋଭିଡ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯିବ । ପ୍ରାର୍ଥୀ/ ପ୍ରାର୍ଥିନୀମାନଙ୍କର ନାମାଙ୍କନ ପତ୍ର ଦାଖଲ ଓ ନିର୍ବାଚନୀ ବୈଠକ ସମୟରେ ହେଉଥିବା ଭିଡ଼କୁ ନିୟନ୍ତ୍ରଣ ସହ କଡ଼ାକଡ଼ି ଭାବେ କୋଭିଡ୍-୧୯ ନିୟମାବଳୀର ଅନୁପାଳନ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତାକାଲି ନାମାଙ୍କନ ଦାଖଲର ଶେଷ ଦିନ ହେଉଥିବାରୁ ନାମାଙ୍କନ ପତ୍ର ଦାଖଲବେଳେ ପ୍ରବଳ ଜନଗହଳି ହେବାର ଆଶଙ୍କା କରାଯାଉଛି । ଏହି ମର୍ମରେ ଆଜି ନିର୍ବାଚନ କମିଶନ ନାମାଙ୍କନ ପତ୍ର ଦାଖଲ ସମୟରେ ହେଉଥିବା ଭିଡ଼ ନିୟନ୍ତ୍ରଣ ସହ କୋଭିଡ୍ -୧୯ ନିର୍ଦ୍ଦେଶାବଳୀର କଡ଼ାକଡ଼ି ଅନୁପାଳନ ନିମନ୍ତେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

# ଢ଼ିଙ୍କିଆ ବିଶୃଙ୍ଖଳା ସଂପର୍କରେ ଘଟଣାର ଅନୁଧ୍ୟାନ ପାଇଁ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି ଗଠିତ

ଭୁବନେଶ୍ୱର,୨୧/୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ଢ଼ିଙ୍କିଆ ଗ୍ରାମବାସୀମାନେ ନିଜର ହକ୍ ପାଇଁ ଆନ୍ଦୋଳନ କରୁଥିବା ବେଳେ ନିରସ୍ତ୍ର ଗ୍ରାମବାସୀଙ୍କୁ ପୋଲିସ ବର୍ବରୋଚିତ ଭାବେ ଆକ୍ରମଣ କରି ଲହୁ ଲୁହାଣ କରିଛି । ବହୁ ଲୋକଙ୍କୁ ଗିରଫ କରିଛି ଏବଂ ବହୁ ପାନ ଚାଷୀଙ୍କର ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ଘଟଣାର ଅନୁସନ୍ଧାନ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଏହି କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଧ୍ୟକ୍ଷ ରହିଥିବାବେଳେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ ଆବାହକ ଭାବରେ ରହିଛନ୍ତି । କଂଗ୍ରେସ ନେତୃବୃନ୍ଦ ରାମଚନ୍ଦ୍ର ଖୁଂଟିଆ, ଡ. ଲଲାଟେନ୍ଦୁ ମହାପାତ୍ର, ନଟବର ବାରିକ, ଅରିନ୍ଦମ ସର୍ଖେଲ, ଗଣେଶ୍ୱର ବେହେରା, ଅଭିଷେକ ମହାନନ୍ଦ ଏବଂ ଅଂଶୁମାନ ମହାନ୍ତି ମଧ୍ୟ ଏହି କମିଟିରେ ରହିଛନ୍ତି ।

## ବିଜେପି ବିରୋଧରେ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୧/୧ (ନି.ପ୍ର): ନିର୍ବାଚନ ଆଦର୍ଶ ଆଚରଣବିଧି ଉଲଘଂନ ଅଭିଯୋଗରେ ବିଜେପି ବିରୋଧରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ୍ ହୋଇଛି ବିଜେଡି । ବିଜେଡିର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କୁ ଭେଟି ଖୋର୍ଦ୍ଧା ଜିଲ୍ଲାର ୩୦ ନମ୍ବର ଜୋନ୍ ର ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ସସ୍ମିତା ପତି ନାମାଙ୍କନ ବେଳେ ଆଦର୍ଶ ଆଚରଣ ବିଧି ଉଲଘଂନ କରିଥିବା ଅଭିଯୋଗ ଜଣାଇଛନ୍ତି । କୋଭିଡ କଟକଣାରେ ୫ଜଣଙ୍କୁ ନେଇ ନାମାଙ୍କନ ଭରିବାକୁ ଗାଇଡଲାଇନ୍ ଜାରି ହୋଇଛି । ତେବେ ୧୦୦ ଜଣରୁ ଅଧିକ ସମର୍ଥକଙ୍କୁ ନେଇ ସସ୍ମିତା ନାମାଙ୍କନ ଦାଖଲ କରିଥିଲେ । ଯାହାର ଭିଡିଓ ଆୟୋଗଙ୍କ ନିକଟରେ ଦାଖଲ କରିଛି ବିଜେଡି । ଏଣୁ ଏହା ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ନେବାକୁ ଆୟୋଗଙ୍କ ପାଖରେ ଅଭିଯୋଗ କରିଛି ବିଜେଡି । ଏହି ପ୍ରତିନିଧି ଦଳରେ ଲେଲିନ୍ ମହାନ୍ତି , ଶ୍ରୀମୟୀ ମିଶ୍ର, ସୁଲତା ଦେଓ , ଏଲିନା ଦାସ, ଇପସିତା ସାହୁ ପ୍ରମୁଖ ସାମିଲ ଥିଲେ ।

# କୋଭିଡ୍ ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ବନ୍ଦ କରାଯାଉ : ବିଜେପି

ଭୁବନେଶ୍ୱର,୨୧/୧ (ନି.ପ୍ର): ଶାସକ ଦଳର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ସରକାରୀ କଳର ଅପବ୍ୟବହାର କରିବା ସହ ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରି ନିର୍ବାଚନ କମିଶନଙ୍କ ପ୍ରତିନିଧି ତଥା ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ପକ୍ଷପାତିତା ଅବଲମ୍ବନ କରୁଛନ୍ତି ବୋଲି ରାଜ୍ୟ ବିଜେପି ଅଭିଯୋଗ କରିଛି । ଜିଲ୍ଲା ପ୍ରଶାସନ ଦ୍ୱାରା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଶାସକ ଦଳର ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ହେଉଛି । ଗତ କାଲି କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ଥାଇ କୋଭିଡ୍ ଟୀକାକରଣକୁ ଜିଲ୍ଲା ଟ୍ୱିଟର ଅକାଉଂଟରେ ପୋଷ୍ଟ କରାଯାଇଛି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଥିବା ବ୍ୟାନର, ପୋଷ୍ଟର, ଲିଫଲେଟ୍‌ମଧ୍ୟ ପ୍ରଦର୍ଶିତ ହେବାର ସ୍ପଷ୍ଟ ପରିଲକ୍ଷିତ ହେଉଛି । କୋଭିଡ୍ ଟୀକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ବନ୍ଦ କରାଯାଉ । ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ ଏବଂ ଏଥିରେ ସଂପୃକ୍ତ ଥିବା ସମସ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଜି ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରାଯାଇଛି । ସରକାରୀ ଅଧିକାରୀ ହୋଇ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଥିବାରୁ କେନ୍ଦୁଝର ଜିଲ୍ଲା ପ୍ରଶାସନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସରକାରୀ ଦଳକୁ ସୁହାଉଥିବା ଏଭଳି ପକ୍ଷପାତିତା ପ୍ରଚାରକୁ ରୋକିବା ପାଇଁ ବିହୀତ ପଦକ୍ଷେପ ନେବାକୁ ବିଜେପି ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରିଛନ୍ତି । ଏହି ପ୍ରସଙ୍ଗରେ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ସମସ୍ତ ତଥ୍ୟ ଓ ପ୍ରମାଣ ପ୍ରଦାନ କରିଛନ୍ତି । ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପିନାଥପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ବ୍ୟାନର (ବିଜୁ ପକ୍କାଘର), ଫାଟକ ସମ୍ମୁଖରେ ସାଇନ ବୋର୍ଡ (ବସୁଧା) ଲଗାଯାଇ ପଂଚାୟତ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରାଯାଇ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରାଯିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଯଥାଶୀଘ୍ର ଏ ସମସ୍ତ ବିଜ୍ଞାପନକୁ ଉଚ୍ଛେଦ କରିବା ପାଇଁ ପ୍ରତିନିଧି ଦଳ କମିଶନଙ୍କ ନିକଟରେ ଦାବୀ କରିଛି ।

# ଶିଶୁଙ୍କ ଅତ୍ୟଧିକ କାନ୍ଦକୁ ଅଣଦେଖା କରିବା ଉଚିତ୍ ନୁହେଁ, ଏହା ଆରିଥ୍‌ମିଆ ହୋଇପାରେ: ଏମ୍ସ ବିଶେଷଜ୍ଞ

ଭୁବନେଶ୍ୱର,୨୧/୧ (ନି.ପ୍ର): ଯଦି ଆପଣଙ୍କର ଶିଶୁ ଘଂଟା ଘଂଟା ଧରି ଲଗାତର କାନ୍ଦୁଛି ତେବେ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ । ଅଧିକାଂଶ ଏହାକୁ ହାଲୁକା ଭାବରେ ଗ୍ରହଣ କରନ୍ତି । ପେଟ କାଟୁଥିବା, କାନ ଟାଣୁଥିବା ଭଳି ଭାବନା ସହିତ କୋଲିକ୍ କିମ୍ବା ଅନ୍ୟ କିଛି ମଧ୍ୟ ଭାବନ୍ତି । କିନ୍ତୁ ଏହା ବିପଦଜନକ ଆରିଥମିଆ ହୋଇପାରେ, ଯାହା ଶିଶୁମାନଙ୍କ ପାଇଁ ପ୍ରାଣଘାତୀ ସାବ୍ୟସ୍ତ ହୋଇପାରେ । ତେଣୁ ଏଭଳି କ୍ଷେତ୍ରରେ ଶିଶୁକୁ ଷ୍ଟେଥୋସ୍କୋପ ସହାୟତାରେ ପରୀକ୍ଷା କରାଯିବା ସହିତ ହୃଦ୍‌ସ୍ପନ୍ଦନକୁ ମଧ୍ୟ ପରୀକ୍ଷା କରାଯିବା ଉଚିତ ବୋଲି ଏମ୍ସ ଭୁବନେଶ୍ୱର ନବଜାତ ଶିଶୁ (ନିଓନାଟୋଲୋଜି)ବିଭାଗର ଆସୋସିଏଟ୍ ପ୍ରଫେସର ଡ. ପଙ୍କଜ ମହାନ୍ତି ପ୍ରକାଶ କରିଛନ୍ତି । ଏମ୍ସ ଭୁବନେଶ୍ୱରରେ ଜରୁରୀକାଳୀନ ପରିସ୍ଥିତିରେ ଆରଥ୍‌ମିଆରେ ଆକ୍ରାନ୍ତ ୨୫ ଦିନର ଶିଶୁ କନ୍ୟାର ଚିକିତ୍ସା ଅବସରରେ ଏପରି ମତବ୍ୟକ୍ତ କରିଛନ୍ତି ଡ. ମହାନ୍ତି । ପ୍ରାୟ ୩ ଦିନ ହେବ ଲଗାତର କାନ୍ଦିବା ସହିତ କିଛି ଖାଉନଥିବା ଜଣେ ୨୫ ଦିନର ଶିଶୁ କନ୍ୟାଙ୍କୁ ନେଇ ତାଙ୍କ ପିତାମାତା ମଙ୍ଗଳବାର ରାତିରେ ଏମ୍ସ ଭୁବନେଶ୍ୱରକୁ ଆଣିଥିଲେ । ହସ୍‌ପିଟାଲ ଆଣିବା ସମୟରେ ଶିଶୁକନ୍ୟାଜଣଙ୍କ ଗୁରୁତର ଅବସ୍ଥାରେ ଥିଲେ । ଏମ୍ସ ଭୁବନେଶ୍ୱରକୁ ଆସିବା ପୂର୍ବରୁ ଶିଶୁର କୋଲିକ୍, ଓଟିଟିସ୍ କିମ୍ବା ସେପସିସ୍ ଭଳି ଚିକିତ୍ସା କରାଯାଇଥିଲା । ତେବେ ଏଠାକୁ ଆସିବାରେ ପରେ ନବଜାତ ଶିଶୁ ବିଭାଗର ଡ. ମହାନ୍ତିଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଶିଶୁର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ । ଏହି ସମୟରେ ଶିଶୁର ହୃଦ୍‌ସ୍ପନ୍ଦନ (ହାର୍ଟ ରେଟ୍) ୩ଶହ ବିପିଏମ୍‌ରୁ ଅଧିକ ଥିବା ଜଣାପଡ଼ିଥିଲା । ସାଧାରଣତଃ ଶିଶୁ ମାନଙ୍କ କ୍ଷେତ୍ରରେ ଏହା ୧୪୦ ବିପିଏମ୍ ରହିଥାଏ । ଏନେଇ ଶିଶୁ କନ୍ୟାଙ୍କର ତୁରନ୍ତ ଇସିଜି କରାଯାଇଥିଲା । ଏଥିରେ ଅନୁପସ୍ଥିତ ପି ତରଙ୍ଗ(ପି ୱେଭ୍) ଏବଂ ହୃଦ୍‌ସ୍ପନ୍ଦନ ୨୮୮ ଏସ୍/ ଓପିଏସ୍ ଭିଟି ପ୍ରକାଶ ପାଇଥିଲା । ଶିଶୁକୁ ତୁରନ୍ତ ଏନ୍‌ଆଇସିୟୁକୁ ନିଆଯାଇଥିଲା । ଏଥିସହିତ ଅତ୍ୟନ୍ତ ସନ୍ତର୍ପଣର ସହିତ ଦୁଇ ଡୋଜ୍ ଆଡେନୋସାଇନ୍ ପ୍ରଦାନ କରାଯାଇଥିଲା । କିନ୍ତୁ ହୃଦ୍‌ସ୍ପନ୍ଦନକୁ ସଠିକ୍ ସ୍ଥିତିକୁ ଫେରାଇଆଣିବାରେ ଏହା ସକ୍ଷମ ହୋଇନଥିଲା । ପରେ ଆମିଓଡାରୋନ୍ ପ୍ରଦାନ କରାଯାଇଥିଲା ଯାହାଫଳରେ ହୃଦ୍‌ସ୍ପନ୍ଦନ ୨୭୦କୁ ତଳକୁ ଖସିଥିଲା । ମାତ୍ର ଇସିଜିରେ ପିଏସ୍ ଭିଟି ଥିବା ଜଣାପଡ଼ିଥିଲା । ଯାହାଫଳରେ ଶିଶୁକୁ ଶକ୍ ଦିଆଯାଇଥିଲା । ଏହା ଫଳପ୍ରଦ ହୋଇଥିଲା । ହୃଦ୍‌ସ୍ପନ୍ଦନ ସାଧାରଣ ଅବସ୍ଥାକୁ ଫେରିଥିଲା । ମାତ୍ର ଏହା ପରେ ଶିଶୁକୁ ଆହୁରି ଅଧିକ ଉନ୍ନତ ଚିକିତ୍ସା ପ୍ରଦାନ କରାଯାଇଥିଲା । ୨୪ ଘଂଟା ପରେ ଶିଶୁ ସ୍ୱାଭାବିକ ହେବା ସହିତ ଉତ୍ତମ ଅବସ୍ଥାକୁ ଫେରିଥିଲା । ଉନ୍ନତ ଚିକିତ୍ସା ଫଳରେ ଶିଶୁଟି ସ୍ତନ୍ୟପାନ ମଧ୍ୟ କରିଥିଲା । ପ୍ରାୟ ୩ ଦିନ ହେବ କିଛି ଖାଉନଥିବା ଶିଶୁକନ୍ୟା ଏନ୍‌ଆଇସିୟୁରୁ ବାହାରି ଖାଇବା ସହିତ ସାଧାରଣ ବ୍ୟବହାର କରିଥିଲା । ଏମ୍ସ ହୃଦ୍ ରୋଗ ବିଭାଗର ଅତିରିକ୍ତ ପ୍ରଫେସର ଡ. ରାମଚନ୍ଦ୍ର ବାରିକ୍ ଶିଶୁର ଇକୋକାର୍ଡିଓଲୋଜି କରିବାରେ ସହଯୋଗ କରିବା ସହିତ ସ୍ଥିତି ଉପରେ ନଜର ରଖିଥିଲେ । ସେହିପରି ଡିଏମ୍ ରେସିଡେଂଟ ଡ. ପୂର୍ବାଶା ପ୍ରଥମେ ଶିଶୁ କନ୍ୟାକୁ ଦେଖିବା ସହିତ ବରିଷ୍ଠ ବିଶେଷଜ୍ଞଙ୍କୁ ସୂଚନା ଦେଇଥିଲେ ।

## ଧାନମଣ୍ଡି ଅବ୍ୟବସ୍ଥା: ଚାଷୀ ଦୂରାବସ୍ଥା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ମଣ୍ଡି ଅବ୍ୟବସ୍ଥା ଚାଷୀକୂଳକୁ ଢେର ବାଧୁଛି। ସୂଚନାମୂତାବକ ଅନୁଗୁଳ,ଭଦ୍ରଖ,କଟକ,ଦେବଗଡ,ଢେଙ୍କାନାଳ,ସୁନ୍ଦରଗଡ ଜଗତସିଂହପୁର,ଯାଜପୁର, କେନ୍ଦୁଝର,ଖୋର୍ଦ୍ଧା,ନୟାଗଡ,ପୁରୀ,ମୟୁରଭଂଜ ଆଦି ଜିଲ୍ଲାରେ ମଣ୍ଡିର ସର୍ବନିମ୍ନ ଭିତ୍ତିଭୂମି ପାଇଁ ଏଯାଏଁ ବ୍ୟବସ୍ଥା ହୋଇନଥିବା ଅଭିଯୋଗ ହେଉଛି। ରାଜ୍ୟରେ ଆରଏମସି ପରିଚାଳିତ ୩୩୬୫ ଟି କ୍ରୟ କେନ୍ଦ୍ର ମଧ୍ୟରୁ ମୋଟ ୨୦୨୬ ଟି କ୍ରୟ କେନ୍ଦ୍ରରେ ଆବଶ୍ୟକ ଗୋଦାମ ଗୃହର ଅଭାବ ରହିଛି। ସେହିଭଳି ପ୍ରାୟ ୨୫୮୨ ବିଭିନ୍ନ ସ୍ଥାନରେ ରହିଥିବା କ୍ରୟକେନ୍ଦ୍ରରେ ସର୍ବନିମ୍ନ ଆବଶ୍ୟକ ପିଣ୍ଡି ମଧ୍ୟ ନାହିଁ। ନିୟମ ଅନୁଯାୟୀ , ଟୋକନ ସହିତ ଧାନ ବିକ୍ରୟ ପାଇଁ ଧାନ ଆଣି ଆସିଥିବା ଦିନ ହିଁ ଚାଷୀଠାରୁ ଧାନ ସଂଗ୍ରହ କରାଯିବା ଉଚିତ୍। ହେଲେ ଏହି ସରକାରୀ ନିୟମ ପ୍ରାୟ କେଉଁ ଠାରେ ପାଳନ କରାଯାଉନଥିବା ଦେଖାଯାଉଛି। ଏବାବଦରେ ଓଡିଶାର ବିଭିନ୍ନ ଅଂଚଳର ଚାଷୀ ମହଲରୁ ନିରନ୍ତର ଅଭିଯୋଗ ମଧ୍ୟ ଆସୁଛି। ଓଡିଶାର ବିଭିନ୍ନ ଅଂଚଳରେ ଭିତ୍ତିଭୂମିଶୂନ୍ୟ ମଣ୍ଡି ଅବ୍ୟବସ୍ଥା ଜନୀତ କାରଣରୁ ଚାଷୀ ମଧ୍ୟ ତାର ଧାନ ବିକ୍ରୟ ପାଇଁ ଆଣି ସୁରକ୍ଷିତ ରଖାଥୁଆ କରିନପାରି ଦହଗଞ୍ଜ ହେଉଛନ୍ତି। ଗତ ୧୧ ତାରିଖରୁ ଅଦିନିଆ ବର୍ଷା ପୁଣି ଚାଷୀ ଉପରେ ଦାଉ ସାଧିବାରେ ଲାଗିଛି।

ଅସହାୟ ଚାଷୀଟି ମଣ୍ଡିରେ ବିକ୍ରୟ ପାଇଁ ଧାନ ଆଣି ଅସମୟ ବର୍ଷା ଜନୀତ କ୍ଷତିଗ୍ରସ୍ତ ହେଲେ ଏହାର ଭରଣା ପାଇଁ ରାଜ୍ୟ ସରକାରଙ୍କୁ ଚିନ୍ତା କରିବାର ଅବକାଶ ଆସିଛି। ଓଡିଶାର ସମସ୍ତ ଅଞ୍ଚଳରେ ଚାଷୀ ଓ ଚାଷକୁ ବ୍ୟବସ୍ଥିତ କରାଇ ସବୁଠାରେ ମଣ୍ଡି ଅବ୍ୟବସ୍ଥା ସୁଧାରିବା ଉଚିତ୍। ମୋବାଇଲ ସୂଚନା ମୁତାବକ ଚାଷୀକୁ ଧାର୍ଯ୍ୟ ଦିନରେ ଧାନ ବିକ୍ରୟ ପାଇଁ ଟୋକନ ମିଳିବା ଉଚିତ୍। ଟୋକନ ପାଇ ଧାନ ଧରି ମଣ୍ଡିକୁ ଆସିଥିବା ଚାଷୀଟି ଯେପରି କୌଣସି ପ୍ରକାରେ ମଣ୍ଡି ବାତିଲ ର ଶିକାର ନହୁଏ, ସେଥିପାଇଁ ମଣ୍ଡିକୁ ସୁବ୍ୟବସ୍ଥିତ କରିବାକୁ ହେବ। ମଣ୍ଡିରେ ଧାନ ରଖାଥୁଆ, କ୍ରୟ ବିକ୍ରୟ ପାଇଁ ସୁରକ୍ଷିତ ପିଣ୍ଡି ଓ ଗୋଦାମ ଗୃହର ବ୍ୟବସ୍ଥା ହେବା ଉଚିତ। ସରକାର ଯଦି ନିଜ ରାଜ୍ୟ ଅବା ଦେଶର ଚାଷୀଙ୍କ ଅମଳ ଚାଷକୁ ଯଥୋଚିତ ସମୟୋପଯୋଗୀ ସମ୍ମାନ ନଜଣାଏଁ, ତେବେ ଉଭୟ ଚାଷୀ ଓ ତାର ଚାଷର ବିକାଶ ଅବଶ୍ୟମ୍ଭାବୀ ନୁହେଁ। ନଚେତ୍ ଆହାର ମୁହଁରେ ପାହାର ଦେବା ଭଳି କାର୍ଯ୍ୟ ହେବ, ଯାହା କାହା ପାଇଁ ଶୁଭଙ୍କର ନୁହେଁ। ଏଣୁ ଏଦିଗରେ ସରକାରୀ ପଦକ୍ଷେପ ନିହାତି ଜରୁରୀ ଅଟେ।

ସ୍ତମ୍ଭକାର,ସା/ ପୋ:- ନାଟୁଣୀ, ଜିଲ୍ଲା:-ଖୋରଧା-୭୫୨୦୩୪
(୬୩୭୦୪୯୫୯୪୪)

## ରାଜଧାନୀରେ ଘନ କୁହୁଡି

ଭୁବନେଶ୍ୱର, ୨୧/୦୧ (ନି.ପ୍ର): ଶୁକ୍ରବାର ସକାଳୁ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଘନ କୁହୁଡି ଦେଖାଦେଇଛି। ସକାଳୁ ସକାଳୁ ରାଜଧାନୀ ର ବିଭିନ୍ନ ସ୍ଥାନରେ ଘନ କୁହୁଡିର ଆସ୍ତରଣ ଦେଖାଯାଇଥିଲା। ଦୃଶ୍ୟମାନ ଦୂରତା ୧୦୦ ମିଟର ରୁ କିମ୍ବା ତାଠାରୁ ଆହୁରି କମ ରହିଥିଲା। ଫଳରେ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଅପରପକ୍ଷରେ ଆଜିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନାରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର....

ଏଣୁ ଆଜି ଯେତେବେଳେ ଏହି ଦୁଇ ଅଧିକାରୀ ମନ୍ତ୍ରୀଙ୍କ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଲେ ସେହି କଥାକୁ ନେଇ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ପ୍ରୋଟୋକଲ ଜଣାନାହିଁ କହି ମନ୍ତ୍ରୀ ଚିଡ଼ି ଉଠିବା ସହିତ ସେମାନଙ୍କୁ ମାଡ଼ ମାରିଥିଲେ। ଆସିଷ୍ଟାଣ୍ଟ ଡାଇରେକ୍ଟର ଦେବାଶିଷ ମହାପାତ୍ରଙ୍କ ହାତ ଭାଙ୍ଗି ଯାଇଛି। ଆସିଷ୍ଟାଣ୍ଟ ଡାଇରେକ୍ଟର ଦେବାଶିଷ ମହାପାତ୍ର କହିଛନ୍ତି, ମନ୍ତ୍ରୀ ଆମକୁ ପ୍ରୋଟୋକଲ ଜଣାନାହିଁ ବୋଲି କହିଥିଲେ। ଆମେ କହିଥିଲୁ ନିର୍ବାଚନ ସମୟରେ ଫାଇଲ୍ ଧରି ଏଠାକୁ ଆସିବା ବି ଠିକ୍ ନୁହେଁ। ଏତିକିରେ ସେ ରାଗି ଯାଇଥିଲେ। ଜଣଙ୍କୁ ଦଳୀୟ କାର୍ଯ୍ୟାଳୟର ଶଟର ବନ୍ଦ କରିବାକୁ କହିଥିଲେ। ଶଟର ବନ୍ଦ ହେବା ପରେ ସେ ପ୍ରଥମେ ଏକ ଲୁହା ରଡ୍ ଉଠାଇଥିଲେ। ପରେ ଏକ ପ୍ଲାଷ୍ଟିକ୍ ଚୌକିରେ ମୋତେ ପିଟିଥିଲେ। ଡାଇରେକ୍ଟର ସାର୍ ତାଙ୍କୁ ଅଟକାଇବାରୁ ତାଙ୍କୁ ବି ମନ୍ତ୍ରୀ ମାଡ଼ ମାରିଥିଲେ। ଯେଉଁ ଚୌକିରେ ଆମକୁ ପିଟିଥିଲେ, ତାକୁ ପୂରା ଭାଙ୍ଗି ଦେଇଥିଲେ। ଅନ୍ୟପକ୍ଷରେ ଏହି ଅଭିଯୋଗକୁ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା। ନିର୍ବାଚନ ଥିବାରୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି। ସେମାନେ ରିଭ୍ୟୁ ପାଇଁ ଆସିଥିଲେ। ବ୍ୟସ୍ତ ଥିବାରୁ ମନା କରିଥିଲି ଓ ସେମାନେ ଫେରି ଯାଇଥିଲେ।

### ୟୁପି ଭୋଟ୍ ପାଇଁ କଂଗ୍ରେସର....

ନିଜର ରୋଜଗାର ହରାଉଛନ୍ତି । ବିଜେପି ସରକାରର ଏହି ୫ ବର୍ଷ ମଧ୍ୟରେ ପାଖାପାଖି ୧୬ ଲକ୍ଷ ଯୁବକ ସେମାନଙ୍କ ରୋଜଗାର ହରାଇଛନ୍ତି । କ୍ଷମତାକୁ ଆସିଲେ କଂଗ୍ରେସ ପ୍ରଥମେ ଏହି ବେରୋଜଗାର ଥିବା ଯୁବ ବର୍ଗଙ୍କୁ ରୋଜଗାର ଦେବାକୁ ସୁନେଲୀ ସ୍ୱପ୍ନ ଦେଖାଇଛି । ଏହି ନିର୍ବାଚନୀ ଇସ୍ତାହାର ଘୋଷଣା ସହିତ ୟୁପିର ମୁଖ୍ୟମନ୍ତ୍ରୀ ଚେହେରା ପ୍ରିୟଙ୍କା ଗାନ୍ଧୀ ହେବେ ବୋଲି ଇସାରା କରିଛନ୍ତି । ଆଗରୁ ଚାଷୀ ଓ ମହିଳାଙ୍କ ଉପରେ ଫୋକସ୍ କରି ନିର୍ବାଚନୀ ପ୍ରତିଶ୍ରୁତି ଜାରି କରିଥିଲେ ପ୍ରିୟଙ୍କା । ବର୍ତମାନ ଯୁବ ବର୍ଗଙ୍କୁ ମନେଇବାକୁ ଏପରି ୟୁଥ୍ ମାନିଫେଷ୍ଟୋ ଘୋଷଣା କରିଛନ୍ତି ।

### ଡେପୁଟେସନକୁ ନେଇ ମୁହାଁମୁହିଁ ....

କେନ୍ଦ୍ର ନିୟମ ପରିବର୍ତନ ନେଇ ଆଗ୍ରହ ଦେଖାଉଥିବାରୁ, ଯଦି ରାଜ୍ୟ ଗୁଡିକ ଅସହମତି ପ୍ରକାଶ କରନ୍ତି ତେବେ ଏନେଇ ଅଧ୍ୟାଦେଶ ବି ଆସିପାରେ । ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କୁ ନେଇ ମୋଦି-ମମତା ମୁହାଁମୁହିଁ ହୋଇଥିଲେ । ଅଲ୍ପନ ବନ୍ଦୋପାଧ୍ୟାୟଙ୍କୁ ଦିଲ୍ଲୀ ନେବାକୁ ବିଜ୍ଞପ୍ତି ଜାରି ହୋଇଥିଲା । ହେଲେ ସେ ଦିଲ୍ଲୀ ଯିବା ବଦଳରେ ନିଜ ପଦରୁ ଇସ୍ତଫା ଦେଇ ମମତାଙ୍କ ମୁଖ୍ୟ ପରାମର୍ଶଦାତା ବନିଯାଇଥିଲେ । ତେଣୁ ଆଗାମୀ ଦିନରେ ଯଦି ସବୁ ଅଧିକାର କେନ୍ଦ୍ର ନିକଟକୁ ପଳାଏ ତେବେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ସଂକଟର ସ୍ଥିତି ସୃଷ୍ଟି ହୋଇପାରେ ।

### ରାଜନୀତି ମୈଦାନରେ....

କରିଛନ୍ତି ସଂଯୁକ୍ତା ବୁଖରା । ସଂଯୁକ୍ତା ବାୟୋଇନଫର୍ମେଟିକ୍ସରେ ଏମଏସସି କରିଛନ୍ତି । କିନ୍ତୁ ଚାକିରୀ ନକରି ଗାଁ ଲୋକଙ୍କ ସେବା ପାଇଁ ରାଜନୀତିକୁ ଆସିଥିବା କହିଛନ୍ତି । ସରପଞ୍ଚ ହେବେ ଅଧ୍ୟାପିକା । ଗଙ୍ଗାଧର ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ଦୀପିକା କୁମାରୀ ବାରିକ ଚାକିରି ଛାଡି ସରପଞ୍ଚ ହେବାକୁ ନାମାଙ୍କନ ଦାଖଲ କରିଛନ୍ତି । ଗାଁର ସାମାଜିକ ଓ ଆର୍ଥୀକ ବିକାଶ ପାଇଁ ରାଜନୀତିକୁ ଆସିଥିବା କହିଛନ୍ତି ଦୀପିକା । ସେହିପରି ଅବସରପ୍ରାପ୍ତ ସିଆରପିଏଫ ଯବାନରାଜେଶ ବରଗଡ ୩ ନମ୍ବର ଜୋନରୁ ବିଜେପିରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି । ଦୁର୍ନୀତି ମୁକ୍ତ ସମାଜ ଗଠନ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି ।

## ଟେଲି ମେଡିସିନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ଷମ

ମୟୂରଭଞ୍ଜ,୨୧/୦୧ (ନି.ପ୍ର): ପିଆରଏମ୍ ମେଡିକାଲ କଲେଜ ଓ ହସପିଟାଲ୍ ପକ୍ଷରୁ ଟେଲି ମେଡିସିନ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇଛି। ଓଡିଶା ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶାନୁସାରେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ବାରିପଦା ପକ୍ଷରୁ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଏହାର ଚିକିତ୍ସା / ପ୍ରତିକାର ପାଇଁ ଟେଲି ମେଡିସିନ ସେବା ଆରମ୍ଭ ହୋଇଛି। ଏହା ଦ୍ୱାରା ରୋଗୀ / ଜନସାଧାରଣ ନିଜର ଫୋନ ଜରିଆରେ ଡାକ୍ତର ଙ୍କ ସହିତ ସିଧାସଳଖ ଯୋଗାଯୋଗ କରି ରୋଗ ଉପଚାର କରିପାରିବେ। ଏହି ଟେଲି ମେଡିସିନ ସେବା ସକାଳ ୯ ଘଟିକା ଠାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଜିଲ୍ଲାର ଜନସାଧାରଣ ଏହି ସେବାର ସୁବିଧା ଉପଯୋଗ ପାଇଁ ମୋବାଇଲ ଫୋନ ନମ୍ବର – ୭୬୫୫୦୫୧୩୦୭ ଏବଂ ୭୬୫୫୦୫୧୩୦୮ ରେ ଯୋଗାଯୋଗ କରିପାରିବେ ବୋଲି ଅଧୀକ୍ଷକ (ପିଆରଏମ୍, ଏମସିଏଚ୍) ବାରିପଦା ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କୋଭିଡ ସଚେତନତା ରଥର ଶୁଭାରମ୍ଭ

ଭୁବନେଶ୍ୱର,୨୧/୦୧(ନି.ପ୍ର): କୋଭିଡ ତୃତୀୟ ଲହର ସଂକ୍ରମଣକୁ ରୋକିବା ପାଇଁ କୋଭିଡ ଅନୁରୂପ ବ୍ୟବହାର ଗୁଡିକୁ ସଠିକ ରୂପେ ପାଳନ କରିବା ଏବଂ ସମ୍ପୂର୍ଣ୍ଣ ଟୀକାକରଣ ନିହାତି ଆବଶ୍ୟକ। ଲୋକଙ୍କ ମଧ୍ୟରେ ଏହି ଭାବନା ସଞ୍ଚାର କରିବା ଉଦ୍ଦେଶ୍ୟ ନେଇ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ(ଆରଓବି)ପକ୍ଷରୁ ଆଜି ଏକ କୋଭିଡ ସଚେତନା ରଥର ଶୁଭ ଉଦଘାଟନ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱରର



ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର, ବିଶିଷ୍ଟ ଅର୍ଥନୈତିକ ଡାଃ.ରମନ ଅଗ୍ରୱାଲା, ଭୁବନେଶ୍ୱର ସ୍ଥିତ ଇଉନିସେଫର ଜନ ସଞ୍ଚାର ପରାମର୍ଶଦାତା ସ୍ମିତା ନନ୍ଦ ଏବଂ ରୁଦ୍ର ପ୍ରସାଦ ରଥ, ପ୍ରମୋଦ ପତି ଟ୍ରଷ୍ଟ ର ସମ୍ପାଦକ ଗୋଲକ ବିହାରୀ ସିଂହ, ଶ୍ରୀଚରଣ ସଂସ୍କୃତି ଗବେଷଣା କେନ୍ଦ୍ର ତଥା ଫିଲ୍ମ ନିର୍ଦ୍ଦେଶକ ଏବଂ ପ୍ରୋଯାଜକ ସୁବାଶ ଚନ୍ଦ୍ର ରଥ ପ୍ରମୁଖ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଆସନ୍ତା ଚାରି ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ପ୍ରମୁଖ ସ୍ଥାନ ଗୁଡିକରେ ଫୋଟୋ ଚିତ୍ର ଏବଂ ଡାକବାଜି ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।

## ବାରିପଦା ୨୭ ନଂ ୱାର୍ଡରେ ପଟ୍ଟାବିହୀନ ବସ୍ତି ବାସିନ୍ଦାଙ୍କ ମେଳି



ବାରିପଦା, ୨୧/୦୧ (ନି.ପ୍ର): ସ୍ଥାନୀୟ ୨୭ ନମ୍ବର ୱାର୍ଡର ରାଣୀବନ୍ଧ ବସ୍ତିରେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ଟ୍ରଷ୍ଟ ଅନୁକୁଲ୍ୟରେ ଏକ ବୈଠକ ଟ୍ରଷ୍ଟର ସଭାପତି ନନ୍ଦକୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସରକାର ଘୋଷଣା ମୁତାବକ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ ପାଇଁ ତତ୍ପରତା ଦେଖାଉ ନଥିବାର ଅଭିଯୋଗ କରାଯାଇଛି । ଏଯାଏଁ ଅଧିକାଂଶ ବସ୍ତିରେ ପଟ୍ଟାବିହୀନଙ୍କ ସର୍ଭେ ମଧ୍ୟ ହୋଇନାହିଁ । ସରକାର ପୁଞ୍ଜିପତି ମାନଙ୍କୁ ଶହଶହ ଏକର ଜମି ଯୋଗାଇଦେଇ ପାରୁଥିବା ବେଳେ, ଭୂମୀହୀନ ଖଟିଖିଆଙ୍କୁ କେଇ ଡେ.ମି. ଜାଗା ଦେବାକୁ କୁଣ୍ଠାବୋଧ କାହିଁକି ଏବଂ ପୁଞ୍ଜିପତି ମାନଙ୍କ ପାଇଁ ଜଙ୍ଗଲ ଜମିର କିସମ ବଦଳି ପାରୁଛି ଅଥଚ ବାରିପଦା ସହରରେ ଜଙ୍ଗଲ ନଥିବା ଜଙ୍ଗଲ ଜମିର କିସମ ଖଟିଖିଆଙ୍କ ପାଇଁ କାହିଁକି ବଦଳି ପାରୁନି ବୋଲି ବସ୍ତି ବାସିନ୍ଦା ପ୍ରଶନ କରିଛନ୍ତି । ଖୁବଶୀଘ୍ର ସର୍ଭେକାର୍ଯ୍ୟ ସମାପ୍ତ କରି ସମସ୍ତଙ୍କୁ ଜମିଅଧିକାର ପ୍ରମାଣପତ୍ର ପ୍ରଦାନ କରାନଗଲେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଆଗାମୀ ଦିନରେ ବସ୍ତି ବାସିନ୍ଦା ମାନେ ଘେରାଉ କରି ପ୍ରଶ୍ନ କରିବେ ବୋଲି କହିଛନ୍ତି । ଟ୍ରଷ୍ଟର ଉପଦେଷ୍ଟା ଅଧ୍ୟାପକ ଗୋପବନ୍ଧୁ ଜନ ଜାଗରଣହିଁ ସାଧାରଣ ଜନତାଙ୍କ ସୁରକ୍ଷା ଓ ଶକ୍ତି ବୋଲି କହିଥିବା ବେଳେ, ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ନିନି ଅଧିକାରୀ, ଦେବେଶ୍ୱର ସାହୁ, ସତ୍ୟଭାମା ମାନସୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## କରୋନା କଟକଣାରେ ପାଳିତ ହେବା ସୁଭାଷ ବୋଷ ୧୨୫ ତମ ଜୟନ୍ତୀ

ଜଳେଶ୍ୱର, ୨୧/୧(ନିପ୍ର): ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୫ ତମ ଜୟନ୍ତୀ ପାଳନ ଲାଗି ସମଗ୍ର ଦେଶରେ କମିଟି ଗଠନ ହୋଇଥିବା ବେଳେ ଆଜି ଜଳେଶ୍ୱରରେ ଜୟନ୍ତୀ ପାଳିତ ହେବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ସିଦ୍ଧାନ୍ତ ନେଇଛନ୍ତି । ଗତ ଗୁରୁବାର ବାଲେଶ୍ୱର ଠାରେ ଜିଲାସ୍ତରୀୟ କମିଟି ଗଠିତ ହୋଇଥିବା ବେଳେ ଆଜି ଜଳେଶ୍ୱରରେ ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ ଦେଙ୍କ ଆବାହକତ୍ୱରେ ଏକ ବୈଠକ ଭଂଜଶ୍ରୀବିହାରଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଡ. ରମାକାନ୍ତ ଭଂଜ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲିପ ଗିରି, ଦିଲ୍ଲିପ ଗିରି, ପ୍ରତୀପ ପ୍ରଧାନ, ଡ. ଅଜିତ୍ ମହାନ୍ତି, ସିଦ୍ଧେଶ୍ୱର ପଣ୍ଡା ବନମାଳୀ ଧଳ, ଅବନୀ ଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ୨୩ତାରିଖ ୧୦ଟା ସମୟରେ ଭଂଜଶ୍ରୀ ବିହାରଠାରେ କୋଭିଡ କଟକଣା ମଧ୍ୟରେ ସୁଭାଷ ବୋଷ ଜୟନ୍ତୀ ପାଳନ ହେବ ବୋଲି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ।

## ଗୋଟିଏ ଦିନରେ ୯୮୩୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୮୩୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୮୭୨୯୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୯୭୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୮୯ ହଜାର ୦୩୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୯୭୦୨ ରହିଛି । ଆଜି ଚିହ୍ନଟ ହୋଇଥିବା ୯୮୩୩ ଜଣଙ୍କ ମଧ୍ୟରୁ ୫୬୯୯ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୩୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୪୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୧୪, ବାଲେଶ୍ୱର ଜିଲ୍ଲାରୁ ୨୮୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୨୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୨୦ , କଟକରୁ ୭୭୪ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୪୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୯୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୮୮, ଗଂଜାମ ଜିଲ୍ଲାରେ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୫୨, ଯାଜପୁରରୁ ୨୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୬୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୯୧ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୯୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧୬୮ , ଖୋର୍ଦ୍ଧାରୁ ୨୯୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୭୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୨୯୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ରାଜଧାନୀରେ ୨୪ ଘଂଟାରେ ୧୫୦୨ ପଜିଟିଭ୍

ଭୁବନେଶ୍ୱର, ୨୧/୦୧ (ନି.ପ୍ର): ରାଜଧାନୀରେ କରୋନା ସଂକ୍ରମଣ ବଢି ବଢି ଚାଲିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶୁକ୍ରବାର ଆଉ ୧୫୦୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୭୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୪୩୧ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୧୨୪୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୧୪୯୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଖଣ୍ଡଗିରି ଅଂଚଳରୁ ୧୬୩ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ପଟିଆ ଅଂଚଳରୁ ୧୩୭ ଜଣ , ନୟାପଲ୍ଲୀରୁ ୧୧୭, ଚନ୍ଦ୍ରଶେଖରପୁରରୁ ୯୩ , ଓଲ୍ଡଟାଉନ୍ ରୁ ୯୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୪୦୭୧୨ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୮୬୪୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୦୯ ରେ ପହଂଚିଛି । ବର୍ତମାନ ଆଉ ୧୦୯୩୮ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

## ୧୧୭୭ ୱାର୍ଡ ମେମ୍ବର, ୧୪୬ ସମିତି ସଦସ୍ୟ ଓ ୧୭୯ ଜଣ ସରପଂଚ ପ୍ରାର୍ଥୀ

ଜଳେଶ୍ୱର ୨୧/୧(ନି.ପ୍ର): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ତ୍ରିସ୍ତରୀୟ ନିର୍ବାଚନର ଆଜି ଶୁକ୍ରବାର ଶେଷ ଦିନ ରହିଥିଲା । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ମୋଟ ୧୧୭୭ ୱାର୍ଡମେମ୍ବର ୧୪୬ଜଣ ସରପଂଚ ଓ ୧୭୯ଜଣ ସମିତି ସଦସ୍ୟଭାବେ ସେମାନଙ୍କ ମନୋନୟନପତ୍ର ଦାଖଲ କରିଛନ୍ତି। ଏବେଠାରୁ ପ୍ରାର୍ଥୀମାନେ ଅଂକକଷା ଆରମ୍ଭ ସହିତ ଗାଁ ଗାଁରେ ଅଫିସ୍ ଖୋଲି ଭୋଟରମାନଙ୍କୁ ଆକୃଷ୍ଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଥିବାରୁ ବହୁ ସଂଖ୍ୟାରେ ପ୍ରାର୍ଥୀମାନେ ବ୍ଲକ କାର୍ଯ୍ୟାଳୟ ଓ ପଂଚାୟତ କାର୍ଯ୍ୟାଳୟରେ ଭିଡ ଜମାଇଥିଲେ। ମୁଖ୍ୟତଃ ୩ଟି ଦଳର ସମର୍ଥୀତ ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ଜଣାଯାଇଛି । ପ୍ରାର୍ଥୀମାନେ ନିର୍ବାଚନ ନିୟମକୁ ଫୁ କରି ବହୁ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସି ରୁଣ୍ଡ ହେଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ଏଥିପ୍ରତି କୌଣସି କଟକଣା ଲଗାଉ ନଥିବାରୁ ବୁଦ୍ଧିଜିବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

## ଶ୍ରୀରାମକୃଷ୍ଣ ଆଶ୍ରମ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର ଦାସଙ୍କ ପରଲୋକ

ଜଳେଶ୍ୱର ୨୧/୧(ନିପ୍ର): ଏକଦା ସୁବର୍ଣ୍ଣରେଖା ନଦୀତୀର ଜଳେଶ୍ୱରର ସେକସରାଇ କଣ୍ଟକିତ ବଣବୁଦା ପରିବେଷ୍ଟିତ ଅଂଚଳ ଥିବା ବେଳେ ପଶ୍ଚିମବଂଗର ପୂର୍ବ ମେଦିନୀପୁର ଜିଲା ଏଗ୍ରାଥାନା ଅନ୍ତର୍ଗତ ଶ୍ରୀଲାମପୁର ନିବାସୀ ପ୍ରବୀଣ ଶିକ୍ଷକ ସୁରେନ୍ଦ୍ର ନାଥ ଦାସଙ୍କ ପ୍ରଚେଷ୍ଟା ଫଳରେ ଆଜି ସେଠାରେ ଛିଡା ହୋଇଛି ଶ୍ରୀରାମକୃଷ୍ଣ ଆଶ୍ରମ, ବିବେକାନନ୍ଦ ବିଦ୍ୟାଳୟ, ମନ୍ଦିର, ସେବାସ୍ଥାନ ଇତ୍ୟାଦି । ସୁରେନ୍ଦ୍ର ବାବୁଙ୍କ ଗତ ଗୁରୁବାର ପୂର୍ବାହ୍ନରେ ୮୧ ବର୍ଷ ବୟସରେ ପରଲୋକ ହୋଇଥିବାରୁ ସେ ଆଶ୍ରମ, ବିଦ୍ୟାଳୟ, ଅନ୍ତେବାସୀ ଓ ଗାଁ ଝୁରି ହେଉଛି । ୧୯୪୧ ମସିହା ଜୁନ୍ ୬ ତାରିଖରେ ଶ୍ରୀଲାମପୁରର ଦୋଳଗୋବିନ୍ଦ ଦାସ ଓ ନିରୋଦା ଦେବୀଙ୍କ ୩ୟ ପୁତ୍ରଭାବେ ଜନ୍ମ ଗ୍ରହଣ କରିଥିଲେ ସୁରେନ୍ଦ୍ର ଦାସ । ପରେ ସ୍ନାତକ ଓ ଶିକ୍ଷକ ପ୍ରଶିକ୍ଷଣ ହୋଇ ପୂର୍ବ ମେଦନୀପୁର ଜିଲାର ବନମାଳୀ ଚଟା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ରାମକୃଷ୍ଣ ମିଶନପ୍ରତି ଆକୃଷ୍ଟ ହୋଇଥିଲେ ସେ । ଅଗାଧ ପାଣ୍ଡିତ୍ୟ, ଦର୍ଶନ ଓ ଚିନ୍ତା ଚେତନା ନେଇ ସେ ସୁବର୍ଣ୍ଣରେଖା ନଦୀତୀର ସେଖସରାଇ ଠାରେ ନିଜ ଅର୍ଜିତ ଅର୍ଥରେ ୪ଏକର ୫୫ଡିସିମିଲ ରେ ୧୯୭୧ ମସିହାରେ ଗଢିଥିଲେ ଶ୍ରୀରାମକୃଷ୍ଣ ମନ୍ଦିର । ସ୍ୱାମୀ ବିବେକାନନ୍ଦଙ୍କ ପଥକୁ ଆଦର୍ଶଭାବେ ଗ୍ରହଣ କରି ୨୦୦୧ ମସିହାରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ପ୍ରତିଷ୍ଠା କରିଥିଲେ । କିନ୍ତୁ ଆଶ୍ରମରେ ବହୁ ଗରିବ ଅନ୍ତେବାସୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ଲାଭ କରିଆସୁଥିଲେ । ବିବେକାନନ୍ଦ ଛାତ୍ରାବାସରେ ପ୍ରତିଦିନ ମଙ୍ଗଳାରତି, ସଂଧ୍ୟା ଆଳତି, ବେଦମନ୍ତ୍ର ପାଠ, ଗୀତା ପାଠ, ପୂଜା ପାଠ, ଭଜନ, କୀର୍ତ୍ତନ ଏବଂ କୃଷିକାର୍ଯ୍ୟ ପ୍ରତିଦିନ ଆନ୍ତେବାସୀଙ୍କ କର୍ତ୍ତବ୍ୟ ଥିବା ବେଳେ ସୁରେନ୍ଦ୍ର ନାଥ ଦାସ ଏହାର ନେତୃତ୍ୱ ନେଉଥିଲେ । ସେଠାରେ ମାଗଣାରେ ମହୁଚାଷ, ଆଚାର ତିଆରୀ, ପାମ୍ପଡ ତିଆରୀ, ବୃକ୍ଷରୋପଣ, ଟେଲରିଂ, ମୋବାଇଲ ମରାମତି ଇତ୍ୟାଦି ଗ୍ରାମବାସୀମାନଙ୍କ ପ୍ରଶିକ୍ଷଣ ଦିଆଯାଇ ଆସୁଥିଲା ।

## ମୟୁରଭଞ୍ଜ ରେସିଡେନସିଆଲ ସ୍କୁଲ ଓ କଲେଜ ଏସୋସିଏସନର ବନ୍ଧୁମିଳନ ଉତ୍ସବ

ବାରିପଦା, ୨୧/୦୧ (ନି.ପ୍ର): ରେସିଡେନସିଆଲ ସ୍କୁଲ ଓ କଲେଜ ଏସୋସିଏସନ ତରଫରୁ ବାରିପଦା ଷ୍ଟାଡିୟମସ୍ଥିତ ଜିଲ୍ଲା କ୍ରୀଡା ସମ୍ମିଳନୀ କକ୍ଷରେ ଏକ ବନ୍ଧୁମିଳନ ଉତ୍ସବ ଆୟୋଜିତ ହୋଇଯାଇଛି । ସଂଗଠନର ସଭାପତି ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶ୍ରୀଯୁକ୍ତ ପ୍ରଭାତ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସଂଗଠନ ପ୍ରତିଷ୍ଠା କରିବାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ମଞ୍ଚାସୀନ ସମସ୍ତ ରେସିଡେନସିଆଲ ସ୍କୁଲ ଓ କଲେଜର ନିର୍ଦ୍ଦେଶକ ବୃନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ଉତ୍ସବର ଶୁଭାରମ୍ଭ କରିଥିଲେ । ସଂଗଠନର ସଂପାଦକ ଶ୍ରୀଯୁକ୍ତ




ପ୍ରଭଞ୍ଜନ ରାଉତ ଏହି ଏସୋସିଏସନ ପ୍ରତିଷ୍ଠା କରିବାର ଲକ୍ଷ୍ୟ, ଉଦ୍ଦେଶ୍ୟ ସଂପର୍କରେ ବିଶଦ ଆଲୋଚନା କରିବା ସଂଗେ ସଂଗେ ମୟୁରଭଞ୍ଜ ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ଉତ୍ତରଣ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସଂଗଠନରେ କୋଷାଧ୍ୟକ୍ଷ ଇଂ ପ୍ରଭାସ କୁମାର ଦାସ ଆଗାମୀ ଦିନରେ ଏସୋସିୟସନର ବାର୍ଷିକ ସାମାଜିକ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଉପସ୍ଥିତ ବାରିପଦାର ବିଭିନ୍ନ ମୁଦ୍ରଣ ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସଂଗଠନ ତରଫରୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ସଂଗଠନର ଉପ-ସଭାପତି ଶ୍ରୀଯୁକ୍ତ ବିନୋଦ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସଂଗେ ସଂଗେ ଭବିଷ୍ୟତରେ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମରେ ସେମାନଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଅଧ୍ୟାପକ ବିନୋଦ ଦାସ , ଶ୍ରୀଯୁକ୍ତ ମନାସରଞ୍ଜନ ଘୋଷ, ଶ୍ରୀ ରମାକାନ୍ତ ପାତ୍ର, ଶ୍ରୀଯୁକ୍ତ ସତ୍ୟଜିତ ଗିରିଗୋସ୍ୱାମୀ , ଶ୍ରୀଯୁକ୍ତ ସୁଶାନ୍ତ କୁମାର ନାୟକ ଏବଂ ଚନ୍ଦ୍ର ମୋହନ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ଶେଷ ଦିନରେ ୭୦୪ ଜଣଙ୍କ ନାମାଙ୍କନ ପତ୍ର ଦାଖଲ

ବାଲିଆପାଳ, ୨୧/୦୧ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ଆଜି ବାଲିଆପାଳ ବ୍ଲକରେ ୭୦୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେଥିମଧ୍ୟରୁ ୮୯ ଜଣ ସରପଂଚ ୮୨ ଜଣ ସମିତି ସଦସ୍ୟ ଓ ୫୩୩ ଜଣ ଓାର୍ଡମେମ୍ବର ପ୍ରାର୍ଥି ରହିଛନ୍ତି । ଆଜି ସୁଦ୍ଧା ଏହି ବ୍ଲକରେ ୧୮୯ ଜଣ ସରପଂଚ, ୧୬୮ ଜଣ ସମିତି ସଦସ୍ୟ ଓ ୧୧୨୪ଜଣ ଓାର୍ଡମେମ୍ବର ପ୍ରାର୍ଥି ନାମାଙ୍କନପତ୍ର ଦାଖଲ କରିଛନ୍ତି । ବାଲିଆପାଳ ଓ ବିଷ୍ଣୁପୁର ପଂଚାୟତରେ ବିଜେଡିରେ ଥିବା ଗୋଷ୍ଠିକନ୍ଦଳର ସମାଧାନ ହୋଇ ଦଳରୁ ଜଣେ ଲେଖାଁଏ ସରପଂଚ ଓ ସଦସ୍ୟ ପ୍ରାର୍ଥି ନାମାଙ୍କନପତ୍ର ଦାଖଲ କରିଛନ୍ତି । ଅନ୍ୟ ପକ୍ଷରେ ଜାମକୁଣ୍ଡା, ମଧୁପୁରା, ଦେଉଳା, ଜଗତିପୁର, ବଳରାମପୁର ପ୍ରଭୃତି ପଂଚାୟତରେ ଏହି ଦଳରୁ ଏକାଧିକ ପ୍ରାର୍ଥି ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାଯାଇଛି । ସେହିପରି ଜିଲ୍ଲାପରିଷଦ ପାଇଁ ଆଜି କଂଗ୍ରେସ ଦଳ ପକ୍ଷରୁ ୨୧ ନଂ ଜୋନରେ ବିନିତାରାଣୀ ଜେନା, ୨୩ ନଂ ଜୋନରେ ସୁଶାନ୍ତ କୁମାର ପାତ୍ର ଓ ୨୪ ନଂ ଜୋନ ପାଇଁ ବାବାଜି ଦେହୁରୀ ଆଜି ବାଲେଶ୍ୱର ଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୂର୍ବରୁ ୨୨ନଂ ଜୋନ ପାଇଁ ଏହି ଦଳରୁ ମୃତ୍ୟୁଞ୍ଜୟ ଧଳ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ଗଣତନ୍ତ୍ର ଦିବସରେ କିଏ କେଉଁଠି ଉଡାଇବେ ଜାତୀୟ ପତାକା

ଭୁବନେଶ୍ୱର, ୨୧/୦୧ (ନି.ପ୍ର): କରୋନା ସଂକ୍ରମଣ ମଧ୍ୟରେ ଏଥର ରାଜ୍ୟବ୍ୟାପୀ ୭୩ତମ ଗଣତନ୍ତ୍ର ଦିବସ ପାଳନ କରାଯିବ। ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପତାକା ଉତ୍ତୋଳନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ତେବେ ରାଜ୍ୟର କେଉଁ ଜିଲ୍ଲାରେ କିଏ ପତାକା ଉତ୍ତୋଳନ କରିବେ, ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ସମ୍ବଲପୁରରେ ଜିଲ୍ଲା ସ୍ତରୀୟ ପତାକା ଉତ୍ତୋଳନ ସମାରୋହରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି କଟକରେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ନୟାଗଡ଼ରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୟୂରଭଂଜରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରଗଡ଼ରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଅନୁଗୁଳରେ ପଂଚାୟତିରାଜ ଓ ନଗର ଉନ୍ନୟନ ପ୍ରତାପ ଜେନା ଓ ସୁବର୍ଣ୍ଣପୁରରେ କୃଷି ମନ୍ତ୍ରୀ ଅରୁଣ ସାହୁ ପତାକା ଉତୋଳନ କରିବେ। ସେହିପରି କେନ୍ଦୁଝରରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି , ସୁନ୍ଦରଗଡ଼ରେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ, ନୂଆପଡାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଗଂଜାମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ମାଲକାନଗିରିରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସରକା, ରାୟଗଡ଼ାରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବାଲେଶ୍ୱରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ, ଜଗତସିଂହପୁରରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କନ୍ଧମାଳ ଠାରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ପୁରୀରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ନବରଂଗପୁରରେ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଓ କୋରାପୁଟରେ କ୍ରୀଡ଼ା ଏବଂ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଜାତୀୟ ପତାକା ଉତୋଳନ କରିବେ।

# ଇଣ୍ଡିଆ ବୁକ ଅଫ ରେକର୍ଡ଼ରେ ଓଡ଼ିଆ ଝିଅ ପରିରୂପା

ଉଦଳା, ୨୧/୦୧ (ନି.ପ୍ର): ଶ୍ରୀମଦ ଭଗବତ ଗୀତାର ଅଷ୍ଟାଦଶ ଅଧ୍ୟାୟ ୭୦୦ ଶ୍ଳୋକକୁ ମନେରଖି ଶୁଦ୍ଧ ଉଚ୍ଚାରଣ ସହ ପ୍ରାଞ୍ଜଳଭାବେ ଆବୃତ୍ତିକରି ବିସ୍ମୟ ବାଳିକା, ଗୀତା ଗାର୍ଲ ଭାବେ ପରିଚିତ ହୋଇଥିବା ଉଦଳାର ୭ ବର୍ଷର କୁନି ଝିଅ ପରିରୂପା ମହାନ୍ତ ଶିକ୍ଷକ ଦମ୍ପତିତପନ କୁମାର ଓ ମମତା ମହାନ୍ତଙ୍କର ଏକମାତ୍ର କନ୍ୟା । ସ୍ଥାନୀୟ ସରୋଜିନୀ ଏକାଡ଼େମୀ ରେ ତୃତୀୟ ଶ୍ରେଣୀରେ ପଢ଼ନ୍ତି । ଲକଡ଼ାଉନ ସମୟରେ ବିଦ୍ୟାଳୟ ବନ୍ଦ ରହୁଥିବା ସମୟରେ ଗୀତା ଅଧ୍ୟନ ଆରମ୍ଭ କରି ପାଞ୍ଚ ମାସ ମଧ୍ୟରେ ଗୀତାର ଅଷ୍ଟାଦଶ ଅଧ୍ୟାୟର ୭୦୦ ଶ୍ଳୋକକୁ ସଠିକ ଭାବେ ଉଚ୍ଚାରଣ ସହ ଆବୃତ୍ତି କରିବାରେ ସମର୍ଥ ହୋଇଥିଲେ । ଏବେ ସେ ଏକ ଘଣ୍ଟା ମଧ୍ୟରେ ୭୦୦ ଶ୍ଳୋକକୁ ଆବୃତ୍ତି କରିବାର ଦକ୍ଷତା ହାସଲ କରିପାରିଛନ୍ତି । ଯାହାକି ଉରମରଞ୍ଜଭରକ୍ସ ୧୦,୨୦୨୧ ରେ ଇଣ୍ଡିଆ ବୁକ ଅଫ ରେକର୍ଡ଼ ତରଫରୁ Youngest To Recite All Shlokas of Bhagvad in One Hour – Title ରେ ଘୋଷଣା କରାଯାଇଛି । ବିଭିନ୍ନ ସମୟରେ ବିଭିନ୍ନ କୃତି ସଂପନ୍ନ ପ୍ରତିଭା ଏହି



ରେକର୍ଡ଼ର ଅଧିକାରୀ ହୋଇଥାନ୍ତି ମାତ୍ର ଏହାଏକ ବିରଳ ପ୍ରତିଭା । ସଂସ୍କୃତ ଭାଷାରେ ଲିଖିତ ସର୍ବଶାସ୍ତ୍ରଶିରୋମଣି 'ଶ୍ରୀମଦ ଭଗବତ ଗୀତା' ଯାହାରକି ଧାର୍ମିକ ତଥା ବିଜ୍ଞାନ ସ୍ୱୀକୃତ ତତ୍ତ୍ୱଜ୍ଞାନ ସମଗ୍ର ଦେଶ, ଜାତି, ସଭ୍ୟତାକୁ ପଥଭ୍ରଷ୍ଟ ସମୟରେ ଦିଗ୍‌ଦର୍ଶନ ପ୍ରଦାନ କରିପାରୁଥିବା ଯୋଗୁ ବିଶ୍ୱବପୂଜୀତ । ଯାହାକୁ ଅଧ୍ୟୟନ କରି ବହୁ ସାଧୁସନ୍ଥ ମହାତ୍ମା ସମାଜ ସଂସ୍କାରରେ ସାମର୍ଥ ହୋଇଥାନ୍ତି । ବହୁ ପ୍ରତିଷ୍ଠିତ ବ୍ୟକ୍ତି ସଫଳତାର ମୂଳମନ୍ତ୍ର ବୋଲି ପୂଜା କରନ୍ତି । ଯେଉଁଥିପାଇଁ ଭାରତୀୟ ସଂସ୍କୃତି ଆଜି, ବିଶ୍ୱ ପୂଜିତ, ତାହାକୁ ଆଧାର କରି ଏତେ କମ ବୟସରେ ସର୍ବଭାରତୀୟ ସ୍ତରରେ ରେକର୍ଡ଼ ସୃଷ୍ଟି କରିବା କେବଳ ଅଂଚଳର ଗୌରବ ନୁହେଁ, ଓଡ଼ିଆ ଜାତିର ସମଗ୍ର ସଡ଼ିଶାର ଗର୍ବ ଓ ଗୌରବ ବୋଲି ସ୍ଥାନୀୟ ବୁଦ୍ଧିଜୀବି ମହଲରେ ଆଲୋଚନା କରାଯାଉଛି । ଏଥିପାଇଁ ପରିରୂପା ଙ୍କୁ ଏବଂ ତାଙ୍କ ପରିବାରଙ୍କୁ ଏଭଳି ଏକ ମହତ ପଦକ୍ଷେପ ପାଇଁ ପ୍ରଶଂସାର ସୁଅ ଛୁଟିଛି । କେବଳ ସେତିକି ନୁହେଁ ଗୀତାର ସାରସ୍ୱତତତ୍ତ୍ୱକୁ ବୁଝି ତାହାରି ମାଧ୍ୟମରେ ଅବକ୍ଷୟମୁଖୀ ସମାଜକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ସଭା ସମିତିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥାନ୍ତି । ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ, ଦୋଳଯାତ ଉତ୍ସବରେ ଯୋଗ ଦେଇ ପ୍ରବଚନ ମାଧ୍ୟମରେ ସମାଜ ସଂସ୍କାର ପାଇଁ କାର୍ଯ୍ୟ କରିଥାନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମୋବାଇଲ ମାଧ୍ୟମରେ ସମାଜ ସଂସ୍କାର ପାଇଁ କାର୍ଯ୍ୟ କରିଥାନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମୋବାଇଲ ମାଧ୍ୟମରେ କିଛି ଶ୍ରୋତାଙ୍କୁ ଅନଲାଇନ ମାଧ୍ୟମରେ ଗୀତା ଶୁଣାଇଥାନ୍ତି । Parirupa Vaktiarpan YOUTUBE Chanel ରେ ବିଭିନ୍ନ ଅଧ୍ୟାୟର ଶ୍ଳୋକ ଅର୍ଥ ବିଚାରର ଉପସ୍ଥାପନା କରି ରଖିଛନ୍ତି ।

## ଆସିଲା ପଞ୍ଚାୟତ ନିର୍ବାଚନ : ଜମିଲା ହାଣ୍ଡିଆ, ମହୁଲି ଓ ଘୁଷୁରୀ ମାଂସର ଆସର

ଉଦଳା, ୨୧/୦୧ (ନି.ପ୍ର): ପ୍ରତି ପାଞ୍ଚ ବର୍ଷରେ ଥରେ ଆସେ ପଞ୍ଚାୟତ ନିର୍ବାଚନ । ଏହା ଆସିଲେ ସମଗ୍ର ମୟୂରଭଞ୍ଜ ଜିଲ୍ଲା ଚଳଚଞ୍ଚଳ ହୋଇ ଉଠେ । ହାଣ୍ଡିଆ, ମହୁଲି ମଦ ସାଙ୍ଗକୁ ଘୁଷୁରୀ ମାଂସର ଆସର ବେଶ ବହୁଳ ଭାବରେ ଜମେ । ତେଣୁ ଏହାକିଛି ନୂଆକଥା ନୁହେଁ । ଏବେ ହାଣ୍ଡିଆ ପାଇଁ ଚାଉଳର ଅଭାବ ନଥିବାରୁ ଲୋକେ ଖୁବ ଆନନ୍ଦିତ । ଆସର ଜମୁଥିବା ସ୍ଥାନରେ କୁଜି ନେତା ମାନେ ମଝିରେ ମଝିରେ ସ୍ଲୋଗାନ ଦେଉଛନ୍ତି 'ଆପଣ ମାନେ ଖୁସି ତ' । ତେବେ କରୋନା ପାଇଁ ପୁଲିସର ଜୁଲୁମ ଯୋଗୁଁ ଆସର ସାମାନ୍ୟ ଫିକା ପଡ଼ି ଯାଇଛି ସତ କିନ୍ତୁ ହାଣ୍ଡିଆ ଓ ମହୁଲି ମଦର କାରବାର କମି ନାହିଁ । ମୋଟାମୋଟି ଭାବରେ ପାଞ୍ଚ ବର୍ଷରେ ଥରେ ଆସୁଥିବା ନିର୍ବାଚନର ପର୍ବକୁ ଲୋକେ ବେଶ ଧୁମ ଧାମରେ ପାଳନ କରୁଛନ୍ତି ।

## ମିଜୋରାମରେ ବିପୁଳ ପରିମାରଣର ବିସ୍ଫୋଟକ ଜବତ, ତିନିଜଣଙ୍କୁ ଗିରଫ

ଆଇଜୋଲ, ୨୧/୦୧ (ନି.ପ୍ର): ଆସାମ ରାଇଫଲ ମିଜୋରାମରେ ଭାରତ-ମିଆଁମାର ସୀମାନ୍ତ ଇଲାକାରେ ରାଷ୍ଟ୍ରବିରୋଧୀ ଗତିବିଧିର ବିରୋଧରେ ବଡ଼ ସଫଳତା ହାସିଲ କରିଛି। ବିପୁଳ ମାତ୍ରାରେ ବିସ୍ଫୋଟକ ଜବତ କରି ତିନି ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆସାମ ରାଇଫଲ ସୂତ୍ରରୁ ଶୁକ୍ରବାର ଦିନ ଏହି ସୂଚନା ଦେଇଛି। ଏହି ଅଭିଯାନ ଶୁକ୍ରବାର ଦିନ ଭାରତ-ମିଆଁମାର ସୀମାନ୍ତ ସିହା ଜିଲ୍ଲାର ଜାବଗଲିଙ୍ଗ ଗାଁ ପାଖରେ ଚଳାଯାଇଛି। ସିହା ଜିଲ୍ଲାର ଟିପା ଥାନାର ପୋଲିସ୍ ଟିମ୍ ସହିତ ଆସାମ ରାଇଫଲର ଲୁଙ୍ଗଲେଇ ବାଟାଲିୟନର ଟୁଇପାଙ୍ଗ ପୋଷ୍ଟର ଜବାନମାନେ ସଂଯୁକ୍ତ ଭାବେ ଅଭିଯାନକୁ ସଫଳ କରିଛନ୍ତି।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିରଳା ଟାୟାର୍ସ କାର୍ଯ୍ୟକ୍ଷମ ପାଇଁ ଗୁହାରି

ବାଲେଶ୍ୱର,୨୧/୦୧ (ନି.ପ୍ର): ଦୀର୍ଘ ଦୁଇବର୍ଷ ଧରି ବନ୍ଦ ରହିଥିବା ବାଲେଶ୍ୱରର ବୃହତ ଶିଳ୍ପାନୁଷ୍ଠାନ 'ବିରଳା ଟାୟାର୍ସ' କାର୍ଯ୍ୟକ୍ଷମ ପାଇଁ ନିବେଦନ କରିଛନ୍ତି ବିର୍ଲା ଟାୟାର୍ସ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୭ ଗୋଟି ଶ୍ରମିକ ସଂଗଠନ ନେତାମାନେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବେକାର ହୋଇ ଘରେ ବସିଥିବା୨୦ ହଜାରରୁ ଅଧିକ ଶ୍ରମିକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱରର ବିକାଶ ଦାୟିତ୍ୱ ନେଇଥିବା ସାଢ଼େ ୪ କୋଟି ଜନତାଙ୍କ ମୁଖିଆ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ବିରଳା ଟାୟାର୍ସ ବାବଦରେ ବହୁବାର ଜଣାଇଥିବା ସେମାନେ କହିଥିଲେ। ଏମିତିକି ଗତ ନଭେମ୍ବର ୬ ତାରିଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ ବଣ୍ଟନ ପାଇଁ ବାଲେଶ୍ୱର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସଂଗଠନଙ୍କ ପକ୍ଷରୁ ସ୍ମାରକପତ୍ର ମଧ୍ୟ ଦିଆଯାଇଥିଲା। ମାତ୍ର ଏ ବାବଦରେ ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ନେଲେ ନାହିଁ। ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ ଥିବା ବେଳେ ବାଲେଶ୍ୱରବାସୀଙ୍କ ସ୍ୱାର୍ଥ ଓ ୨୦ ହଜାର ଶ୍ରମିକଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ବିରଳା ଟାୟାର୍ସକୁ କାର୍ଯ୍ୟକ୍ଷମ ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରମିକ ସଂଗଠନର ନେତାମାନେ ଅନୁରୋଧ କରିଛନ୍ତି। ଶ୍ରମିକ ନେତା ଅରୁଣ ସ୍ୱାଇଁ, ସତ୍ୟନାରାୟଣ ଆଚାର୍ଯ୍ୟ, ଉପେନ୍ଦ୍ର ବେହେରା, ଶିବପ୍ରସାଦ ଦାସ, ଶେଖ ମଇଉଦ୍ଦିନ, ଅଶୋକ ରାଉତ, କ୍ଷୀରୋଦ ବାରିକ, ପଞ୍ଚୁ ଗୋପାଳ କୋଇଲା, ବିରଞ୍ଚି ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଆର୍ଯ୍ୟ ମହୁରିଆ, ଚିତ୍ତରଞ୍ଜନ ସାହୁ, ପ୍ରଦୀପ ନାୟକ, ଅଜୟ ବିଶ୍ୱାଳ, ପ୍ରଭାତ ବାରିକ, ରବିନାରାୟଣ ଦାସ, ଦାମୋଦର ମାସନ୍ତ, ଧୀରେନ ମିଶ୍ର, ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ବହୁ ଶ୍ରମିକ ଓ ଶ୍ରମିକ ନେତା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ଗ୍ରାମପଞ୍ଚାୟତ ଉନ୍ନୟନ ପରିଷଦର ଗଣଧାରଣା

ବାଲେଶ୍ୱର,୨୧/୦୧ (ନି.ପ୍ର): ବିଭିନ୍ନ ଦାବି ନେଇ 'ନୂଆଗାଁ, ଶେରଗଡ଼ ଓ ବିରୁଆଁ ଗ୍ରାମ ପଞ୍ଚାୟତ ଉନ୍ନୟନ ପରିଷଦ' ଏବଂ 'ଗୋଚର ସମ୍ପତ୍ତି ଓ ଜନତା ସ୍ୱାର୍ଥ ସୁରକ୍ଷା ମଞ୍ଚ'ର ମିଳିତ ଗଣଧାରଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅମୂଲ୍ୟ କୁମାର ପରିଡ଼ା, ମହେନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ନାୟକ, କନ୍ଧା ସିଂ, ବୀରେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ରାଉତ, ଚିତ୍ତରଞ୍ଜନ ଜେନା, ଗଣପତି ମଲିକ, ବୈଦ୍ୟନାଥ ମଲିକ, ଶ୍ରୀଧର ମଲିକ ପ୍ରମୁଖ ଏଥିରେ ଯୋଗଦେଇ ପ୍ରଶାସନିକ ଅବହେଳା ଓ ସରକାରୀ ଅର୍ଥର ଅପବ୍ୟବହାରକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଆଦୌ ଜନବସତି ନଥିବା ରେମୁଣା ତହସିଲ ଅନ୍ତର୍ଗତ ପଞ୍ଚାଗଡ଼ର ଉଥୁଳି ମୌଜାରେ କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ କାହା ସ୍ୱାର୍ଥରେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହି ପ୍ରକଳ୍ପକୁ ଜନବସତି ଅଞ୍ଚଳରେ ନିର୍ମାଣ ପାଇଁ ବାଲେଶ୍ୱର ଜିଲାପାଳଙ୍କଠାରେ ଦାବି କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶେଷରେ ଗଣଧାରଣା ପାଇଁ ନିଷ୍ପତ୍ତି ନିଆଯାଇଥିବା ପରିଷଦ ଓ ମଞ୍ଚର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ତେବେ ଏହା ପରେ ବି ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।ଏହି ଅବସରରେ ପରିଷଦ ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ବିଶ୍ୱରେକର୍ଡ଼ ଅଧିକାରୀ ଦିବ୍ୟାଙ୍ଗ କମଳାକାନ୍ତଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୧/୦୧ (ନି.ପ୍ର): ବିଶ୍ୱରେକର୍ଡ଼ ଅଧିକାରୀ କମଳାକାନ୍ତଙ୍କୁ ଉର୍ଜାବାନ ଓଡ଼ିଶା ପକ୍ଷରୁ ଆଜି ଉତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଦିବ୍ୟାଙ୍ଗ ଯୁବକ କମଳାକାନ୍ତ ୨୪ ଘଂଟା ମଧ୍ୟରେ ନିଜ ଟ୍ରାଇ ସାଇକେଲରେ ୨୧୫ କିଲୋମିଟର ରାସ୍ତା ଅତିକ୍ରମ କରି ଏହି ଗୌରବ ଆଣିଛନ୍ତି । ସେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଂଚଳ ନିଆଜପୁର ବାସିନ୍ଦା ଅଟନ୍ତି । ତାଙ୍କ ଗ୍ରାମକୁ ଏହି ସଂଗଠନର କର୍ମକର୍ତାମାନେ ଯାଇ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ଜିତେନ୍ଦ୍ର ପାତ୍ର, ଧନେଶ୍ୱର ପାତ୍ର, ଦୁଷ୍ମନ୍ତ ପ୍ରଧାନ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କୁଲଡିହା ଅଭୟାରଣ୍ୟରେ ହାତୀ ମୃତ୍ୟୁ ଘଟଣାରେ ୨ ଗିରଫ

ନୀଳଗିରି, ୨୧/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର କୁଲଡିହା ଅଭୟାରଣ୍ୟରେ କିଛି ବର୍ଷ ହେବ ହାତୀ ବାରମ୍ବାର ମରୁଛନ୍ତି । ହେଲେ ବନବିଭାଗ ଏହାର ସୁରାକ ପାଉ ନାହିଁ । ଜଙ୍ଗଲରେ ବସବାସ କରୁଥିବା ଲୋକଙ୍କ ନାଁରେ ମିଥ୍ୟା କେଶ ଦେଇ ବନବିଭାଗ ନିଜକୁ ବାଃବାଃ ନେଉଥିବା ଚର୍ଚ୍ଚା ହେଉଛି । କିଛିଦିନ ପୂର୍ବରୁ କୁଲଡିହା ଅଭୟାରଣ୍ୟ ହାତିଖୁଲିଆ ଅଂଚଳରେ ଏକ ହାତୀର ଗଳିତ ଶବ ଉଦ୍ଧାର କରାଯାଇଥିଲା । ହାତୀ ମୃତ୍ୟୁ ୧୫ଦିନ ପରେ ବନବିଭାଗ ପାଖରେ ସୂଚନା ମିଳିଥିଲା । ହାତୀଟି ମାଈ ହାତୀବୋଲି କହି ପଥର ଉପରୁ ଖସିଥିବା ସୂଚନା ଦେଇଥିଲେ । ପରେ ପୋଷ୍ଟମୋର୍ଟମ କରି ଘଟଣାର ଉଚ୍ଚସ୍ତରୀୟ ଯାଂଚ ହେବା ପୂର୍ବରୁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ତରବରିଆ ଭାବେ ଶବକୁ ପୋଡ଼ି ଦେଇଥିଲେ । ଏନେଇ ପରିବେଶବିତ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରିଥିଲେ । ଆଜି କୁଲଡିହା ବନବିଭାଗ ତରଫରୁ ଔପଦା



ବ୍ଲକ ଅଧୀନ ହାତିଖୁଲିଆ ଅଂଚଳର କେନ୍ଦୁପଡ଼ି ଗ୍ରାମର ୪ଲେପ ସିଂ ଙ୍କ ଦୁଇ ପୁତ୍ର ମନମୋହନ ସିଂ ଓ ମୁରଲୀଧର ସିଂ ଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ସେମାନଙ୍କ ନିକଟରୁ ଫାଶ, ଗୋଟିଏ ହାତ ତିଆରି ବନ୍ଧୁକର ପାଉଡର, ବାଟୁଳି, ସିସା ବଲ ଜବତ ହୋଇଥିବା ଜଣାପଡ଼ିଛି । ତେବେ ସେମାନେ ଏହି ହାତୀ ମୃତ୍ୟୁ ପରେ ତାଙ୍କ ଦାନ୍ତ ତାଡ଼ି ନେଇଥିବା ଅଭିଯୋଗରେ ଗିରଫ କରାଯାଇଥିବା ବନବିଭାଗ ସୂଚନା ଦେଇଛି । ତେବେ ସେମାନଙ୍କ ପାଖରୁ କୌଣସି ହାତୀଦାନ୍ତ ଜବତ କରିନାହିଁ ବନବିଭାଗ । ସେହିପରି କୁଲଡିହା ସୀମାନ୍ତ କେସିପୁର ପଂଚାୟତର ବେତକଟା ଗ୍ରାମରେ ଅଭାବନୀୟ ଘଟଣା ଗତକାଲି ରାତ୍ରରେ ଦେଖିବାକୁ ମିଳିଛି । ଏହି ଗ୍ରାମର ୪ଜଣ ବ୍ୟକ୍ତିଙ୍କ ଘରେ ବନବିଭାଗ ଅବାଧ ପ୍ରବେଶ କରି ପରିବାର ଲୋକଙ୍କ ନାହିଁ ନ ଥିବା ହଇରାଣ ହରକତ କରିଛନ୍ତି । ବିକର୍ତନ ମଢ଼େଇ ଙ୍କର ଘର ଭାଙ୍ଗିଥିବା ନେଇ ମଧ ଅଭିଯୋଗ ହୋଇଛି । ଏ ନେଇ ଗାଁରେ ଗ୍ରାମବାସୀମାନେ ଆଜି ମେଳି ବାନ୍ଧିଥିବା ବେଳେ ଗ୍ରାମବାସୀଙ୍କୁ ଶିକାରୀ ସଜାଇ ବନବିଭାଗ ଉପରିସ୍ଥ ଅଧିକାରୀଙ୍କ ଠାରୁ ବାଃ ବାଃ ନେବାରେ ବ୍ୟସ୍ତ ଥିବା କହିଛନ୍ତି । ଅଂଚଳବାସୀ କୁଲଡିହା ରେଂଜର ଏଭଳି ଅନ୍ଧାରରେ ବାଡ଼ିବୁଲାଇବା ବନ୍ଦ କରି ଜଙ୍ଗଲ ସୁରକ୍ଷା ଉପରେ ଜ୍ଞାନ ଦେବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

# ମୁନୀମେଳା କମିଟି ଏବଂ ସାଲନ୍ଦୀ ହସ୍‌ପିଟାଲ ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଭଦ୍ରକ,୨୧/୦୧(ନି.ପ୍ର): ସାର୍ବଜନୀନ ମୁନୀମେଳା କମିଟି ଓ ସାଲନ୍ଦୀ ହସ୍‌ପିଟା, ଭଦ୍ରକର ମିଳିତ ଆୟୋଜନରେ ନାଳଗରା କପିଳମୁନୀ ଆଶ୍ରମ ପଡ଼ିଆରେ ଏକ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ସାଲନ୍ଦୀ ହସ୍‌ପିଟାଲର ମୁଖ୍ୟ ଡାକ୍ତର ପ୍ରଭାସ କୁମାର ମହାନ୍ତି ଶିବିରକୁ ଉଦ୍‌ଘାଟନ କରି ଗ୍ରାମବାସୀଙ୍କ ପ୍ରତିବର୍ଷ ମକର ମହୋତ୍ସବ ଉପଲକ୍ଷେ ଏକ ସ୍ୱାସ୍ଥ୍ୟମେଳା ଆୟୋଜନ କରି ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଭଦ୍ରକ ସାଲନ୍ଦୀ ହସ୍‌ପିଟାଲର ଡାକ୍ତର ପ୍ରଭାସ କୁମାର ମହାନ୍ତି, ଡାକ୍ତର କୁନ୍ତଳା ମିଶ୍ର, ଡାକ୍ତର ସେନମ ସ୍ୱାଇଁଙ୍କ ସମେତ ଶଲ୍ୟ, ଚକ୍ଷୁ, ସ୍ତ୍ରୀରୋଗ, ଶିଶୁରୋଗ, ଭେଷଜ



ରୋଗ ବିଶେଷଜ୍ଞମାନେ ଯୋଗଦେଇ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ସାମ୍ପ୍ରତିକ କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟ ସଚେତନ ସହିତ ସାମାଜିକ ଦୂରତା, ମାସ୍କର ବ୍ୟବହାର ସଂପର୍କରେ ଲୋକମାନଙ୍କୁ ସଚେନତା କରାଯାଇଥିଲେ। କପିଳମୁନୀ କମିଟିର ଉପଦେଷ୍ଟା ଶଙ୍କରଷଣ ଦାସ, ସଂପାଦକ ପ୍ରଶାନ୍ତ କୁମାର ରାଉଳ, କୋଷାଧକ୍ଷ ପ୍ରଶାନ୍ତ କୁମାର ମାଝିଙ୍କ ସମେତ ଗ୍ରାମର ଯୁବକମାନେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

# ପଞ୍ଚାୟତ ନିର୍ବାଚନ ନାମାଙ୍କନ ପ୍ରକ୍ରିୟା ଶେଷ : ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ ଜମିବ ପ୍ରଚାର

ବାଲେଶ୍ୱର,୨୧/୦୧ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗତ ୧୭ ତାରିଖରୁ ବିଭିନ୍ନ ପଦ ନିମନ୍ତେ ଆରମ୍ଭ ହୋଇଥିବା ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଯାଇଛି। ଶେଷ ଦିନରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ଅଫିସ ଏମିତିକି ଉପ-ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀ ଓ ସମର୍ଥକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ସଭ୍ୟ ପଦ ପାଇଁ ଦଳୀୟ ଟିକଟ ଆବଶ୍ୟକ ଥିବା ବେଳେ ନାମାଙ୍କନ ସମୟରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ସମେତ ଦଳୀୟ ନେତା ଓ ସମର୍ଥକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜିଲା ପରିଷଦ ଜୋନ ପାଇଁ ବିଜେଡି, ବିଜେପି, କଂଗ୍ରେସ, ସିପିଆଇ, ସିପିଏମ ଏମିତିକି 'ଆପ'ଦଳର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଥିଲେ।



କୋଭିଡ ନିୟମ ଥିଲେ ମଧ୍ୟ ପ୍ରାୟ ପ୍ରତ୍ୟେକ ଦଳର ପ୍ରାର୍ଥୀ, ଦଳୀୟ ନେତା ଓ ସହଯୋଗୀଙ୍କ ଗହଣରେ ଶାନ୍ତିପୂର୍ଣ୍ଣ ପଦଯାତ୍ରାରେ ଆସି ଉପ-ଜିଲାପାଳଙ୍କୁ ପ୍ରାର୍ଥପତ୍ର ପ୍ରଦାନ କରିଥିଲେ। ଉପ-ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରାର୍ଥୀଙ୍କ ସମେତ କେବଳ ଜଣେ କିମ୍ବା ଦୁଇଜଣ ସମର୍ଥକ ଓ ପ୍ରସ୍ତାବକ ଯାଉଥିଲେ। ନିର୍ବାଚନ ଆୟୁକ୍ତଙ୍କ ମାର୍ଗଦର୍ଶିକା ଅନୁସାରେ ପ୍ରାଶାସନ ଓ ପୁଲିସ ପକ୍ଷରୁ ବିହୀତ ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ନାମାଙ୍କନ ପ୍ରକ୍ରିୟା ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ପ୍ରାର୍ଥୀପତ୍ର ଦାଖଲ କରୁଥିବା ପ୍ରାର୍ଥୀଙ୍କଠାରୁ ଆରମ୍ଭ କରି ଦଳୀୟ ନେତା ଓ କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଦଳର ନେତା ସମ୍ପୃକ୍ତ ଦଳର ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ନେଇ ବେଶ ଆଶାବାଦୀ ଥିଲେ। ୨୦୧୭ ନିର୍ବାଚନ ଭଳି ଚଳିତ ପଞ୍ଚାୟତ ନିର୍ବାଚନରେ ୱାର୍ଡ଼ସଭ୍ୟଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟ ପର୍ଯ୍ୟନ୍ତ ଆଶାତୀତ ସଫଳତା ମିଳିବ ବୋଲି ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା କହିଛନ୍ତି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀରେ ରାଜ୍ୟବାସୀ ଆଶ୍ୱସ୍ତ। ଏଭଳି ସ୍ଥିତିରେ ବାଲେଶ୍ୱରରେ ବିଜେଡି ପ୍ରାର୍ଥୀଙ୍କୁ ସର୍ବାଧିକ ସଫଳତା ମିଳିବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଛନ୍ତି। ସେହିଭଳି ଚଳିତ ନିର୍ବାଚନରେ ଜିଲା ପରିଷଦ ସଦସ୍ୟ ପଦରେ ବିଜେଡି ପ୍ରାର୍ଥୀଙ୍କର ଆଶାତୀତ ବିଜୟ ହେବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଅନୁରୂପ ଭାବେ କଂଗ୍ରେସ ନେତାମାନେ ବି ଦଳର ସମ୍ଭାବ୍ୟ ବିଜୟକୁ ନେଇ ଦୃଢ଼ ଆଶାବାଦୀ ଥିବା କହିଛନ୍ତି। ଓଡ଼ିଶାରେ ୨୨ ବର୍ଷର ଶାସନ କାଳରେ ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟବାସୀଙ୍କ ଜୀବନ ଧାରଣର ମାନ ହ୍ରାସ ପାଇଥିବା ବେଳେ ନାମକୁମାତ୍ର ଯୋଜନାରେ ସାଧାରଣ ଲୋକେ ଆଉ ଭୁଲିଯିବେ ନାହିଁ ବୋଲି ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି କହିଛନ୍ତି। ସେହିଭଳି ଲୋକେ ଏବେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ମତ ଦେଇଛନ୍ତି ସଦର ନିର୍ବାଚନମଣ୍ଡଳୀ ନେତା ମାନସ କୁମାର ଦତ୍ତ। ଦଳୀୟ ଭିତ୍ତିରେ ଚାଲିଥିବା ସାମ୍ପ୍ରତିକ ଶାସନ ବ୍ୟବସ୍ଥାରେ ସାଧାରଣ ଲୋକେ ଅତିଷ୍ଠ ହୋଇ ପଡ଼ିଥିବା ବେଳେ ଚଳିତ ନିର୍ବାଚନର ଫଳ ବିଜେପି ସପକ୍ଷରେ ଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିଭଳି ବାମପନ୍ଥୀ ନେତା ଓ ଆପ ଦଳର ନେତାମାନେ ବି ଦଳୀୟ ବିଜୟ ସମ୍ଭାବନାକୁ ନେଇ ଆଶାବାଦୀ ଥିବା କହିଛନ୍ତି। ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ବି ନିଜର ବିଜୟ ସମ୍ଭାବନାକୁ ଆଶାବାଦୀ ଥିବା ସୂଚନା ଦେଇଛନ୍ତି। ଲୋକଙ୍କୁ ନ୍ୟାୟ ପ୍ରଦାନ ସାଙ୍ଗକୁ ଉଚିତ ସେବା ଯୋଗାଇ ଦେବା ଆଭିମୁଖ୍ୟ ନେଇ ସେମାନେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗେଇ ଆସିଥିବା ବେଳେ ତାଙ୍କ ପ୍ରତି ଭୋଟରଙ୍କ ସମର୍ଥନ ନିଶ୍ଚିତ ରହିବ ବୋଲି ପ୍ରାର୍ଥୀମାନେ ମତବ୍ୟକ୍ତ କରିଛନ୍ତି। କୋଭିଡ କଟକଣା ସତ୍ତ୍ୱେ ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ବାଲେଶ୍ୱର ଉପ-ଜିଲାପାଳଙ୍କ ଅଫିସ ସମ୍ମୁଖ ରାସ୍ତା ଜନସମୁଦ୍ର ହୋଇଯାଇଥିବା ଦେଖିବାକୁ ମିଳିଥିଲା।

# ଶେଷ ହେଲା ନାମାଂକନ ପ୍ରକ୍ରିୟା

ନୀଳଗିରି, ୨୧/୦୧ (ନି.ପ୍ର): ନୀଳଗିରି ଉପଖଣ୍ଡରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ନାମାଂକନ ପର୍କ୍ରିୟା ଶେଷ ହୋଇଛି । ଆଜି ହେବ ଯାଂଚ । ବିଭିନ୍ନ ଦଳର ଜିଲ୍ଲାପରିଷଦ, ସରପଂଚ, ସମିତିସଭ୍ୟ, ୱାର୍ଡ ସଭ୍ୟ ପ୍ରାର୍ଥୀ ମଧ୍ୟ ନୋମିନେସନର ଶେଷ ତାରିଖରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ନୀଳଗିରି ଉପଖଣ୍ଡର ୧, ୨, ୧୧, ୧୨ ଓ ୧୩ ନଂ.ଜୋନର ଜିଲ୍ଲା ପରିଷଦ ସଭ୍ୟ ପାଇଁ ମୋଟ ୨୫ଜଣ ପ୍ରାର୍ଥୀ ବିଭିନ୍ନ ଦଳ ତରଫରୁନାମାଂକନ ପତ୍ର ଦାଖଲ କରିଛନ୍ତି । ଔପଦା ବ୍ଲକ ୧ନଂ. ଜୋନ୍ ପାଇଁ ବିଜେଡି ତରଫରୁ ମୁନୀ ସିଂ, ବିଜେପି ତରଫରୁ ରାଜେଶ କୁମାର ସିଂ, କଂଗ୍ରେସ ପକ୍ଷରୁ ସୁବସ ଚନ୍ଦ୍ର ଝରିଆଲ, ସିପିଆଇ(ଏମ) ପକ୍ଷରୁ ଚଣ୍ଡ ସିଂ, ଆମ ଆଦମି ପାର୍ଟି ପକ୍ଷରୁ ପରେଶ ରଣାସିଆ ନାମାଂକନ ପତ୍ର ଦାଖଲ କରିଛନ୍ତି । ସେହିପରି ୨ନଂ. ଜୋନରେ ବିଜେଡିରୁ ଶ୍ରଦ୍ଧାଂଜଳି ଜେନା, ବିଜେପିରୁ ଉଷାରାଣୀ ରାଉଳ, କଂଗ୍ରେସ ପକ୍ଷରୁ ବାସନ୍ତୀଲତା ବାରିକ, ସିପିଆଏମ ତରଫରୁ ଶାନ୍ତିଲତା ନାୟକ,



ସିପିଆଇ ପକ୍ଷରୁ ଅରୁଣା ବାରିକ, ସ୍ୱାଧୀନ ଭାବେ ମୋନାଲିସା ମହାନ୍ତି ନାମାକଂନ ପତ୍ର ଦାଖଲ କରିଛନ୍ତି । ସେହିପରି ନୀଳଗିରି ବ୍ଲକ ଅଧୀନ ୧୧ନଂ. ଜୋନ୍ ର ବିଜେଡି ତରଫରୁ ସୁବର୍ଣ୍ଣ ମଂଜରୀ ସିଂ, ସିପିଆଇ(ଏମ) ପକ୍ଷରୁ ରଥ ସିଂ, ବିଜେପିରୁ ଅର୍ଜୁନ ମାରାଣ୍ଡି, କଂଗ୍ରେସ ପକ୍ଷରୁ କରୁଣାକର ମାଝୀ, ବହୁଜନ ମୁକ୍ତି ପାର୍ଟି ପକ୍ଷରୁ କୁଅଁର ସିଂ, ନାମାକଂନ କରିଥିବା ବେଳେ ୧୨ନଂ. ଜୋନ୍ ରୁ ବିଜେପିରୁ ଅନିତା ସିଂ, ବିଜେଡିରୁ ରଂଜିତା ସିଂ, ସି.ପି.ଆଇ(ଏମ) ରୁ ଏଷ୍ଟରରାଣୀ ସିଂ, କଂଗ୍ରେସ ପକ୍ଷରୁ ରକ୍ମଣୀ ସିଂ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ୧୩ନଂ ଜୋନରୁ ବିଜେଡିରୁ ଗତିକୃଷ୍ଣ ନନ୍ଦ, କଂଗ୍ରେସରୁ ବିଶ୍ୱଜିତ ପଣ୍ଡା, ବିଜେପିରୁ ତାପସ ମହାନ୍ତି, ସିପିଆଇ (ଏମ) ରୁ ମନୋରଂଜନ ନାୟକ, ସ୍ୱାଧୀନ ପ୍ରାର୍ଥୀ ଗଣେଶ୍ୱର ଜେନା ନାମାଂକନ ପତ୍ର ଦାଖଲ କରିଛନ୍ତି । ସେହିପରି ନୀଳଗିରି ବ୍ଲକର ୨୫ଟି ପଂଚାୟତରେ ମୋଟ ୧୧୮ଜଣ ପ୍ରାର୍ଥୀ ସରପଂଚ ପାଇଁ ନାମାଂକନ ଦାଖଲ କରିଥିବା ବେଳେ ୧୧୭ଜଣ ସମିତିସଭ୍ୟ ପାଇଁ, ୱାର୍ଡମେମ୍ବର ପାଇଁ ୮୪୨ ଜଣ ପ୍ରାର୍ଥୀ ନାମାଂକନ ପତ୍ର ଦାଖଲ କରିଛନ୍ତି । ତେବେ ଆସନ୍ତାକାଲି ନାମାଂକନର ଯାଂଚ ପ୍ରକିୟା ହେବ। ସୂଚନାଯୋଗ୍ୟ ଆସନ୍ତା ପଂଚାୟତ ନିର୍ବାଚନରେ ନୀଳଗିରି ବ୍ଲକର ୨୫ଟି ପଂଚାୟତର ୩୫୫ଟି ବୁଥ ରୁ ମୋଟ ୯୬୪୯୧ ଜଣ ଭୋଟ ମଧ୍ୟରୁ ପୁରୁଷ ଭୋଟର ୪୭୮୨୫ଜଣ, ମହିଳା ଭୋଟର ୪୮୬୬୦ଜଣ ଓ ତୃତୀୟ ଲିଙ୍ଗ ୬ଜଣ ଭୋଟର ମତଦାନ କରିବେ ବୋଲି ନିର୍ବାଚନ ଅଫିସରଙ୍କ ସୁତ୍ରରୁ ଜଣାପଡ଼ିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo